

ହରିବଂଶ ପୁଣି ରାଜ୍ୟସଭା ଉପାଧ୍ୟକ୍ଷ

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 27 ଭାଗ ୩୪ | ସଂଖ୍ୟା ୨୭ | Saturday 18 April 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୧୮ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ବଡ଼ ଆଶ୍ୱସ୍ତି: ହର୍ମୁଜ୍ ପ୍ରଣାଳୀରୁ ହଟିଲା କଟକଣା

- ଆରାଘଚିଙ୍କ ଘୋଷଣାରେ ଟ୍ରମ୍ପ ଖୁସ୍
- ତୈଳ ମୂଲ୍ୟ ୧୦ ପ୍ରତିଶତ ହ୍ରାସ
- ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପିଛା ୮୮ ଡଲାରକୁ ଖସିଲା
- ଷ୍ଟକ୍ ବଜାରରେ ସକାରାତ୍ମକ ପ୍ରଭାବ




ତେହରାନ,୧୭।୪: ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଶୁକ୍ରବାର ଇରାନ୍ ବିଶ୍ୱ ତୈଳ ଅର୍ଥନୀତିର ପ୍ରାଣକେନ୍ଦ୍ର କୁହାଯାଉଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ମୁକ୍ତ ଘୋଷଣା କରିଛି। ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଅବ୍ବାସ୍ ଆରାଘଚି ସୋସିଆଲ ମିଡିଆ 'ଏକ୍ସ'ରେ ଏହି ଘୋଷଣା କରିଛନ୍ତି। ଇସ୍ରାଏଲ ଓ ଲେବାନନ ଭିତରେ ୧୦ଦିନିଆ ଅସ୍ତ୍ରବିରତି ଜାରି ରହିଛି। ଏହାକୁ ଆଖି ଆଗରେ ରଖି ଅସ୍ତ୍ରବିରତିର ଅବଶିଷ୍ଟ ସମୟ ପାଇଁ ହର୍ମୁଜ୍ ପ୍ରଣାଳୀକୁ ଖୋଲା ଯାଇଛି। ତେବେ ଜାହାଜଗୁଡ଼ିକୁ ଇରାନର ସାମୁଦ୍ରିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଏକ ସମନ୍ୱିତ ମାର୍ଗ ବ୍ୟବହାର କରିବାକୁ ପଡ଼ିବ ବୋଲି ଆରାଘଚି ତାଙ୍କ 'ଏକ୍ସ' ପୋଷ୍ଟରେ ସ୍ପଷ୍ଟ କରିଦେଇଛନ୍ତି। ଆରାଘଚିଙ୍କ ଘୋଷଣା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଖୁସି ବ୍ୟକ୍ତ କରିଛନ୍ତି। ଟ୍ରୁଥ ସୋସିଆଲରେ ସେ ଇରାନର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି। ଏଥିସହ ତେହରାନ ସହ ଆନୁଷ୍ଠାନିକ ଚୁକ୍ତି ନ ହେବା ପର୍ଯ୍ୟନ୍ତ ଇରାନର ବନ୍ଦରଗୁଡ଼ିକରେ ଆମେରିକାର ନୌସେନା ଅବରୋଧ ଜାରି ରହିବ ବୋଲି ଟ୍ରମ୍ପ୍ ନିଶ୍ଚିତ କରିଛନ୍ତି। ଇରାନ ହର୍ମୁଜ ପ୍ରଣାଳୀକୁ ମୁକ୍ତ କରିବ ବୋଲି ଘୋଷଣା ପୃଷ୍ଠା-୬

# ଫେଲ୍ ମାରିଲା ମହିଳା ସଂରକ୍ଷଣ ବିଲ୍

- ସମର୍ଥନ ଯୋଗାଡ଼ରେ ଏନ୍‌ଡିଏ ବିଫଳ
- ବିଲ୍ ପାସ୍ ପାଇଁ ଆବଶ୍ୟକ ଥିଲା ୩୨୬ ଭୋଟ୍
- ସପକ୍ଷରେ ୨୯୮ ଓ ବିପକ୍ଷରେ ମିଳିଲା ୨୩୦ ଭୋଟ୍
- ବିରୋଧୀଙ୍କ ଅଭିଯୋଗ, ମହିଳାଙ୍କୁ ଢାଲ କରାଯାଇଛି
- ଐତିହାସିକ ସୁଯୋଗକୁ ହାତଛଡ଼ା କଲେ ବିରୋଧୀ: ରିଜିଜୁ
- ସଂସଦ ବାହାରେ ଏନ୍‌ଡିଏ ମହିଳା ସାଂସଦଙ୍କ ପ୍ରତିବାଦ




ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ): ଲୋକସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ଲାଗିଛି ବଡ଼ ଝଟକା। ଲୋକସଭାରେ ଏନଡିଏ ସରକାର ମହିଳା ସଂରକ୍ଷଣ ବିଲ୍ ପାରିତ କରିବାରେ ବିଫଳ ହୋଇଛି। ୧୩୧ତମ ସମ୍ବିଧାନ ବିଲ୍ ଜରିଆରେ କେନ୍ଦ୍ର ସରକାର ତତ୍କାଳ ମହିଳା ସଂରକ୍ଷଣ ବିଲ ଲାଗୁ କରିବାକୁ ଲକ୍ଷ୍ୟ ରଖିଥିଲେ। ମହିଳା ସଂରକ୍ଷଣକୁ ସୀମା ପୁନଃ ନିର୍ଦ୍ଧାରଣ ସହ ଯୋଡ଼ି ସଂସଦରେ ଉପସ୍ଥାପିତ ହୋଇଥିଲା।

ହେଲେ ଏହି ବିଲ୍ ଲୋକସଭାରେ ଆବଶ୍ୟକ ଦୁଇ-ତୃତୀୟାଂଶ ମତ ହାସଲ କରିପାରିନାହିଁ। ଭୋଟିଂରେ ୫୨୮ ଜଣ ସାଂସଦ ସାମିଲ ହୋଇଥିଲେ। ସମ୍ବିଧାନ ସଂଶୋଧନ ବିଲ୍ ସପକ୍ଷରେ ୨୯୮ ଖଣ୍ଡ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ୨୩୦ ଖଣ୍ଡ ଭୋଟ ପଡ଼ିଛି। ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହେବାକୁ ମୋଟ ୩୨୬ ଖଣ୍ଡ ଭୋଟ୍‌ର ଆବଶ୍ୟକ ଥିଲା। କିନ୍ତୁ ଏନ୍‌ଡିଏ ଏହି ସଂଖ୍ୟକ ଭୋଟ୍ ହାସଲ କରିବାରେ ବିଫଳ ହୋଇଛି। ଏଥିଯୋଗୁ ସମ୍ବିଧାନ ସଂଶୋଧନ ବିଲ୍ ଲୋକସଭାରେ ଗୃହୀତ ହୋଇପାରିନାହିଁ।

୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌ରେ ସରକାର ରାଜ୍ୟମାନଙ୍କ ପାଇଁ ସୀମା ପୁନଃନିର୍ଦ୍ଧାରଣ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍ ୨୦୨୬ ମଧ୍ୟ ଆଣିଥିଲେ। ସମ୍ବିଧାନ ସଂଶୋଧନ ବିଲ୍ ସହ ଏହାକୁ ଯୋଡ଼ାଯାଇଥିଲା। ହେଲେ ସମ୍ବିଧାନ ସଂଶୋଧନ ବିଲ ପାରିତ ହୋଇପାରି ନ ଥିବାରୁ ଉଭୟ ବିଲ୍‌କୁ ମଧ୍ୟ ସରକାର ଆଗକୁ ଆଉ ବଢ଼ାଇବାକୁ ମନା କରି ଦେଇଥିଲେ। ଅର୍ଥାତ କେନ୍ଦ୍ର ସରକାର ଆଣିଥିବା ୩ଟିଯାକ ବିଲ ଲୋକସଭାର ଅନୁମୋଦନ ହାସଲ କରିପାରିନାହିଁ। ବାଚସ୍ପତି ଓମ ପୃଷ୍ଠା-୬

## ସାର କଳାବଜାରୀ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ୭ସୂତ୍ରୀ ଫର୍ମୁଲା

# ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ

- କଳାବଜାରୀ ପ୍ରମାଣ ମିଳିଲେ ବାତିଲ ହେବ ଲାଇସେନ୍ସ
- ବେଆଇନ ଚାଲାଣ ରୋକିବାକୁ ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି
- ଶିଳ୍ପ ଅପବ୍ୟବହାର ଉପରେ ରୋକ ଲଗାଇବାକୁ ପରାମର୍ଶ
- ସବୁ ପଞ୍ଚାୟତରେ ଗଠନ ହେବ ନୀରିକ୍ଷଣ ସମିତି
- ମିଶନ ମୋଡରେ ହେବ ଚାଷୀଙ୍କ ଡିଜିଟାଲ ପଞ୍ଜିକରଣ
- ସାର ବିକ୍ରୟ କେନ୍ଦ୍ରରେ ଷ୍ଟକ ଓ ଦାମ ସମ୍ପର୍କରେ ମିଳିବ ତଥ୍ୟ



ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଣ୍ଟନ ଉପରେ ସମୀକ୍ଷା କରି ସାରର ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକ ଚାଷୀ, କ୍ଷୁଦ୍ର ହୁଅନ୍ତୁ ବା ନାମମାତ୍ର, ସମସ୍ତେ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ, ତାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧଜନିତ ପରିସ୍ଥିତି ଯୋଗୁ ସାର ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଛି। ତେଣୁ ଖରିଫ ଋତୁରେ ଯେପରି ଚାଷୀ ଉଚିତ ମୂଲ୍ୟରେ ଆବଶ୍ୟକତା ଅନୁଯାୟୀ ସାର ପାଇବେ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଜି ଜିଲ୍ଲାପାଳମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାରର ଉପଲବ୍ଧତା ସମ୍ପର୍କରେ ଉପସ୍ଥାପନା ରଖି କହିଥିଲେ ଚଳିତ ବର୍ଷ କେନ୍ଦ୍ର ସରକାର ୧୧ ଲକ୍ଷ ୪୨ ହଜାର ୯୫୦ ମେଟ୍ରିକ ଟନର ସାର ଯୋଗାଇଦେବେ। ଏପ୍ରିଲ ମାସ ପାଇଁ ୭୯,୬୩୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବା ବେଳେ ଏପ୍ରିଲ ୧୫ ସୁଦ୍ଧା ୩ ଲକ୍ଷ ୬୧ ହଜାର ୪୯୦ ମେଟ୍ରିକ ଟନ ସାର ଉପଲବ୍ଧ ଅଛି। ରାଜ୍ୟରେ ସାର ପୃଷ୍ଠା-୬

## ନାଗରିକ ମଞ୍ଚ ନାଁରେ ଭିନ୍ନ ରାଜନୀତିର ମୂଳଦୁଆ

# ନୂଆ ପରୀକ୍ଷାଗାରକୁ ଯାଉଛନ୍ତି ବିଜୁ ଅନୁଗତ

- ସରକାର ଓ ବିରୋଧୀଙ୍କ ପାଇଁ ହେବ ସତର୍କ ଘଣ୍ଟି
- ବିଜୁଙ୍କ ଘର ଜାତୀୟ ସମ୍ପତ୍ତି, ଟ୍ରଷ୍ଟ ନେଇ ପାରିବନି
- ବିଜୁଙ୍କ ଡ୍ରାଇଭର, ରୋଷେୟାଙ୍କ ପରିବାର ସମ୍ମାନିତ



ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଗୁରୁ କରି ରାଜନୀତି ଆରମ୍ଭ କରିଥିବା ନେତାମାନେ ଆଜି ତାଙ୍କ ୨୯ତମ ଶ୍ରାଦ୍ଧ ଦିବସରେ ପୁଣି ଥରେ ତାଙ୍କ ଆଦର୍ଶକୁ ଆଧାର କରି ଏକ ଭିନ୍ନ ଢଙ୍ଗର ରାଜନୀତିର ମୂଳଦୁଆ ପକାଇଛନ୍ତି। ନାଗରିକ ମଞ୍ଚ ପକ୍ଷ କୌଣସି ରାଜନୈତିକ ଦଳ ନୁହେଁ କି ଏହାର କୌଣସି ନିର୍ବାଚନୀ ଇସ୍ତାହାର ନାହିଁ। କିନ୍ତୁ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଭାଷାରେ ରାଜନୀତି ହେଉଛି ଜୀବନର ଏକ ପରୀକ୍ଷା ଭଳି। ତେଣୁ ଏହି ମଞ୍ଚ କିଛି ବରିଷ୍ଠ ରାଜନେତାଙ୍କ ପାଇଁ ଏକ ପରୀକ୍ଷାଗାର ସଦୃଶ।

ବିଜୁ ପଟ୍ଟନାୟକଙ୍କ ମୃତ୍ୟୁ ପରେ ତାଙ୍କ ନାଁରେ ଦଳ ଗଠନ କରାଯାଇ ତାଙ୍କ ଆଦର୍ଶ ଓ ନୀତିକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ରାଜନୈତିକ ଗୋଟି ଚାଳନାରେ ବିଜୁ ଅନୁଗତ ବା ବିଜୁ ଲିଗାସୀଙ୍କ ସେଇ ଉଦ୍ୟମ ଏକଦା ଫେଲ ମାରିଥିଲା। ଏବେ ପୁଣି ଥରେ ବିଜୁବାବୁଙ୍କ ସହ ରାଜନୀତି କରିଥିବା, ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା ଏବଂ ତାଙ୍କ ବିରୋଧରେ ନିର୍ବାଚନ ଲଢ଼ି ତାଙ୍କ ଆଦର୍ଶରେ ପ୍ରଭାବିତ ହୋଇଥିବା ସବୁ ସ୍ତରର ନେତାମାନେ ଗୋଟିଏ ଲକ୍ଷ୍ୟ ନେଇ ଆଜି ତାଙ୍କ ଶ୍ରାଦ୍ଧ ଦିବସରେ ଏକାଠି ହୋଇଥିଲେ। ପୃଷ୍ଠା-୬

# ଓଡ଼ିଶାର ବିଜୟ: ମାନସ



ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ): ଆଜି ସଂସଦରେ ମହିଳା ସଂରକ୍ଷଣ ବିଲ୍ ନୁହେଁ, ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଜରିଆରେ ଆସିଥିବା ସୀମା ପୁନଃନିର୍ଦ୍ଧାରଣ ବିଲ୍ ସଂସଦରେ କାଟ ଖାଇଛି। ଏହା ଓଡ଼ିଶା ଭଳି ରାଜ୍ୟ ଯେଉଁମାନେ ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ଥିଲା ସେମାନଙ୍କ ବିଜୟ ହୋଇଛି ବୋଲି ଆଜି ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ କହିଛନ୍ତି। ବିଲ୍ ସଂସଦରେ କାଟ ଖାଇବା ପରେ ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରତିକ୍ରିୟା ରଖି ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗର ଅତି ସ୍ପଷ୍ଟ ଆଭିମୁଖ୍ୟ ଗ୍ରହଣ କରିଥିଲେ। ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ସେ ରାଜ୍ୟର ସବୁ ସାଂସଦଙ୍କୁ ଚିଠି ଲେଖିଥିଲେ। ଦୁର୍ଭାଗ୍ୟଜନକ ଭାବେ ରାଜ୍ୟର ୨୦ ଜଣ ବିଜେପି ସାଂସଦ ଲୋକସଭାରେ ଏହି ପ୍ରସଙ୍ଗରେ ସ୍ୱର ଉଠାଇବାରେ ବିଫଳ ହୋଇଥିଲେ ବୋଲି ସେ କହିଛନ୍ତି। ସର୍ବୋପରି ରାଜ୍ୟ ସ୍ୱାର୍ଥର ବିଜୟ ହୋଇଛି। ସଂସଦରେ ବିଜେଡିର ସଂଖ୍ୟା କମ୍ ପୃଷ୍ଠା-୬

# ସଂସଦୀୟ ଦଳରେ ଫାଟ ଜଳ ଜଳ ଦିଶିଲା

- ବିଜୁବାବୁଙ୍କ ଶ୍ରାଦ୍ଧ ଦିବସକୁ ଗଲେନି ନବୀନ
- ଯୋଗଦେଲେ ୩ ସାଂସଦ, ୨ ପୂର୍ବତନ ସାଂସଦ



ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ): ବିଜୁ ଶ୍ରାଦ୍ଧ ଦିବସରେ ବିଜେଡି ସଂସଦୀୟ ଦଳରେ ଫାଟ ଜଳ ଜଳ ହୋଇ ଦିଶିଲା। ସଂସଦୀୟ ଦଳ ଡାକିଥିବା ବିଜୁ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମକୁ ଗଲେନି ସବୁ ସାଂସଦ। ମାତ୍ର ତିନି ଜଣ ବର୍ତ୍ତମାନର ସାଂସଦ ଓ ଦୁଇ ଜଣ ପୂର୍ବତନ ସାଂସଦ ଯୋଗଦେଇଥିଲେ। ଦିଲ୍ଲୀର ଅନ୍ୟ କିଛି ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିଲ୍ଲୀରେ ଥିବା ସତ୍ତ୍ୱେ କନଷ୍ଟିଚ୍ୟୁସନ କ୍ଲବ୍‌ରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସେ ଯୋଗ ଦେଲେ ନାହିଁ। ଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବ୍‌ରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମର ଫଟୋ ବିଜେଡି ଗଣମାଧ୍ୟମରେ ଶେୟାର କରିଛି। ଆଉ ବିଜେଡି ଜାରି କରିଥିବା ଏହି ଫଟୋ ହିଁ ସଂସଦୀୟ ଦଳରେ ଥିବା ଫାଟକୁ ବୟାନ କରୁଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ନବୀନ ପଟ୍ଟନାୟକ ଯୋଗଦେବେ ବୋଲି ସଂସଦୀୟ ଦଳ ପକ୍ଷରୁ ଗତକାଲି ଜାରି ହୋଇଥିବା ନିମନ୍ତ୍ରଣପତ୍ରରେ ଉଲ୍ଲେଖ କରାଯାଇଥିଲା। ଏପରିକି ଏହି ନିମନ୍ତ୍ରଣପତ୍ରରେ କିଏ ମୁଖ୍ୟ ଅତିଥି, କିଏ ମୁଖ୍ୟ ବକ୍ତା କିମ୍ବା ଅନ୍ୟ ବରେଣ୍ୟ ଅତିଥିଙ୍କ ନାମ ମଧ୍ୟ ପ୍ରକାଶ କରାଯାଇ ନ ଥିଲା।

ନବୀନ ପଟ୍ଟନାୟକ ଆଜି ପୂର୍ବାହ୍ନରେ ଭୁବନେଶ୍ୱର ଶଙ୍ଖ ଭବନରେ ଆୟୋଜିତ ହୋଇଥିବା ବିଜୁ ଶ୍ରାଦ୍ଧ ଦିବସରେ ଦିଲ୍ଲୀରୁ ଆଭାସୀ ମାଧ୍ୟମରେ ଯୋଗ ଦେଇ ଦଳର ନେତାଙ୍କୁ ସମ୍ବୋଧିତ କରିଥିଲେ। ହେଲେ ସଂସଦୀୟ ଦଳ ପୃଷ୍ଠା-୬

# ସିରିଞ୍ଜରୁ ବ୍ୟାପିଲା ଭୂତାଣୁ

## ପାକିସ୍ତାନରେ ୩୩୧ ପିଲା ଏଚ୍‌ଆଇଭି ପଜିଟିଭ୍

ଇସଲାମାବାଦ,୧୭।୪(ସଂଚାର ବ୍ୟୁରୋ): ପାକିସ୍ତାନରେ ଏବେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ସରକାରୀ ଡାକ୍ତରଖାନାର ଗୁରୁତର ଅବହେଳା କାରଣରୁ ୩୩୧ ଜଣ ପିଲା ଏକକାଳୀନ ଘାତକ ଏଚ୍‌ଆଇଭି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଅଭିଯୋଗ ଆସିଛି। ପାକିସ୍ତାନର ପଞ୍ଜାବ ପ୍ରଦେଶର ଟାଉନସା ସହରରେ ଏପରି ଅଘଟଣ ଘଟିଛି। ଏହି ମାମଲାଗୁଡ଼ିକ ଗତ ୨୦୨୪ ନଭେମ୍ବରରୁ ୨୦୨୫ ଅକ୍ଟୋବର ମଧ୍ୟରେ ରିପୋର୍ଟ କରାଯାଇଥିଲା। ଟିଏଚ୍‌କ୍ୟୁ ଟାଉନସା ହସ୍ପିଟାଲରେ ଗୋଟିଏ ସିରିଞ୍ଜ୍ ବାରମ୍ବାର ବ୍ୟବହାର କରାଯାଇଥିବାରୁ ଉକ୍ତ ସିରିଞ୍ଜ୍ ଯୋଗେ ଏଚ୍‌ଆଇଭି ଭୂତାଣୁ ସଂକ୍ରମିତ ହୋଇଥିବା ଅନୁମାନ କରାଯାଉଛି। ଏହି କାରଣରୁ ଏକକାଳୀନ ଏତେ ସଂଖ୍ୟକ ପିଲା ସଂକ୍ରମିତ ହୋଇଥିବା ଅଭିଯୋଗ ହୋଇଛି। ଜଣେ ୮ ବର୍ଷୀୟ ବାଳକର ମୃତ୍ୟୁ ପରେ ଏହି ଘଟଣା ସାମ୍ନାକୁ ଆସିଛି। ତାଙ୍କ ଭଉଣୀ ମଧ୍ୟ ଘାତକ ପୃଷ୍ଠା-୬






# 'ବିଜୁ ଲିଗାସୀ' ରାଜନୀତି ନେତାଙ୍କ ପାଇଁ ସଞ୍ଜୀବନୀ



ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ): ବିଜୁ ଲିଗାସୀ ରାଜନୀତି ଏବେ କିଛି ନେତାଙ୍କ ପାଇଁ ସଞ୍ଜିବନୀ ପାଲଟିଛି। ଓଡ଼ିଶା ଲୋକଙ୍କ ଜନମାନସରୁ ଧିରେ ଧିରେ ଅପସରି ଯାଉଥିବା ଏହି ନେତାମାନେ ବିଜୁଙ୍କ ନାଁରେ ଏକାଠି ହୋଇ ଆଉ କିଛିଦିନ ରାଜନୀତି ପାଇଁ ଅଣ୍ଟା ଭିଡ଼ିଥିବାବେଳେ ଏମାନେ କେତେଦୂର ସଫଳ ହେବେ ତାହା ଉପରେ ସମସ୍ତଙ୍କ ନଜର।

ବିଜୁଙ୍କ ଶ୍ରାଦ୍ଧବାର୍ଷିକରେ ନିଜକୁ ବିଜୁ ଲିଗାସୀ ବୋଲି କହୁଥିବା ବହୁ ନେତା ଆଜି ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ସେମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ପୂର୍ବତନ ସରକାରୀ ମୁଖ୍ୟ ସଚେତକ ରବି ପାଣି, ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ, ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା, ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲ, ପୁରୀର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରମୁଖ ଗତ କିଛି ବର୍ଷ ହେଲା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ରାଜନୀତିରେ ନ ଥିଲେ। ଏମାନେ ଏକପ୍ରକାର ରାଜନୀତିରୁ ଦୂରେଇ ଯାଇଥିବା ବେଳେ ଲୋକଙ୍କ ଜନମାନସରୁ ଉଭେଇ ଯାଇଥିଲେ। ଅନ୍ୟ କିଛି ନେତା ନିଜ ନିଜ ପିଲାଙ୍କ ହାତରେ ରାଜନୀତି ଭାର ଟେକିଦେଇ ପ୍ରତ୍ୟକ୍ଷ ରାଜନୀତିରୁ ସନ୍ନ୍ୟାସ ନେଇଯାଇଥିଲେ।

ହେଲେ ରାଜନୀତି କରିବାର ମୋହ ଏମାନଙ୍କୁ ପୁଣିଥରେ ଏକାଠି କରିଛି। ନିଜକୁ ବିଜୁଙ୍କ ଅସଲ ଦାୟାଦ ବା ବିଜୁ ଆଦର୍ଶରେ ଅନୁପ୍ରାଣିତ ବୋଲି ଉଲ୍ଲେଖ କରି ବିଜୁ ଶ୍ରାଦ୍ଧ ଦିବସରେ ଏମାନେ ଏକାଠି ହୋଇ ବିଜୁ ପୁତ୍ରଙ୍କ ନେତୃତ୍ୱରେ ଚାଲିଥିବା ବିଜେଡିକୁ ଗାଳି ଦେବାକୁ ପଛାଇନାହାନ୍ତି। ଏପରିକି ବିଜେଡି ଗତ ୨୪ ବର୍ଷରେ କିଛି କରିପାରିନାହିଁ ବୋଲି କହିଥିଲେ। ବର୍ତ୍ତମାନର ସରକାର ମଧ୍ୟ ଠିକଣା ଢଙ୍ଗରେ ଚାଲିନାହିଁ ବୋଲି କିଛି ନେତା କହିଥିଲେ।

ପ୍ରସନ୍ନ ପାଟଶାଣୀ, ଲାଲ ବିହାରି ହିମିରିକା, ସଚ୍ଚିଦାନନ୍ଦ ଦଲାଲ କିଛିଦିନ ହେଲା ରାଜନୀତିରୁ ଏକପ୍ରକାର ସନ୍ନ୍ୟାସ ନେଇଥିଲେ। ପୁରୀ ବିଜେଡିର ଅନ୍ୟତମ ବରିଷ୍ଠ ସଦସ୍ୟ ଥିବା ପୂର୍ବତନ ନଗରପାଳ ଶ୍ରୀ ପ୍ରଧାନ ମଧ୍ୟ କିଛି ଦିନ ହେଲା ରାଜନୀତିରୁ ଦୂରେଇ ରହିଥିଲେ। ସଦ୍ୟ ସମାପ୍ତ ସରଗରମ ରାଜ୍ୟସଭା ନିର୍ବାଚନ ପରେ ହଠାତ୍ ଏହିସବୁ ନେତାମାନେ ସକ୍ରିୟ ହୋଇ ଉଠିଛନ୍ତି। ଏମାନଙ୍କ ମଧ୍ୟରୁ କିଛି ନେତାଙ୍କର ଆଉ ନିଜସ୍ୱ ସଂଗଠନ ନାହିଁ କି ସଂଗଠନ କରିବାକୁ ସେମାନଙ୍କ ପାଖରେ ବଳ ବୟସ ବି ନାହିଁ। ଅବସ୍ଥା ଏଭଳି ହୋଇଛି ପୃଷ୍ଠା-୬

## ଚୋରାମଦ ଜବତ, ୯ ଗିରଫ



କେନ୍ଦ୍ରାପଡ଼ା,୧୭।୪ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଜମ୍ବୁ ସାମୁଦ୍ରିକ, କୁଦାନଗରୀ, କେନ୍ଦ୍ରାପଡ଼ା ଟାଉନ ଓ ନିକିରେଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପ୍ରଭାକରପୁର ଗ୍ରାମର ଦୀପ୍ତି ଖିଲାର(୨୬)ଙ୍କ ଠାରୁ ୩୫ ଲିଟର ଦେଶୀ ରନ୍ଧା ମଦ, ରୋହିତ ଖିଲାର(୩୦)ଙ୍କ ଠାରୁ୧୦୦୦ ଲିଟର ଗୁଡ଼ପୋଚ, ରବି ଖିଲାର(୪୨)ଙ୍କ ଠାରୁ ୯୦୦ଲିଟର ଗୁଡପୋଚ, ମାହାଙ୍ଗା ଗ୍ରାମର ରମାକାନ୍ତ ବେହେରା(୬୨)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ବଡହାଟ ଗ୍ରାମର ମୁନା ମହାରଣା(୪୦)ଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ, ବଳଗଣ୍ଡି ଗ୍ରାମର କଲ୍ପନା ସାହୁ(୪୧)ଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ, କୋର ଗ୍ରାମର ଅଭିମନ୍ୟୁ ବେହେରା(୪୯)ଙ୍କ ଠାରୁ ୨୪ ଲିଟର ବିଦେଶୀ ମଦ, ଗୁଲନଗର ଗ୍ରାମର ଅଶୋକ ମଳିକ(୪୦)ଙ୍କ ଠାରୁ ୩୦ ଲିଟର ଦେଶୀ ମଦ ଓ ସେହି ଗ୍ରାମର ଜଳନ୍ଧର ସେଠୀ (୩୮) ଙ୍କ ଠାରୁ ୨୫ ଲିଟର ଦେଶୀ ଚୋରା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାକ୍ଷରୁ ସମୁଦାୟ ୨୦୮୯ ଲିଟର ବିଦେଶୀ, ଦେଶୀ, ଦେଶୀ ରନ୍ଧା ଚୋରାମଦ ଓ ଗୁଡ଼ପୋଚ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ସୁଶ୍ରୀ ଋତୁପ୍ରଭା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ଭତ୍ତା ଟଙ୍କା ଚୋରି; ଥାନାରେ ଅଭିଯୋଗ



ନିଶ୍ଚିନ୍ତକୋଇଲି, ୧୭।୪(ସଂଚାର ବ୍ୟୁରୋ)ଃ ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ବାର୍ଦ୍ଧକ୍ୟ ଭତ୍ତା ବାବଦ ଅର୍ଥ ଚୋରି ହୋଇଥିବା ନେଇ କୋଲଣପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଗୋପବନ୍ଧୁ ସେଠୀ ସାଲେପୁର ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସରପଞ୍ଚ ଶ୍ରୀଯୁକ୍ତ ସେଠୀ ତା.୧୭.୦୪.୨୦୨୬ରିଖରେ ନିଜ ପଞ୍ଚାୟତର ଭତ୍ତା ପ୍ରଦାନ ପାଇଁ ଅର୍ଥ ୪ଲକ୍ଷ ୭୦ହଜାର ଟଙ୍କା କେନ୍ଦୁପାଟଣା ଛକରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଉଠାଇ ସେ ବ୍ୟବହାର କରୁଥିବା ସ୍କୁଟି ନମ୍ବର-ଓଡ଼ି-୦୫-ବିଡ଼ବ୍ଲ୍ୟୁ-୭୦୮୫ ଗାଡ଼ି ଡ଼ିକିରେ ରଖି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଶ୍ରୀଯୁକ୍ତ ସେଠୀ ନିଜ ସ୍କୁଟିକୁ ରଖି ପାଣି ପିଉଥିବା ସମୟରେ ୩ଜଣ ଅଜଣା ଯୁବକ ଆସି ଅତି ଚତୁରତାର ସହ ଲକ୍ ଥିବା ତାଙ୍କ ସ୍କୁଟିର ଡ଼ିକିକୁ ଖୋଲି ଭତ୍ତା ବାବଦ ଅର୍ଥ ନେଇ ଫେରାର ହୋଇଯାଇଛନ୍ତି। ତାହା ସହ ତାଙ୍କର ବ୍ୟକ୍ତିଗତ ପ୍ରାୟ ୨୦ହଜାର ଟଙ୍କା ଓ ତାଙ୍କର ବ୍ୟକ୍ତିଗତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପଞ୍ଚାୟତ କାର୍ଯ୍ୟାଳୟର କିଛି କାଗଜପତ୍ର ଚୋରି ହୋଇଥିବା ନେଇ ଶ୍ରୀ ସେଠୀ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପରେ ସାଲେପୁର ଆଦର୍ଶ ଥାନା ପୁଲିସ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ତହସିଲ କାର୍ଯ୍ୟାଳୟରୁ ଜରୁରୀ ନଥିପତ୍ର ଗାଏବ

ନିଶ୍ଚିନ୍ତକୋଇଲି, ୧୭।୪(ସଂଚାର ବ୍ୟୁରୋ)ଃ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟରେ ଜରୁରୀ ନଥିପତ୍ର ମିଳୁନଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ନିଶ୍ଚିନ୍ତକୋଇଲି ତହସିଲ ଅଧିନ ଓଥକା ମୌଜାର ଭରତଚନ୍ଦ୍ର ମହାପାତ୍ର ତାଙ୍କ ନାମେ ଓ ଅନ୍ୟମାନଙ୍କ ନାମ ଥିବା ଇଜିମାଇଲ ସମ୍ପତ୍ତି ବିଷୟର ତଥ୍ୟ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟକୁ ତା.୦୭.୧୨.୨୦୨୪ରିଖ ମାଗିଥିଲେ। ମାତ୍ର ୧୫ମାସ ସମୟ ବିତିଯାଇଥିଲେ ମଧ୍ୟ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ତଥ୍ୟ ପ୍ରଦାନ କରାଯାଉନାହିଁ। ସୂଚନା ମୁତାବକ ଶ୍ରୀ ମହାପାତ୍ର ଦୁଇଗୋଟି ଦାଖଲ ଖାରଜ ଘଟଣା (୧)୧୦୬୯/୨୦୧୩, (୨) ୧୦୭୦/୨୦୧୩ରେ ଶ୍ରୀ ମହାପାତ୍ରଙ୍କୁ ତହସିଲ କାର୍ଯ୍ୟାଳୟରୁ କୌଣସି ନୋଟିସ ପ୍ରଦାନ କରାଯାଇନଥିବା ଏବଂ ସେ ଦାଖଲଖାରଜ ତାରିଖରେ ଉପସ୍ଥିତ ନଥିବା ସତ୍ତ୍ୱେ ମଧ୍ୟ ଇଜିମାଇଲ ସମ୍ପତ୍ତିକୁ ଭାଗବାଣ୍ଟ କରାଯାଇଥିବା କିପରି ସମ୍ଭବ ହେଲା ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ତଥ୍ୟ ନମିଳିବାରୁ ଶ୍ରୀ ମହାପାତ୍ର କଟକ ଜିଲ୍ଲାପାଳଙ୍କ ଜନଶୁଣାଣୀ ଅଭିଯୋଗ ଶିବିରରେ ନିଜର ଅଭିଯୋଗ ରଖିବେ ବୋଲି କହିଛନ୍ତି।

## ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ଭେଟିଲେ ଜିଲ୍ଲା ଓକିଲ ସଂଘ କର୍ମକର୍ତ୍ତା



କେନ୍ଦ୍ରାପଡା,୧୭।୪ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଓକିଲସଂଘ ନୂତନ ଭାବେ ନିର୍ବାଚିତ ହୋଇଥିବା କର୍ମକର୍ତାମାନେ ଓଡିଶାର ମାନ୍ୟବର ବିଚାରପତି (ଆଡମିନ୍‌ଷ୍ଟ୍ରେଟିଭ୍) ଜଷ୍ଟିସ୍ ସଂଜୟ କୁମାର ମିଶ୍ରଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ରାଜ୍ୟ ବାର୍ କାଉନ୍‌ସିଲ୍‌ର ସଦସ୍ୟ ଦୀନେଶ ଚନ୍ଦ୍ର ରାୟଙ୍କ ସମେତ ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ନିହାର ରଂଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ, ପ୍ରାର୍ଥ ପ୍ରତିମା ଚକ୍ରବର୍ତ୍ତି, ହରି ପ୍ରସାଦ କର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଓକିଲ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ମାନ୍ୟବର ବିଚାରପତିଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ମାନ୍ୟବର ବିଚାରପତି ଶ୍ରୀ ମିଶ୍ର ଓକିଲ ସଂଘର ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

# ଇଟାଭାଟି ଓ ଚାଷ ଜମିରେ ବ୍ୟବହାର ହେଉଛି ପାନୀୟ ଜଳ

### ବଡ଼ମଙ୍ଗରାଜପୁରର ୨ଟି ୱାର୍ଡ଼ର ଅଧିବାସୀ ପାନୀୟ ଜଳରୁ ବଞ୍ଚିତ

### ଘଟଣାସ୍ଥଳ ପରିଦର୍ଶନ କଲେ ବିଡ଼ିଓ ଓ ବିଭାଗୀୟ ସହକାରୀ ଯନ୍ତ୍ରୀ

### ଚୋରାରେ ପାଣି ନେଉଥିବା ବ୍ୟକ୍ତିଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ



ଡେରାବିଶ,୧୭।୪ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ବଡ଼ମଙ୍ଗରାଜପୁର (ଦିଆପାଟଣା) ଗ୍ରାମର ଦୁଇଟି ୱାର୍ଡ଼ର ଅଧିବାସୀଙ୍କ ନିକଟରେ ଦୀର୍ଘଦିନ ହେବ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚି ପାରୁନଥିଲା। ପାନୀୟ ଜଳରୁ ବଞ୍ଚିତ ହେଉଥିବା ଗ୍ରାମବାସୀମାନେ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବିଡ଼ିଓ ନମିତା ବାରିକ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ବିଭୁଦତ ଦାଶ, ସ୍ଥାନୀୟ ସରପଞ୍ଚ ମାନସୀ ସାମଲ ଡେରାବିଶ ପୁଲିସ ଟିମ୍ ସହ ସମ୍ପୃକ୍ତ ଗ୍ରାମକୁ ଯାଇ ପାନୀୟ ଜଳକ୍ଲିଷ୍ଟ ଭୋଗୁଥିବା ଗ୍ରାମବାସୀଙ୍କୁ ଭେଟିଥିଲେ।

ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ କୁରୁଜଙ୍ଗା ଠାରେ ଏକ ଓଭର ହେଡ଼ ଟାଙ୍କି କରାଯାଇ ସମ୍ପୃକ୍ତ ଗ୍ରାମ ସମେତ ଅନ୍ୟ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ କେତେକ ବ୍ୟକ୍ତି ଗ୍ରାମ ମଧ୍ୟକୁ ଯାଉଥିବା ପାନୀୟ ଜଳ ପାଇପ୍‌ରୁ ବେଆଇନ ସଂଯୋଗ କରି ନିଜ ଚାଷଜମିକୁ ପାଣି ମଡ଼ାଇବା ଓ ବେଆଇନ ଇଟାଭାଟି ନିର୍ମାଣ କାର୍ଯ୍ୟରେ ଏହି ପାଣିକୁ ବ୍ୟବହାର କରୁଥିବା ଦେଖିବାକୁ ପାଇଥିଲେ। ବେଆଇନ ପାଣି ସଂଯୋଗକାରୀମାନେ ଅତ୍ୟଧିକ ମାତ୍ରରେ ପାଣି ବ୍ୟବହାର କରୁଥିବାରୁ ପାନୀୟ ଜଳ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ପାରୁନଥିବା ସହକାରୀ ଯନ୍ତ୍ରୀ ଶ୍ରୀ ଦାଶ ପ୍ରକାଶ କରିଥିଲେ।

ଏହି ଘଟଣାକୁ ବିଡ଼ିଓ ଶ୍ରୀମତୀ ବାରିକ, ଯନ୍ତ୍ରୀ ଶ୍ରୀ ଦାସ, ସରପଞ୍ଚ ଶ୍ରୀମତୀ ସାମଲ ପୋଲିସ୍ ଟିମ୍ ସହ ବେଆଇନ ଭାବେ ଏହି ପାଣିକୁ ନିଜ ଚାଷଜମି ଓ ଇଟା ଭାଟିରେ ବ୍ୟବହାର କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିବା ସହ ସମ୍ପୃକ୍ତ ଗ୍ରାମକୁ ତୁରନ୍ତ ପାଇପରେ ଯାଉଥିବା ପାନୀୟ ଜଳକୁ ଯୋଗାଇ ଦିଆଯିବାକୁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଜୈବିକ ସାର ଉପରେ ସଚେତନତା କାର୍ଯ୍ୟକ୍ରମ



କେନ୍ଦ୍ରାପଡା,୧୭।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଜୈବିକ ସାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କୃପାଲୁ ଅର୍ଗାନିକ୍ସ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି।

ସେଲ୍ସ ମ୍ୟାନେଜର ପଙ୍କଜ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଡିଆର୍‌ସିଏସ୍ ପ୍ରଭାକର ନାୟକ, ଏ.ଆର୍ .ସି.ଏସ୍ ଯୋଗେନ୍ଦ୍ର ବିଶ୍ୱାଳ, ସଂଗ୍ରାମ କର, ଅନୁଚରଣ ପାଲ୍ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ଶତାଧିକ ପ୍ୟାକ୍ସ ସମ୍ପାଦକ ମାନଙ୍କୁ ଜୈବିକ ସାରର ବିଭିନ୍ନ ଉପକାରୀତା ସମ୍ପର୍କରେ ଆଲୋକପାତ କରିଥିଲେ। ମାଟିର ଜଳ ଧାରଣ କ୍ଷମତା ବୃଦ୍ଧି କରିବା ସହ ମାଟିର ଗଠନ ବିପତନରେ ସାହାଯ୍ୟ କରେ । ଫସଲରେ ଆଲୋକ ସଂଶ୍ଲେଷନରେ ସାହାଯ୍ୟ କରିବା ଦ୍ୱାରା ଗଛ ସୂଚାରୁରୂପେ ଖାଦ୍ୟ ତିଆରି କରିଥାଏ, ଗଛର ରୋଗ ପୋକ ପ୍ରତିରୋଧକ ଶକ୍ତିକୁ ବଢାଇ ଗଛକୁ ସୁସ୍ଥ ସବଳ ରଖେ, ପ୍ରଭାବରେ ଗଛରେ ପୃଷ୍ଟି ଓ ଚକଚକିଆ ଫୁଲ ଫଳ ଧରିଥାଏ ଏବଂ ଅମଳକୁ ମଧ୍ୟ ବଢାଇଥାଏ, ପ୍ରଭାବ ଦୀର୍ଘସ୍ଥାୟୀ, ନିରାପଦ ଓ ମରୁଡ଼ି ଭଳି ପରିସ୍ଥିତିରୁ ଗଛକୁ ରକ୍ଷା କରିଥାଏ, କୃପାଲୁ ପଟାସ ଜୈବିକ ପଦାର୍ଥରେ ତିଆରି ହୋଇଥିବାରୁ ଏହା ପରିବେଶ ଅନୁକୂଳ ଏବଂ ପାଶ୍ୱର୍ ପ୍ରତିକ୍ରିୟା ରହିତ ଅଟେ । ଏହା ସହିତ ସାରର ଉପକାରୀତା ସମ୍ପର୍କରେ କୃଷି ସମବାୟ ସମିତିର ସମ୍ପାଦକ ମାନଙ୍କୁ ସଚେତନ କରାଇଥିଲେ।

ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜମଧର ପ୍ୟାକ୍ସର ସମ୍ପାଦକ ବୈରାଗୀ ଚରଣ ସାହୁ, ଭରତପୁରର ସୁବୋଧ ଲେଙ୍କା, ବାରୁଅର ଶ୍ରୀହର୍ଷ ମହାନ୍ତିଙ୍କ ସମେତ ସମସ୍ତ ପାକ୍ସ ସମ୍ପାଦକ ଉପସ୍ଥିତ ଥିଲେ ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବରେ ରକ୍ତଦାନ ଶିବିର




କେନ୍ଦ୍ରାପଡା,୧୭।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧୋତ୍ସବ ଓ ରକ୍ତଦାନ ଶିବିର ସ୍ଥାନୀୟ ସାନ୍ତସାହି ସ୍ଥିତ ବଳଦେବଜୀଉ ମଣ୍ଡପରେ ପାଳିତ ହୋଇଯାଇଛି। ଶୁକ୍ରବାର ସକାଳୁ ସ୍ଥାନୀୟ ଗୋବରୀ ନଦୀଘାଟରେ ତିଳତର୍ପଣ କରାଯାଇ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ବାବୁଙ୍କ ପ୍ରତିର୍ମୂରେ ମାଲ୍ୟାର୍ପଣ କରାଯିବା ପରେ ମେଡିକାଲ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିର୍ମୂରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ପରେ ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା।

ଏଥିସହିତ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ ୧୫୪ୟୁନିଟ ରକ୍ତ ସଂଗ୍ରହ କରାଯାଇ କେନ୍ଦ୍ରାପଡା ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଜୁ ଜନତା ଦାଳର ବରିଷ୍ଠ ନେତା ରଞ୍ଜିତ କୁମାର ସାହୁ ପରିଚାଳନା କରିଥିଲେ । ବିଜୁ ଜନତା ଦଳ କର୍ମୀମାନେ ସ୍ୱତପ୍ରବୃତ ଭାବେ ରକ୍ତ ଦାନ କରିଥିଲେ । ଆଧୁନିକ ଓଡିଶା ନିର୍ମାଣରେ ବିଜୁବାବୁଙ୍କ ଅବଦାନ ଓ ତାଙ୍କ ଆଦର୍ଶରେ ଓଡିଶାର ସମୃଦ୍ଧି ଏବଂ ଆଗାମୀର ଆହ୍ୱାନ ବିଷୟରେ ଆଲୋଚନା କରାଯାଇଥିଲା ।

## ୮କୋଟି ବ୍ୟୟରେ ଗୋବରୀ ନଦୀ ପୁନରୁଦ୍ଧାର ପ୍ରକଳ୍ପର ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ,୧୭।୪(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ଅଂଚଳର ଜୀବନରେଖା କୁହାଯାଉଥିବା ପୁଣ୍ୟତୋୟା ଗୋବରୀ ନଦୀ ସମ୍ପ୍ରତି ପୋତି ହୋଇ ନିଶ୍ଚିହ୍ନ ହେବାକୁ ବସିଛି । ଯାହାଫଳରେ ଜନସାଧାରଣ ଓ ପଶୁ ପକ୍ଷୀ ମାନେ ପାଣି ପାଇଁ ହାହାକାର କରୁଛନ୍ତି । ଗୋବରୀ ଜଳ ଉପରେ ନିର୍ଭର କରୁଥିବା ଚାଷ ଜମି ଜଳସେଚିତ ହୋଇନପାରି ପଡିଆ ରହୁଛି । ଅଧିକନ୍ତୁ ବର୍ଷା ଦିନେ ଚାଷ ଜମି ସମେତ ବିଭିନ୍ନ ଅଂଚଳର ଉଦବୃତ୍ତ ଜଳ ମଧ୍ୟ ଗୋବରୀ ନଦୀ ଦେଇ ନିଷ୍କାସିତ ହୋଇଥାଏ । ଗୋବରୀ ନଦୀଟି ପୋତି ହୋଇପଡିଥିବାରୁ ପୁନଃରୁଦ୍ଧାର ପାଇଁ ଅଂଚଳବାସୀ ଓ ଚାଷୀମାନେ ଦାବୀ କରିଆସୁଥିଲେ । ରାଜ୍ୟ ସରକାର ଗୋବରୀ ନଦୀ ପୁନଃରୁଦ୍ଧାର ପାଇଁ ୮କୋଟି ଟଙ୍କା ମଂଜୁର କରିଛନ୍ତି ।

ଆଜି ଗୋବରୀ ନଦୀ ପୁନଃରୁଦ୍ଧାର ପ୍ରକଳ୍ପ ପଟ୍ଟାମୁଣ୍ଡାଇ ମହିଳା କଲେଜ ନିକଟରେ ଶିଳାନ୍ୟାସ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ସମେତ ବହୁ ବିଜେଡି ନେତା ଓ କର୍ମକର୍ତ୍ତା ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ।

## ଟ୍ରେନ୍‌ରେ କଟି ଶ୍ରମିକଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୧୭।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଂଚାୟତ ଖମରପଡା ଗ୍ରାମର ଗଗନ ମଳିକ ଅପରାହ୍ନ ସମୟରେ ବିଲକୁ ମୁଗ ଉପାଡିବା ପାଇଁ ରେଳ ଲାଇନ୍ ପାର୍ କରି ଯାଉଥିବା ସମୟରେ ରେଳ ଦୁର୍ଘଟଣାରେ ସେ ପ୍ରାଣ ହରାଇଛନ୍ତି ।

ତାଙ୍କ ମୁଣ୍ଡରେ ଜୋର୍ ଆଘାତ ଲାଗିବାରୁ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ସ୍ଥାନୀୟ ପୁଲିସ୍ ଓ ରେଳ ବିଭାଗ ପୁଲିସ୍ ସହାୟତାରେ ତାଙ୍କ ଶବ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡିଛି ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ



ଗରଦପୁର, ୧୭।୪ (ସଂଚାର ବ୍ୟୁରୋ)ଃ ରକ୍ତଦାନ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି ବେଡ଼ାରୀ ପଞ୍ଚାୟତ ସହିତ ଆଖପାଖ ଅଞ୍ଚର ଅନେକ ଯୁବକ ଯୁବତୀ ମାନେ। ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାରେ ଅଂଚଳବାସୀ ଆଗକୁ ଆସି ୪୯ ୟୁନିଟି ସଂଗ୍ରହ କରିପାରିଛନ୍ତି। ପ୍ରଥମ ରକ୍ତ ଦାତା ସାମ୍ବାଦିକ ରାକେଶ ମହାନ୍ତି ଓ ଶେଷ ରକ୍ତ ଦାତା ବିଦ୍ୟୁତ କର୍ମଚାରୀ ଦୀପକ ବେହେରା ଉପସ୍ଥିତ ରହି ରକ୍ତ ଦାନ କରିଥିଲେ। ସମାଜସେବୀ ସ୍ୱର୍ଗତା ସାବିତ୍ରୀ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଗରଦପୁର ବ୍ଲକ ଅନ୍ତର୍ଗତ ବେଡ଼ାରୀ ବାତ୍ୟା ଆଶ୍ରୟ ଗୃହରେ ସ୍ୱର୍ଗତ ଇଂ. ଅଲେଖ ଚନ୍ଦ୍ର ବେହେରା ଙ୍କ ପରିବାର ଉଦ୍ୟମରେ କରାଯାଇଥିବା ଏହି ମହାନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଗରଦପୁର ବ୍ଲକ ବିଡ଼ିଓ ଶ୍ରୀଯୁକ୍ତ ଆଲୋକ ରଞ୍ଜନ ସେଠୀ ମହୋଦୟ,ବେଡ଼ାରୀ ପଂଚାୟତର ସରପଞ୍ଚ ଶ୍ରୀମତୀ କୁଞ୍ଜଲତା ମିଶ୍ର, ଜିଲ୍ଲାପରିସଦ ଶ୍ରୀମତୀ ଡଲି ଶତପଥୀ ଏବଂ ସାମ୍ବାଦିକ ବିଚିତ୍ର ପଟ୍ଟନାୟକ ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ସମାଜସେବୀ ସ୍ୱର୍ଗତା ସାବିତ୍ରୀ ବେହେରା ଙ୍କ ପରିବାରର ଜ୍ୟେଷ୍ଠ ପୁତ୍ର ଦିପ୍ତି ରଞ୍ଜନ ବେହେରା,କନିଷ୍ଠ ପୁତ୍ର ସ୍ମୃତି ରଞ୍ଜନ ବେହେରା,ପୁତ୍ର ବଧୂ ସ୍ୱର୍ଣ୍ଣଲତା ବେହେରା,ସୁଷମା ବେହେରା,ଝିଅ ଶିଲସିଲା ବେହେରା,ଜ୍ୱାଇଁ ବିନାୟକ ବେହେରା,ସହିତ ଆୟୁଷ୍ମାନ,ଅପୂର୍ବା,ଉନ୍ନତି,ପ୍ରଗତି ଓ ଗ୍ରାମର ଅନେକ ମୁରବି ମାନେ ଉପସ୍ଥିତ ରହି ଏହି କାର୍ଯକ୍ରମକୁ ସଫଳ କରିଥିଲେ।

## ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଙ୍ଘର ସାମ୍ବିଧାନିକ ସମ୍ମିଳନୀ



ମହାକାଳପଡ଼ା,୧୭।୪(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଚଡାଇଗୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଲମ୍ବୋଧର ମହାନ୍ତି ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥିଭାବେ ସଂଘ ଉପଦେଷ୍ଟା ଅବନୀ କୁମାର ମହାନ୍ତି, ଘନଶ୍ୟାମ ନାୟକ, ଶ୍ରୀନାଥ ସ୍ୱାଇଁ, ଭାଗିରଥି ନନ୍ଦ, ନିରାକାର ଜେନା, ସୁରେନ୍ଦ୍ର ପାତ୍ର ଜିଲ୍ଲା ସମ୍ପାଦକ ଅଶୋକ କୁମାର ସାହୁ, ରାଜ୍ୟ ଉପସଭାପତି ଧନେଶ୍ୱର ପାତ୍ର, ରାଜ୍ୟ ଶିକ୍ଷକ ଦର୍ପଣ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ଯୋଗ ଦେଇ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପ୍ରଶାସନିକ ଅଧିକାରୀମାନଙ୍କ ପାଖରୁ ଶିକ୍ଷକ ମାନଙ୍କର ବିଭିନ୍ନ ନାର୍ଯ୍ୟଦବୀ ହାସଲ କରିବା ସହିତ ସମସ୍ତଙ୍କୁ ପୁରୁଣା ପେନସନ ହାରରେ ପେନସନ ଓ ଅଷ୍ଟମ ବେତନ କମିଶନ ପେନସନ ର ଉଚ୍ଛେଦ ଭଳି ଗୁରୁତପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସରୋଜ କାନ୍ତ ପାଇଟାଳ ସମ୍ପାଦକୀୟ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ.ବି.ଇ ଓ ମିନତୀ ସେଠି ଓ ବିଚିତ୍ରାନନ୍ଦ ସାମଲ ଓଷ୍ଟା ସମ୍ପାଦକ ରଘୁନାଥ ଦାସ ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ମନୋଜ କୁମାର ନନ୍ଦ, ସମ୍ପାଦକ ବିଶ୍ୱଭୂଷଣ ମଲିକ ଏନ ପି ଏସ ସମ୍ପଦକ ଅମୀୟ କୁମାର ଚୌଧୁରୀ. ଏକ୍ସ କ୍ୟାଡର ଜିଲ୍ଲା ସଦସ୍ୟ ଆଲୋକ ଏସ ଡି ରାୟ ନିରଞ୍ଜନ ରାଉତ ପିତାମ୍ବର ମଲ୍ଲ, ସୁରେଶ ଚନ୍ଦ୍ର ଜେନା, ନରୋତ୍ତମ ପାର୍ଥ ସାରଥୀ,ଓ ନାରାୟଣ ପ୍ରସାଦ ପଣ୍ଡା । ଶେଷରେ ସଂଘ ର ସର୍ବ ସମ୍ମତି କ୍ରମେ ନୂତନ ନିର୍ବାଚିତ ସଭାପତି ନିର୍ମଳ କୁମାର ଆଚାର୍ଯ୍ୟ, ଉପସଭାପତି ସୁମନ୍ତ କୁମାର ସାମନ୍ତରାୟ, ସମ୍ପାଦକ ଚିତ୍ତରଞ୍ଜନ ରାଉତରାୟ , ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ସ୍ୱାଇଁ, ସହ ସମ୍ପାଦକ ମହେଶ୍ୱର ମଲିକ, ଭଂଜନ କୁମାର ସାହୁ କୋଷାଧକ୍ଷ ରତ୍ନଶ୍ରୀ ସାମନ୍ତରାୟ, ଉପଦେଷ୍ଟା ସରୋଜକାନ୍ତ ପାଇଟାଳ, ରମାକାନ୍ତ ତ୍ରିପାଠୀ ନିର୍ବାଚିତ ହୋଇଥିଲେ, ପଦାଧିକାରୀମାନଙ୍କୁ ଶପଥ ପାଠ କରାଯାଇଥିଲା।

### ମେଗା ପାନୀୟ ଜଳ କର୍ମଚାରୀଙ୍କ ଦାୟିତ୍ୱହୀନତା

# ରାସ୍ତା ଓ ବିଲରେ ମାଡୁଛି ପିଇବା ପାଣି




ମାହାଙ୍ଗା, ୧୭।୪ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ପାଇପ ବିଛା କାର୍ଯ୍ୟକ୍ରମ ଚାଲୁ ରହିଛି। କିନ୍ତୁ ମେଗା ପ୍ରକଳ୍ପ କଂପାନୀ ଅଧିନରେ କାର୍ଯ୍ୟ କରୁଥିବା ଠିକାଦାର ଓ କର୍ମଚାରୀଙ୍କର ଦାୟିତ୍ୱହୀନତା ଓ ବେଖାତିର ମନୋଭାବ ପାଇଁ ବସୁଧା ପାନୀୟ ଜଳ ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ପାଇପକୁ ଖୋଲି ନଷ୍ଟ କରିଦେବା ଫଳରେ ପିଇବା ପାଣି ରାସ୍ତା ଓ ବିଲରେ ମାଡୁଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଖବର ସୂତ୍ରରୁ ପ୍ରକାଶ ଯେ ଏହି ବ୍ଲକର ଗୋତରା ଠାରେ ଥିବା ବସୁଧା ପାନୀୟ ଜଳ ପ୍ରକଳ୍ପର ଗୋତରା ଗ୍ରାମର ୪ଟି ୱାର୍ଡର ଜନସାଧାରଣ ପାନୀୟ ଜଳ ପାଇଥାନ୍ତି। କିନ୍ତୁ ମେଗା ପ୍ରକଳ୍ପ ଦ୍ୱାରା ପାଇପ ବିଛା କାର୍ଯ୍ୟ ଚାଲୁଥିବା ବେଳେ ଜାଣିଶୁଣି ବେଖାତିର ଭାବରେ କଂପାନୀର କର୍ମଚାରୀ ମାନେ ପାଇପ ଖୋଲି ନଷ୍ଟ କରି ଦେଇଛନ୍ତି। ଯାହା ଫଳରେ ପ୍ରଚଣ୍ଡ ରୌଦ୍ର ତାପ ସୃଷ୍ଟି ହେବା ଯୋଗୁଁ ଭୂତଳ ପାନୀୟ ଜଳ ସ୍ତର କମିଯିବାକୁ ବସିଲାଣି। ଜନସାଧାରଣମାନେ ବସୁଧା ପାନୀୟ ଜଳ ପ୍ରକଳ୍ପର ପାନୀୟ ଜଳ ସଂଗ୍ରହ କରୁଛନ୍ତି। କିନ୍ତୁ ମେଗା ପ୍ରକଳ୍ପର ଏଭଳି କାର୍ଯ୍ୟ ଯୋଗୁଁ ଜନସାଧାରଣ ପାନୀୟ ଜଳ ପାବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ ପାନୀୟ ଜଳ ବିଭାଗ ଯନ୍ତ୍ରୀ ଓ ମେଗା ପ୍ରକଳ୍ପ କଂପାନୀର ଯନ୍ତ୍ରୀ ଅବଗତ ଥିଲେ ମଧ୍ୟ ଜାଣିଶୁଣି ମରାମତି କାର୍ଯ୍ୟ କରୁନାହାନ୍ତି ଯାହା ଫଳରେ ଜନସାଧାରଣ ମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ମରାମତି କରିବା ସହ ସମ୍ପୃକ୍ତ ଦାୟିତ୍ୱହୀନ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି।

## ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦଜୀଙ୍କ ଜନ୍ମଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୭।୪ (ସଂଚାର ବ୍ୟୁରୋ)ଃ କପାଳେଶ୍ୱର ପଞ୍ଚାୟତ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଜନ୍ମ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏହି ଜନ୍ମ ଉତ୍ସବ ସାରା ରାଜ୍ୟରେ ପାଳନ କରାଯିବା ପାଇଁ ସ୍ଥିର କରାଗଲା । ଏଥିସହିତ ଶ୍ରୀମାଙ୍କ ପିଙ୍ଗଳ, ଡାମରପୁର, ଧୂମାତ, ଚାରିନଙ୍ଗଳ, ଘିଘିଡିଆ, ନିଆଳି, ଦେଓଗାଁ, ଚଣ୍ଡିଗଡ, ଅସ୍ତରଙ୍ଗ, ବଲୁରିଆ, କାବଣ, ଦେଉରୀ, ମହିପଡା, ବସପୁର ପ୍ରଭୃତି ସମସ୍ତ ଆଶ୍ରମ ସମେତ ଶ୍ରୀମାଙ୍କୁ ଶ୍ରଦ୍ଧା ଓ ଭକ୍ତି କରୁଥିବା ବ୍ୟକ୍ତି, ସଂସ୍ଥା ଓ ଅନୁଷ୍ଠାନ ମାନଙ୍କରେ ମଧ୍ୟ ଏହି ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜନ୍ମ ଉତ୍ସବ ଅବସରରେ ବୃକ୍ଷରୋପଣ, ସ୍ୱାସ୍ଥ୍ୟସେବା ଶିବିର, ଜଳସେବା, ପ୍ରତିଭା ସମ୍ମାନ, ରୁଦ୍ରାଭିଷେକ, ଗୁରୁ ପାଦପୂଜା, ନଗର ପରିକ୍ରମା, ଶ୍ରୀମାଙ୍କ ଗୁଣାବଳୀ ପଠନ, ଶ୍ରୀମାଙ୍କ ରଚିତ ପୁସ୍ତକ 'ଦିବ୍ୟ କୌସ୍ତୁବ' ଗାନ କରାଯିବାକୁ ସ୍ଥିର କରାଯାଇଥିଲା।

### କାଳବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ମୃତ୍ୟୁ ଘଟଣା

## ଆଜି ବିଜେଡିର ମୟୂରଭଞ୍ଜ ବନ୍ଦ ଡାକରା

ବାରିପଦା,୧୭।୪(ସଂଚାର ବ୍ୟୁରୋ)ଃ ମୟୂରଭଂଜ ଜିଲ୍ଲାର ଏପ୍ରିଲ ୧୪ ତାରିଖ ଦିନ ରାସଗୋବିନ୍ଦପୁର କାଳଓ୍ୱନ୍ଧ ଆଶ୍ରମ ସ୍କୁଲ୍ ବିଷାକ୍ତ ଅଖାଦ୍ୟ ଖାଇ ନାବାଳିକା ରୁପାଲି ବେଶ୍ରା ଙ୍କ ମୃତ୍ୟୁ ସହ ଶତାଧିକ ଛାତ୍ରୀ ବିଭିନ୍ନ ସରକାରୀ ଡାକ୍ତରଖାନାରେ ଚିକିତ୍ସା ନେଇ ସାରା ଜିଲ୍ଲାରେ ଅଭିଭାବକଙ୍କ ମଧ୍ୟରେ କୋକୁଆ ଭୟ ଓ ଅସନ୍ତୋଷ ବୃଦ୍ଧି ପାଇଛି। ଘଟଣାକୁ ନେଇ ରାଜ୍ୟ ସରକାର ୩ ଲକ୍ଷ ଟଙ୍କା ଚେକ ଦେଇ ଆରଡିସି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୧୪ ତାରିଖ ଘଟଣାକୁ ନେଇ ସେତେବେଳେ ଗ୍ରାମବାସୀ ଓ ପୋଲିସଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି । ପୁଲିସ ଓ ଜନତା ଉଭୟ ଆଘାତପ୍ରାପ୍ତ ହୋଇଥିଲେ। ଘଟଣାକୁ ନେଇ ବିଜେଡ଼ି ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଅଣ୍ଟା ଭିଡିଛି ।

ସାରା ରାଜ୍ୟରେ ସରକାରୀ ଆବାସିକ କେନ୍ଦ୍ରର ଅବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କୁ ଶାରିରୀକ, ମାନସିକ ଓ ଯୌନ ନିର୍ଯ୍ୟାତନା କିଛିମାତ୍ରାରେ ଲୋକଲୋଚନକୁ ଆସୁଥିବାବେଳେ ଲୋକ ଲଜ୍ଜାରେ ବହୁ ଘଟଣା ଚାପି ଦିଆଯାଉଛି। ବେସରକାରୀ ଆବାସିକ କେନ୍ଦ୍ରରେ ତ ଆହୁରି ବିପର୍ଯ୍ୟସ୍ତ ବ୍ୟବସ୍ଥା। ସରକାରଙ୍କର ସେମାନଙ୍କ ହଷ୍ଟେଲ ପରିଦର୍ଶନ, ଖାଦ୍ୟ ମାନ, ଦାୟିତ୍ୱ ନିର୍ଦ୍ଧାରଣ, ପ୍ରଣାଳୀ ଗତ ସଂଶୋଧନ ପାଇଁ କିଛି ନିୟମ କାନୁନ କରି ନାହାନ୍ତି । ଯାହାଫଳରେ କୁନିକୁନି ପିଲାଙ୍କୁ ଜୀବନ ଚାପରେ ଦୁର୍ବିସହ ପାଲଟିଛି। କାଳବନ୍ଧ ଆଶ୍ରମ ସ୍କୁଲର ସ୍ୱର୍ଗତା ଛାତ୍ରୀ ରୁପାଲି ବେଶ୍ରାଙ୍କ ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ, ଆରଡିସ ତଦନ୍ତ ପରିବର୍ତ୍ତେ ନ୍ୟାୟିକ ତଦନ୍ତ, ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଶିକ୍ଷକ, ମେଟ୍ରୋରନ, କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଦାୟିତ୍ୱବୋଧ ନିର୍ଦ୍ଧାରଣ, ପ୍ରଣାଳୀରେ ସଂଶୋଧନ ଆଦି ଦାବିରେ ବିଜେଡ଼ି ତରଫରୁ ଆସନ୍ତା ଶନିବାର ୧୮ ତାରିଖ ଦିନ ହରତାଳ ଡାକରା ଦିଆଯାଇଛି। ଏହାର ଏକମାତ୍ର ଉଦ୍ଦେଶ୍ୟ ସରକାର ସଚେତନ ହୁଅନ୍ତୁ ବୋଲି ବିଜେଡ଼ି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



# ବିଧାନସଭା ପରିସରରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର,୧୭।୪ (ସଂଚାର ବ୍ୟୁରୋ) :** ମହାନ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବ ଆଜି ବିଧାନସଭା ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ପୂଜ୍ୟପୂଜା ସମିତିର ବରିଷ୍ଠ କର୍ମକର୍ତ୍ତା, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଜୁବାବୁଙ୍କ ଜୀବନୀ ଆଧାରିତ ସଂଗୀତ ପରିବେଷିତ ହୋଇଥିଲା। ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ନିର୍ମାଣ ବେଳେ ଦେଖିଲେନି, ଭାଙ୍ଗିବା ବେଳକୁ ଦଳବଳ

**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆଜି ଏକ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ କାର୍ଯ୍ୟକାରୀ ହୋଇଛି। ଏହି ଅଭିଯାନରେ ଭରତପୁର ଥାନାଞ୍ଚଳର ଶ୍ୟାମପୁର ମୌଜାର ଉଭୟ ନିର୍ମାଣ ସରିଥିବା ଓ ନିର୍ମାଣାଧୀନ ୧୮୭ଟି ଘରକୁ ଭାଙ୍ଗି ପ୍ରାୟ ୮ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଏହି ଅଭିଯାନ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ଓ ଯୁଗ୍ମ କମିଶନର ରଞ୍ଜନ କୁମାର ଜେନାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ପ୍ରଥମ ଦିନରେ ୬ଟି ଜେସିବି ମେସିନ୍ ବ୍ୟବହାର କରାଯାଇ ୧୮୭ଟି ଘର ଭଙ୍ଗାଯାଇଛି, ଯେଉଁଥିରେ ୩୧ଟି ନିର୍ମାଣାଧୀନ ଘର ମଧ୍ୟ ସାମିଲ୍ ଅଛି। ଏହାଦ୍ୱାରା ପାଖାପାଖି ୮ ଏକର ଜମି ଉଚ୍ଛେଦମୁକ୍ତ ହୋଇଛି। ଏହି ଉଚ୍ଛେଦ ଅଭିଯାନ ବିଡିଏର ଅନଧିକୃତ ଦଖଲ ହଟାଇବା ଓ ସହରର ଉନ୍ନୟନ ପାଇଁ ଚାଲୁଥିବା ପ୍ରୟାସର ଏକ ଅଂଶ। ଅଭିଯାନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରାୟ ୧୦ ପ୍ଲାଟୁନ୍ ପୁଲିସ୍ ବଳ ଓ ୫୦ ଜଣ ପୁଲିସ୍ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା। ଉଚ୍ଛେଦ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି ଓ କୌଣସି ବଡ଼ ଅଘଟଣ ଘଟିନାହିଁ ବୋଲି ଅଧିକାରୀମାନେ କହିଛନ୍ତି।

- ଭାଙ୍ଗିଲା ୧୮୭ ଘର
- ୮ ଏକର ଜମି ଜବରଦଖଲମୁକ୍ତ
- ୭୨ ସିଲିଣ୍ଡର୍ ଜବତ





ଉଚ୍ଛେଦ ପୂର୍ବରୁ ବିଡିଏ ବାସିନ୍ଦାଙ୍କୁ ଏକାଧିକ ନୋଟିସ୍ ଜାରି କରିଥିଲା ଓ ଲାଉଡ୍ ସ୍ପିକର୍ ମାଧ୍ୟମରେ ସର୍ବସାଧାରଣ ଘୋଷଣା କରି ଅନଧିକୃତ ଦଖଲକାରୀଙ୍କୁ ସ୍ୱତଃଜମି ଖାଲି କରିବାକୁ କୁହାଯାଇଥିଲା। ବିଡିଏ ଉପାଧ୍ୟକ୍ଷ ଶ୍ରୀ ରାଣା କହିଛନ୍ତି ଯେ ସମସ୍ତ ଅନଧିକୃତ ଦଖଲ ହଟାଯିବା ପର୍ଯ୍ୟନ୍ତ ଉଚ୍ଛେଦ ଅଭିଯାନ ଜାରି ରହିବ। ସେ ସରକାରୀ ଜମିରେ ଅନଧିକୃତ ଭାବେ ରହୁଥିବା ଲୋକଙ୍କୁ ନିଜେ ଖାଲି କରିବାକୁ ଆବେଦନ କରିଛନ୍ତି ଯାହା ନଗରର ଉନ୍ନୟନ କାର୍ଯ୍ୟକ୍ରମକୁ ସହାୟତା କରିବ।

ଉଚ୍ଛେଦ ସମୟରେ ଅଧିକାରୀମାନେ ଏକ ଅନଧିକୃତ ଘରୁ ମୋଟ ୭୨ଟି ଏଲ୍‌ପିଜି ସିଲିଣ୍ଡର (୨୧ ଛୋଟ ସିଲିଣ୍ଡର ସମେତ) ଜବତ କରିଛନ୍ତି। ବିଡିଏ ଏହି ଜବତ ସିଲିଣ୍ଡରଗୁଡ଼ିକୁ ନାଗରିକ ଯୋଗାଣ ବିଭାଗକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ହସ୍ତାନ୍ତର କରିଛି। ଏଠାରେ ଉଲ୍ଲେଖନୀୟ ଯେ ଗତ ଡିସେମ୍ବର ୨୦୨୩ରେ ବିଡିଏ ପକ୍ଷରୁ ୬୮ ଏକର ଜମିର ଅନଧିକୃତ ଦଖଲ ଓ ବିକ୍ରି ସମ୍ପର୍କରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଏକ ମାମଲା (ଏଫ୍‌ଆଇଆର୍) ଦାୟର କରିଥିଲା, ଯେଉଁଥିରେ ଜମି ମାଫିଆଙ୍କ ଦ୍ୱାରା ଅପରାଧ କରାଯାଇଥିବା ଅଭିଯୋଗ କରାଯାଇଥିଲା। ଏଥିରେ ଡିସିପି ପ୍ରକାଶ ଚନ୍ଦ୍ର ପାଲ, ଅତିରିକ୍ତ ଡିସିପି ସୁବ୍ରତ କୁମାର, ସର୍ଭେ ଓ ଏନଫୋର୍ସମେଣ୍ଟ ଉପନିର୍ଦ୍ଦେଶକ ସୁନାରାମ ହେମ୍ବ୍ରମ୍, ଅମିୟ କୁମାର ଦାସ, ଜିଏ ଓ ପିଜି ବିଭାଗ ଓଏସଡି ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜୁନିୟର ଏନଫୋର୍ସମେଣ୍ଟ ଅଫିସର ସିଦ୍ଧାନ୍ତ ସାହୁ ଉପସ୍ଥିତ ଥିଲେ।

● ବିଶ୍ୱ ହିମୋଫିଲିଆ ଦିବସ ପାଳିତ

## ଉନ୍ନତ ମାନର ଚିକିତ୍ସା ସୁବିଧାର ଶୁଭାରମ୍ଭ

**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲ ଓ ପିଜିଆଇଏମଇଆର ପରିସରସ୍ଥିତ ହିମୋଫିଲିଆ ଡେ-କେୟାର ସେଣ୍ଟରଠାରେ 'ବିଶ୍ୱ ହିମୋଫିଲିଆ ଦିବସ' ପାଳିତ ହୋଇଛି। ଏହି ଅବସରରେ ରୋଗୀଙ୍କ ପାଇଁ ଉନ୍ନତ ମାନର ଚିକିତ୍ସା ସୁବିଧା ଓ ନୂତନ ଔଷଧର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାର ସବୁବେଳେ ହିମୋଫିଲିଆ ରୋଗୀଙ୍କ ସହ ରହିଛନ୍ତି। ରାଜ୍ୟରେ ମୁକ୍ତ ଚିକିତ୍ସା ସୁବିଧା, ଫ୍ୟାକ୍ଟର ଉପଲବ୍ଧତା ଓ ସଚେତନତା କାର୍ଯ୍ୟକ୍ରମକୁ ଆଗେଇ ନିଆଯାଇଛି ବୋଲି କହିଛନ୍ତି। 'ବିଶ୍ୱ ହିମୋଫିଲିଆ ଦିବସ' ଅବସରରେ ରାଜ୍ୟରେ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ଚଳିତ ବର୍ଷର ଥିମ 'ଡାଇଗ୍ନୋସିସ୍: ଫାଷ୍ଟ୍ ଷ୍ଟେପ୍‌ଟୁ କେୟାର' ରଖାଯାଇଥିବା ବେଳେ ହିମୋଫିଲିଆ ରୋଗୀଙ୍କ ପାଇଁ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ହିମୋଫିଲିଆ ଏକ ଦୁର୍ଲ୍ଲଭ ରୋଗ, ଯାହା ରୋଗୀ ସହ ପରିବାରକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଥାଏ। ଏହା




ଏକ ବଂଶାନୁକ୍ରମିକ ରୋଗ, ଯେଉଁଥିରେ ରକ୍ତ ସାଧାରଣ ଭାବେ ଜମାଟ ବାନ୍ଧେନାହିଁ। ଏହାର କାରଣ ରକ୍ତରେ ଥିବା କ୍ଲଟିଂ ଫ୍ୟାକ୍ଟରର ଅଭାବ କିମ୍ବା ଅନୁପସ୍ଥିତି। ଏହି କାରଣରୁ ସାଧାରଣ ଆଘାତରେ ବି ଦୀର୍ଘ ସମୟ ପର୍ଯ୍ୟନ୍ତ ରକ୍ତସ୍ରାବ ହୁଏ ଓ ବେଳେବେଳେ ଶରୀର ଭିତରେ ବି ରକ୍ତସ୍ରାବ ହୋଇଥାଏ। ଆଗାମୀ ଦିନରେ ରାଜ୍ୟରେ ନନ୍-ଫ୍ୟାକ୍ଟର ଥେରାପି ମଧ୍ୟ ଉପଲବ୍ଧ ହେବ। ଏହା ଏକ ଅତ୍ୟାଧୁନିକ ପଦ୍ଧତି ଯାହା ଅଧିକ ପ୍ରଭାବଶାଳୀ ଓ ଏହାଦ୍ୱାରା ବାରମ୍ବାର ରକ୍ତସ୍ରାବ ହେବାର ଭୟ ରହିବ ନାହିଁ। ଫଳରେ ରୋଗୀମାନେ ଏକ ସୁସ୍ଥ ଓ ସ୍ୱାଭାବିକ ଜୀବନ ଅତିବାହିତ କରିପାରିବେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ୍ସଟେଣ୍ଡେଡ୍ ହାଫ୍-ଲାଇଫ୍ ଫ୍ୟାକ୍ଟର ଅଷ୍ଟମ ଓଭନ୍ ଉଇଲବ୍ରାଣ୍ଡ ଫ୍ୟାକ୍ଟରର ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ଉପଲବ୍ଧ କରାଯାଇଛି। ଏହି ଆଧୁନିକ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗୀମାନେ କମ୍‌ସଂଖ୍ୟକ ଇଞ୍ଜେକ୍ସନ୍ ନେବେ। ସେମାନଙ୍କର ଜୀବନ ମାନ ଉନ୍ନତ ହେବ ଓ ସେମାନେ ଅଧିକ ସ୍ୱାଧୀନ ଜୀବନ ବିତାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। କାର୍ଯ୍ୟକ୍ରମରେ କ୍ୟାପିଟାଲ ହସ୍ପିଟାଲ ଓ ପିଜିଆଇଏମଇଆରର ନିର୍ଦ୍ଦେଶକ, ବ୍ଲଡ୍ ସେଫଟି ବିଭାଗ ନିର୍ଦ୍ଦେଶକ ଓ ଅତିରିକ୍ତ ନିର୍ଦ୍ଦେଶକ, କ୍ୟାପିଟାଲ ହସ୍ପିଟାଲର ଅଧୀକ୍ଷକ ଓ ଉପଅଧୀକ୍ଷକ, ପିଜିଆଇଏମଇଆରର ଅଧ୍ୟକ୍ଷ ଓ ହେମୋଫିଲିଆ ସୋସାଇଟିର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା କ୍ୟାଡରର ଆଇଏଏସ ପ୍ରଶିକ୍ଷାର୍ଥୀଙ୍କ ଏସଏସଇପିଡି ବିଭାଗ ପରିଦର୍ଶନ



**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡରର ୯ ଜଣ ଆଇଏଏସ ପ୍ରଶିକ୍ଷାର୍ଥୀ ଆଜି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍‌ଏସ୍‌ଇପିଡି)ର ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣର ଅଂଶସ୍ୱରୂପ ଭବିଷ୍ୟତର ଏହି ପ୍ରଶାସକମାନଙ୍କୁ ଅନ୍ତର୍ଭୁକ୍ତିମୂଳକ ଶାସନ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ବ୍ୟାବହାରିକ ଜ୍ଞାନ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଓ ନିର୍ଦ୍ଦେଶିକା ପାରୁଲ ପଟାୱାରୀଙ୍କ ନେତୃତ୍ୱରେ ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭାଗର ପ୍ରମୁଖ ଲକ୍ଷ୍ୟଗୁଡ଼ିକ ବିଷୟରେ ଅବଗତ କରାଯାଇଥିଲା, ଯେଉଁଥିରେ ରାଜ୍ୟ ସ୍ତରରୁ ଆରମ୍ଭ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଭାଗ କିପରି କାର୍ଯ୍ୟ କରେ, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ଅସହାୟ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା, ସରକାରୀ କାର୍ଯ୍ୟକ୍ରମର ସଫଳତା ପରଖିବା ଏବଂ ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ଶୈଳୀ, ସେବା ପ୍ରଦାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଏସଏସଇପିଡି. ବିଭାଗ କିପରି ଅନ୍ୟ ସରକାରୀ ବିଭାଗଗୁଡ଼ିକ ସହ ମିଶି କାର୍ଯ୍ୟ କରେ ଆଦି ପ୍ରମୁଖ। କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷାର୍ଥୀମାନେ ସ୍ଥାନୀୟ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ (ଏସ୍‌ଆଇଇପି) ପରିଦର୍ଶନ କରିଥିଲେ। ସେଠାରେ ସେମାନେ ନାଗରିକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ଓ ସେବା ପ୍ରଦାନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ଦେଖିବାର ସୁଯୋଗ ପାଇଥିଲେ। ଏହି ପ୍ରଶିକ୍ଷାର୍ଥୀ ଦଳରେ ଅନିମେଷ ପ୍ରଧାନ, ପ୍ରଜ୍ଞାନନ୍ଦନ ଗିରି, କୁମାରୀ କସ୍ତୁରୀ ସା, କୁମାରୀ ଫାବି ରସିଦ, କୁମାରୀ ମୃଣାଳିକା ରାଠୋର, ଶୁଭ୍ରା ପଣ୍ଡା, ପବନ କୁମାର, କୁମାରୀ ଭଗତ ଶ୍ୟାମଳ କଲ୍ୟାଣରାଓ ଓ ସନ୍ତୋଷ କୁମାର ପାତ୍ର ସାମିଲ ଥିଲେ।

● ପୂର୍ବତଟ ରେଳପଥର ରୂପାନ୍ତରମୂଳକ ବର୍ଷ

## ସୁରକ୍ଷିତ ଟ୍ରାକ୍, ଦ୍ରୁତଗାମୀ ଟ୍ରେନ ଓ ଯାତ୍ରୀ ସେବାରେ ନୂତନ ମାନଦଣ୍ଡ

**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ଭିତ୍ତିଭୂମି ବିକାଶ, ସୁରକ୍ଷା, ଗତି ବୃଦ୍ଧି ଓ ଯାତ୍ରୀ ସୁବିଧା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ରେକର୍ଡ କରିଛି, ଯାହା ଏକ ସୁରକ୍ଷିତ, ଅଧିକ ଦକ୍ଷ ଓ ଯାତ୍ରୀକୈନ୍ଦ୍ରିକ ରେଳ ନେଟୱାର୍କ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସମଗ୍ର ଜୋନରେ ଯାତ୍ରୀ ସୁବିଧାରେ ବ୍ୟାପକ ଉନ୍ନତି ହୋଇଛି। ୭୩ଟି ପ୍ଲାଟଫର୍ମରେ କଂକ୍ରିଟ ପୃଷ୍ଠ ପ୍ରସ୍ଥାପିତ ହୋଇଥିବାବେଳେ ୬୯ଟି ଉଚ୍ଚସ୍ତରୀୟ ପ୍ଲାଟଫର୍ମ ନିର୍ମାଣ ହୋଇଛି। ୩୮ଟି ଷ୍ଟେସନରେ ଆଶ୍ରୟସ୍ଥଳୀ ସମ୍ପ୍ରସାରଣ କରାଯାଇଥିବା ବେଳେ ୧,୦୭୩ରୁ ଅଧିକ ବେଞ୍ଚ ସ୍ଥାପନ କରାଯାଇଛି। ୨୦ଟି ନୂତନ ଫୁଟ୍ ଓଭର୍ ବ୍ରିଜ୍ ଗତିବିଧିକୁ ଉନ୍ନତ କରିଛି। ସେହିପରି ସମସ୍ତଙ୍କ ପାଇଁ ସୁବିଧା ନିଶ୍ଚିତ କରିବା ଦିଗରେ ୪୧ଟି ଷ୍ଟେସନକୁ ଦିବ୍ୟାଙ୍ଗ ସ୍ୱାବଲମ୍ବୀ କରାଯାଇଛି। ବିଭିନ୍ନ ଷ୍ଟେସନରେ ଦିବ୍ୟାଙ୍ଗ ଅନୁକୂଳ ର୍ୟାମ୍ପ, ସ୍ପର୍ଶିତ ପଥ ଏବଂ ସୁଗମ ଶୌଚାଳୟ ଭଳି ସୁବିଧା ବ୍ୟବସ୍ଥା କରାଯାଇ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଯାତ୍ରାକୁ ଅଧିକ ସହଜ ଓ ସମ୍ମାନଜନକ କରାଯାଇଛି। ଆହୁରି ପରିଚାଳନା ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ସହ ଟ୍ରେନ ପରିଚାଳନାରେ ଲକ୍ଷଣୀୟ ସୁଧାର ହୋଇଛି। ସେହିପରି ସୁରକ୍ଷାକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି।

### ମେୟରଙ୍କୁ ସୋଫିଆଙ୍କ ଟାର୍ଗେଟ୍

## ଫୁଡକୋର୍ଟ ଆବଣ୍ଟନରେ ବ୍ୟାପକ ଅନିୟମିତା



**କଟକ,୧୭।୪( ସଂଚାର ବ୍ୟୁରୋ):** କଟକ ମହାନଗର ନିଗମ ଦ୍ୱାରା ବାରବାଟୀ ଷ୍ଟାଡିଅମ୍ ସମୁଖରେ ହୋଇଥିବା ଫୁଡକୋର୍ଟ ଆବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥବା ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୌଷ ଅଭିଯୋଗ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସୋଫିଆ କହିଛନ୍ତି, ଗତ କିଛିମାସ ତଳେ ଷ୍ଟାଡିୟମ ସମୁଖରେ ବ୍ୟବସାୟୀମାନଙ୍କ ପାଇଁ ଏହି ଫୁଡ କୋର୍ଟ ନିର୍ମାଣ କରାଯାଇଥିଲା। କିନ୍ତୁ କମିଶନରଙ୍କ ବିନା ଦସ୍ତଖତରେ ଏସବୁ କାମ କରାଯାଇଛି। ଫୁଡକୋର୍ଟରେ ସମସ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ସେ ଅଭିଯୋଗ କରିଛନ୍ତି। ନିଜ ଲୋକଙ୍କୁ ଗୃହ ଆବଣ୍ଟନ କରିବା ସହ ଜଣେ ବ୍ୟକ୍ତିଙ୍କୁ ଏକାଧିକ ଗୃହ ଆବଣ୍ଟନ କରାଯାଇଛି। ନିର୍ମାଣ କରିଥିବା ସଂସ୍ଥା ଏବଂ ମେୟରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଯୋଗ୍ୟ ବ୍ୟବସାୟୀମାନେ ବଳି ପଡୁଛନ୍ତି। ପ୍ରକୃତ ବ୍ୟବସାୟିଙ୍କୁ ଚିହ୍ନଟ କରାଯାଇ ନାହିଁ କି ସେମାନଙ୍କୁ ଗୃହ ଆବଣ୍ଟନ କରାଯାଇନାହିଁ। ଭଲ ଭାବରେ ତଦାରଖ କରି ପ୍ରକୃତ ବ୍ୟବସାୟୀଙ୍କୁ ଗୃହ ଦିଆଯାଉ ବୋଲି କହିବା ସହ ମେୟର ଏହି ମହା ଦୁର୍ନୀତିର ମହାନାୟକ ବୋଲି ସେ ସିଧାସଳଖ ଅଭିଯୋଗ ଆଣିଛନ୍ତି।

### ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ପାଳିଲା ବିଜେଡି

## ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ସମ୍ମିଳିତ ସ୍ୱର ଉତ୍ତୋଳନ ଆହ୍ୱାନ

**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ଭାରତର ଗୌରବ, ସାହସ ସଂକଳ୍ପର ଜୀବନ୍ତ ପ୍ରତୀକ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସରେ ବିଜେଡି ପକ୍ଷରୁ 'ପ୍ରବାଦ ପୁରୁଷ ଦିବସ' ଭାବେ ପାଳିତ ହୋଇଛି। ଦଳର ନେତୃବୃନ୍ଦଙ୍କ ଉପସ୍ଥିତିରେ ଶଙ୍ଖ ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦିଲ୍ଲୀରୁ ଆଭାସୀରେ

**ଲଗାତର କେନ୍ଦ୍ର ଅବହେଳାର ଶିକାର ହେଉଛି ଓଡ଼ିଶା: ନବୀନ**

କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଦେଶରେ ମହିଳାମାନଙ୍କୁ ସଶକ୍ତିକରଣ କରିବା ଲକ୍ଷ୍ୟରେ ୯୦ ଦଶକରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପଦକ୍ଷେପ ନେଇଥିଲେ। ସଂଯୋଗବଶତଃ ବିଜୁ ବାବୁଙ୍କ ତିରୋଧାନ ଦିବସରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଉଛି। ତେଣୁ ବିଜେଡି ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁଛି।



ଇତିହାସ ସାକ୍ଷୀ ଅଛି, ଓଡ଼ିଶା ଲଗାତର ଭାବେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଆସୁଛି। ଏବେ ଡିଲିମିଟେସନ ବିଲ୍ ମାଧ୍ୟମରେ ଓଡ଼ିଶାର ରାଜନୈତିକ ପରିଚୟ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଆ ସ୍ୱାଭିମାନ ଆଜି ବିପଦରେ। ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯାଉଥିବା ଆଶଙ୍କା ଉପୁଜିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ବିଧାନସଭାର ଏକ ବିଶେଷ ଅଧିବେଶନ ଡାକି ଓଡ଼ିଶାର ସ୍ୱାର୍ଥ ସୁରକ୍ଷିତ ରଖିବା ପାଇଁ ନିବେଦନ କରିଥିଲେ। କିନ୍ତୁ ଏଥିରେ ବିଜେପି ସରକାର ନୀରବଦ୍ରଷ୍ଟା ସାଜିବାକୁ ପସନ୍ଦ କରୁଛି। ତେଣୁ ରାଜ୍ୟ ସରକାର ଓଡ଼ିଆ କି ଓଡ଼ିଶାର ସ୍ୱାର୍ଥ ନୁହେଁ, ବରଂ ବିଜେପିର ସ୍ୱାର୍ଥକୁ ଗୁରୁତ୍ୱ ଦେଉଛି। ଏହା କ'ଣ ଓଡ଼ିଆ ଅସ୍ମିତା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ଏଥିସହ ସେ କହିଥିଲେ ଯେ ଏହି ପ୍ରସଙ୍ଗରେ ସେ ରାଜ୍ୟର ସମସ୍ତ ସାଂସଦଙ୍କୁ ରାଜ୍ୟର ହିତ ଦୃଷ୍ଟିରୁ ଦଳଗତ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସ୍ୱର ଉତ୍ତୋଳନ ସକାଶେ ନିବେଦନ କରିଥିଲେ। ବିଜୁବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ। ଆଜି ତାଙ୍କ ତିରୋଧାନ ଦିବସରେ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ଆମର ସମ୍ମିଳିତ ଉଦ୍ୟମ ହେବ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ଆଜି ତିରୋଧାନ ଦିବସ ଅବସରରେ ସକାଳେ ବିନ୍ଦୁ ସାଗରଠାରେ ତିଳତର୍ପଣ ଅର୍ପଣ କରାଯାଇଥିଲା। ପରେ ଫରେଷ୍ଟ ପାର୍କ ଓ ଏୟାରପୋର୍ଟ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ୨୦୦୦ ମେଗାୱାଟ୍ ଛୁଇଁଲା ପିକ୍ ଡିମାଣ୍ଡ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

- ଏପ୍ରିଲ ୧୩ରେ ଚଳିତ ବର୍ଷର ରେକର୍ଡ ଡିମାଣ୍ଡ
- ଭରସାଯୋଗ୍ୟ ଯୋଗାଣ ସୁନିଶ୍ଚିତ କରାଯାଇଛି: ଟିପିସିଓଡିଏଲ

**ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ):** ରାଜ୍ୟରେ ବର୍ଦ୍ଧିତ ତାପମାତ୍ରା ଏବଂ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ଗତ ୧୩ରେ ଭୁବନେଶ୍ୱର, କଟକ, ପାରାଦ୍ୱୀପ ଏବଂ ଢେଙ୍କାନାଳ ଅଞ୍ଚଳରେ ୨୦୦୦ ମେଗାୱାଟର ପିକ ବିଦ୍ୟୁତ ଡିମାଣ୍ଡକୁ ସଫଳତାର ସହ ପୂରଣ କରିଛି। ଯାହା ଚଳିତ ଗ୍ରୀଷ୍ମ ଋତୁରେ ଏପର୍ଯ୍ୟନ୍ତର ସବୁଠାରୁ ଅଧିକ ବିଦ୍ୟୁତ ଡିମାଣ୍ଡ ଭାବେ ରେକର୍ଡ କରାଯାଇଛି। ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଝଡ଼ବର୍ଷା ହେବାକୁ ଥିବାରୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଭଳି ସ୍ଥିତିରେ ତାପମାତ୍ରା ବୃଦ୍ଧି ଯୋଗୁଁ ବିଦ୍ୟୁତ୍ ବ୍ୟବହାର ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଚଳିତ ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ ନିଜର ନେଟୱାର୍କକୁ ଅଧିକ ଶକ୍ତିଶାଳୀ କରିଛି। ଏଥିପାଇଁ କମ୍ପାନୀ ୩୩୪ ଏମଭିଏର ଅତିରିକ୍ତ କ୍ଷମତା ବୃଦ୍ଧି କରିବା ସହ ରିଅଲ୍-ଟାଇମ୍ ଗ୍ରୀଡ ମନିଟରିଂ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିଛି। ଗ୍ରୀଷ୍ମ ସମୟରେ ଯେପରି ଉପଭୋକ୍ତା ଭରସାଯୋଗ୍ୟ ବିଦ୍ୟୁତ୍ ପାଇପାରିବେ, ସେଥିପାଇଁ ୯ ହଜାରରୁ ଅଧିକ ଗ୍ରାଉଣ୍ଡ ଷ୍ଟାଫଙ୍କୁ ମୁତୟନ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। କମ୍ପାନୀ ପକ୍ଷରୁ ସୁପରଭାଇଜରୀ କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ୍ (ସ୍କାଡା) ଭଳି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ବିଦ୍ୟୁତ୍ ଫିଡର, ସବ୍-ଷ୍ଟେସନ୍ ଓ ଲୋଡ ଫ୍ଲୋର ରିଅଲ୍-ଟାଇମ୍ ମନିଟରିଂ କରାଯାଉଛି। ଏହି ବ୍ୟବସ୍ଥା ମାଧ୍ୟମରେ ଯାନ୍ତ୍ରିକ ତ୍ରୁଟିକୁ ତୁରନ୍ତ ଚିହ୍ନଟ କରିବା ସହ ଦୂରରୁ ହିଁ ସୁଇଚ୍ ଅପରେଟ କରାଯାଇପାରୁଛି। ଏହି ପ୍ରସଙ୍ଗରେ ଟିପିସିଓ ଡିଏଲର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଆମେ ଗ୍ରୀଷ୍ମ ଋତୁରେ ଉପଭୋକ୍ତାଙ୍କୁ ବିଶ୍ୱସନୀୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ। ଯେକୌଣସି ଆବଶ୍ୟକତାର ମୁକାବିଲା କରିବା ପାଇଁ ଆମର ଗ୍ରାଉଣ୍ଡ ଟିମ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି।

### ତ୍ରୟୋଦଶତମ ଅନୁଗୋଳ ମହୋତ୍ସବ-୨୦୨୬ରେ ମୁଖ୍ୟମନ୍ତ୍ରୀ

## ୫୫୯ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ



**ଭୁବନେଶ୍ୱର, ୧୭।୪ (ସଂଚାର ବ୍ୟୁରୋ):** ଶୁକ୍ରବାର ତ୍ରୟୋଦଶତମ ଅନୁଗୋଳ ମହୋତ୍ସବ-୨୦୨୬ର ଉଦ୍‌ଘାଟନ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଅନୁଗୋଳ ପାଇଁ ୫୫୯ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବିଷୟ ସୂଚନା ଦେଇଛନ୍ତି। ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ ଯେ, ପୂର୍ବବର୍ଷ ପ୍ରାୟ ୧୮୦୦ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ଅନୁଗୋଳ ପାଇଁ ୫୫୯ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ରଖାଯାଇଛି। ଏହା ଜିଲ୍ଲାର ସମଗ୍ର ବିକାଶକୁ ସୁନିଶ୍ଚିତ କରିବ। ସାମାଜିକ ସୁରକ୍ଷା ଓ କଲ୍ୟାଣ ଯୋଜନା ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା', 'ସମୃଦ୍ଧ କୃଷକ ଯୋଜନା', 'ସୁଭଦ୍ରା ଯୋଜନା', 'କନ୍ୟା ବିବାହ ଯୋଜନା' ଓ 'କନ୍ୟା ସୁମଙ୍ଗଳ ଯୋଜନା' ଭଳି ପଦକ୍ଷେପ ମାଧ୍ୟମରେ କୃଷକ, ମହିଳା, ଯୁବ ଓ ଗରିବ ବର୍ଗଙ୍କ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ରହିଛି। ଏଥିସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ସହିତ ସୁଶାସନ, ପାରଦର୍ଶିତା ଓ ଦୁର୍ନୀତି ବିରୋଧରେ 'ଜିରୋ ଟୋଲେରାନ୍ସ' ନୀତି ଅବ୍ୟାହତ ରହିଛି। 'ବିକଶିତ ଭାରତ-୨୦୪୭' ଓ 'ସମୃଦ୍ଧ ଓଡ଼ିଶା-୨୦୩୬' ଲକ୍ଷ୍ୟ ପୂରଣରେ ଅନୁଗୋଳ ଜିଲ୍ଲା ଏକ ପ୍ରମୁଖ ଭୂମିକା ନେବ ବୋଲି ସେ ଆଶା ପ୍ରକାଶ କରିଥିଲେ।

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ



**କଟକ,୧୭।୪ (ସଂଚାର ବ୍ୟୁରୋ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ବିଜୁ ପଟ୍ଟନାୟକ ଛକ ଓ ଯୋବ୍ରାସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଆନନ୍ଦଭବନ ବାସଭବନ ସଂଗ୍ରହାଳୟ ଯାଇ ସେଠାରେ ତାଙ୍କ ପୂର୍ଣ୍ଣାବୟାବ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଓଡ଼ିଆ ଭାଷା ପ୍ରତିଷ୍ଠାନ, ଦୁରବସ୍ଥା ଦୂର କେବେ ?

**ଭୁବନେଶ୍ୱର,୧୭।୪:** ଓଡ଼ିଆ ଭାଷା ପ୍ରତିଷ୍ଠାନରେ ଅର୍ଦ୍ଧାଧିକ ପଦବୀ ଖାଲି ପଡିଥିବାବେଳେ ଏହାର ନିୟମିତ ନିର୍ଦ୍ଦେଶକ ନାହାନ୍ତି। ସଂସ୍କୃତି ନିର୍ଦ୍ଦେଶକ ଅତିରିକ୍ତ ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦାୟିତ୍ୱରେ ରହିଛନ୍ତି।

ଓଡ଼ିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ଲାଗି ରାଜ୍ୟ ସରକାର ୨୦୦୯ ମସିହାରେ ରାଜଧାନୀର ୟୁନିଟ୍ ୩ ଅଞ୍ଚଳରେ ଏକ ଜମି ଯୋଗାଇଥିଲେ। ଏହା ପୂର୍ବରୁ ୨୦୦୫-୦୬ ଆର୍ଥିକ ବର୍ଷରୁ ପ୍ରତିଷ୍ଠାନର ଭିତ୍ତିଭୂମି ବିକାଶ ଲାଗି ମଧ୍ୟ ଅର୍ଥ ବରାଦ ହୋଇଥିଲା। ଦୀର୍ଘବର୍ଷ ଧରି ଜମି ଓ ଟଙ୍କା ପଡ଼ି ରହିଥିଲେ ମଧ୍ୟ ଆବଣ୍ଟିତ ଜମିରେ ଏଯାବତ୍ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ସୌଧ ନିର୍ମିତ ହୋଇପାରିନାହିଁ। ସ୍ମାର୍ଟ ସିଟି କର୍ତ୍ତୃପକ୍ଷଙ୍କ ଝଟ୍‌କାରେ ଗୃହ ନିର୍ମାଣ ପାଇଁ ଟେଣ୍ଡର ଡକାଯାଇଥିବା ସମୟରୁ ବନ୍ଦ ରହିଛି।

ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ଏକ ସ୍ୱୟଂଶାସିତ ସଂସ୍ଥା ବୋଲି କୁହାଯାଇଥାଏ। ତେବେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହାର କେହି ସ୍ଥାୟୀ ନିର୍ଦ୍ଦେଶକ ନାହାନ୍ତି। କେତେବେଳେ ରାଜ୍ୟ ସଂଗ୍ରହାଳୟର କୌଣସି ଅଧିକାରୀ ଏହାର ନିର୍ଦ୍ଦେଶକ ଦାୟିତ୍ୱରେ ରଖାଯାଉଛି ତ ଆଉ କେତେବେଳେ ସଙ୍ଗୀତ ନାଟକ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏହାର ଦାୟିତ୍ୱ ଦିଆଯାଉଛି। ଏବେ କିଛିବର୍ଷ ଧରି ସଂସ୍କୃତି ନିର୍ଦ୍ଦେଶକ ଏହି ସଂସ୍ଥାର ଅତିରିକ୍ତ ଦାୟିତ୍ୱରେ ରହୁଛନ୍ତି। ଭାଷାପ୍ରେମୀମାନେ କହୁଛନ୍ତି ଯେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ଥାୟୀ ନିର୍ଦ୍ଦେଶକ ନ ଥିବା ବେଳେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଏହି ଦାୟିତ୍ୱରେ ରଖାଯାଉଛି। କେବଳ ସେତିକି ନୁହେଁ, ଅତିରିକ୍ତ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ମଧ୍ୟ ଭାଷା ପ୍ରତିଷ୍ଠାନ ସମେତ ଅନ୍ୟ ଏକାଡେମୀ, ଓଡ଼ିଆ ପରିବାର ଆଦି ଦାୟିତ୍ୱରେ ବି ରହୁଛନ୍ତି।

ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ କମିଟି ଓ ସାଧାରଣ କମିଟି ବର୍ଷ ବର୍ଷ ଧରି ଗଢ଼ାଯାଇପାରୁ ନାହିଁ। ୨୦୦୬ରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଗଢ଼ାଯିବା ପରେ ଏହା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିଲା। ସେତେବେଳେ ଏହା ରାଜଧାନୀର ୟୁନିଟ୍-୫ରେ ବିଭାଗୀୟ ମୁଖ୍ୟ ଦପ୍ତର ନିକଟରେ ଥିବା ରାଜ୍ୟ ଜନଶିକ୍ଷା କେନ୍ଦ୍ରର ପ୍ରଥମ ମହଲାରେ ଚାଲୁଥିଲା। ତେବେ ୨୦୧୬ରୁ ଭାଷା ପ୍ରତିଷ୍ଠାନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରକୁ ଆସିବା ପରେ ଏହା ବିଜେବି ନଗର ଅଞ୍ଚଳର ଭଞ୍ଜକଳା ମଣ୍ଡପ ପଛରେ ଥିବା ସଂସ୍କୃତି ଭବନରେ କାର୍ଯ୍ୟ କରୁଥିଲା। ୨୦୨୪ରେ ଏହି ପ୍ରତିଷ୍ଠାନକୁ ଖାରବେଳ ଭବନକୁ ଉଠାଇ ନିଆଯାଇଛି।

ଓଡ଼ିଆ ଭାଷାର ବିକାଶ କ୍ଷେତ୍ରରେ ଭାଷା ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ବର୍ଷବର୍ଷ ଧରି ଏହା ଅବହେଳିତ ରହିଛି ବୋଲି ବହୁ ଶିକ୍ଷାବିତ୍ ଓ ଭାଷା ପ୍ରେମୀ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଏକ ସ୍ୱୟଂଶାସିତ ସଂସ୍ଥା ଭାବେ ଭାଷା ବିଶେଷଜ୍ଞମାନଙ୍କୁ ନେଇ ପ୍ରତିଷ୍ଠାନକୁ ଚଳାଇବା ପରିବର୍ତ୍ତେ ବସ୍ତୁତଃ ଏହା ଅମଲାତନ୍ତ୍ରର ନିୟନ୍ତ୍ରଣରେ ରହିଛି। ଭାଷା ପ୍ରତିଷ୍ଠାନ ଲାଗି ଅନୁମୋଦିତ ୩୧ଟି ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡିଛି।

କୋଲକାତା ମହାନଗରକୁ ବିମାନ ବନ୍ଦରରୁ ପ୍ରବେଶ ପଥରେ ପଶ୍ଚିମବଙ୍ଗ ସରକାର ବିସ୍ତୀର୍ଣ୍ଣ ଜାଗା ପରେ ନିର୍ମାଣ କରିଛନ୍ତି ବିଶ୍ୱ ବାଂଲା ସଦନ। ଆନ୍ତର୍ଜାତିକ ବିମାନ ବନ୍ଦରକୁ ସଂଯୋଗ କରୁଥିବା ରାସ୍ତାର ନାମ ବି ବିଶ୍ୱ ବାଂଲା ସରଣୀ ରହିଛି। ସେଠାରେ ସାହିତ୍ୟ, ଗବେଷଣାଠାରୁ ଆରମ୍ଭ କରି ମୁଦ୍ରଣ, ଅଭିଲେଖାଗାର, ସଂଗ୍ରହାଳୟ, ପ୍ରେକ୍ଷାଳୟ, ଅତିଥି ଭବନ ଆଦି ଥିବାବେଳେ ଓଡ଼ିଶାର ଭାଷା ପ୍ରତିଷ୍ଠାନ କିନ୍ତୁ ବାରଦୁଆର ଶୁଣ୍ଡିପିଣ୍ଡା ହେଉଛି। (ତଥ୍ୟ)

# ଇସ୍ରାଏଲ୍-ଲେବାନନ୍ ଯୁଦ୍ଧ ବିରାମ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ଏକ ଦଶ ଦିନିଆ ଯୁଦ୍ଧବିରାମ ଘୋଷଣା ହୋଇଛି। ଏପ୍ରିଲ୍ ୧୬ ତାରିଖରେ ରାତ୍ରିରେ ଏହି ବିରାମ କାର୍ଯ୍ୟକାରୀ ହୋଇଛି ଏବଂ ଏହା ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିବା ଛଅ ସପ୍ତାହର ରକ୍ତାକ୍ତ ସଂଘର୍ଷକୁ ଅସ୍ଥାୟୀ ଭାବେ ଥାମାଇବାର ଆଶା ଜଗାଇଛି। ହେଜବୋଲ୍ଲାହ୍ ମିଲିଟାଣ୍ଟ ଗ୍ରୁପ ସହିତ ଇସ୍ରାଏଲର ଲଢ଼େଇରେ ଲେବାନନର ଦୁଇ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଲକ୍ଷାଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ବିରୁତ୍ ନଗରୀରେ ଆତସବାଜି ଓ ଉତ୍ସବର ମାହୋଲ ଦେଖାଯାଇଥିଲେ ମଧ ଏହି ବିରାମ କେତେଦୂର ସଫଳ ହେବ ତାହା ଏପର୍ଯ୍ୟନ୍ତ ଅନିଶ୍ଚିତ ରହିଛି। ହେଜବୋଲ୍ଲାହ୍ ଏହାକୁ ପୂର୍ଣ୍ଣ ସମର୍ଥନ କରିନାହିଁ ଏବଂ ଇସ୍ରାଏଲ୍ ସୈନ୍ୟ ପ୍ରତ୍ୟାହାର କରିନାହାଁ। ଏହା କେବଳ ଏକ ଅସ୍ଥାୟୀ ବିରାମ ନୁହେଁ, ବରଂ ମଧ୍ୟପ୍ରାଚ୍ୟର ଜଟିଳ ରାଜନୀତିର ଏକ ନୂଆ ଅଧ୍ୟାୟ। ଏହି ଯୁଦ୍ଧବିରାମର ପୃଷ୍ଠଭୂମି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇରାନ୍-ସମର୍ଥିତ ହେଜବୋଲ୍ଲାହ୍ ସହ ଇସ୍ରାଏଲର ସଂଘର୍ଷ ଗତ କିଛି ବର୍ଷ ଧରି ଜାରି ଥିଲା। ଚଳିତ ବର୍ଷ ମାର୍ଚ୍ଚ ମାସରେ ଏହା ପୂର୍ଣ୍ଣ ଯୁଦ୍ଧର ରୂପ ନେଇଥିଲା। ଇସ୍ରାଏଲ୍ ଲେବାନନର ଦକ୍ଷିଣାଞ୍ଚଳରେ ସୈନ୍ୟ ଅଭିଯାନ ଚଳାଇଥିଲା ଏବଂ ହେଜବୋଲ୍ଲାହ ରକେଟ ଆକ୍ରମଣ କରିଥିଲା। ଫଳସ୍ୱରୂପ ଲେବାନନର ଅର୍ଥନୀତି ଧ୍ୱଂସ ହୋଇଛି ଏବଂ ଲୋକଙ୍କ ଜୀବନ ବିପର୍ଯ୍ୟସ୍ତ ହୋଇଛି। ଟ୍ରମ୍ପ ପ୍ରଶାସନ ଏହି ବିରାମକୁ ବାଜିରେ ଲଗାଇ ଇରାନ୍ ସହ ମଧ ଏକ ସ୍ଥାୟୀ ଆଲୋଚନାର ଆଶା ରଖିଛି। ଏହା କେବଳ ଇସ୍ରାଏଲ୍-ଲେବାନନ୍ ସୀମାକୁ ନୁହେଁ, ଗୋଟିଏ ସମଗ୍ର ମଧ୍ୟପ୍ରାଚ୍ୟର ଶାନ୍ତି ପ୍ରକ୍ରିୟାକୁ ପ୍ରଭାବିତ କରିପାରେ।



କିନ୍ତୁ ପ୍ରଶ୍ନ ଉଠୁଛି – ଏହି ବିରାମ କେତେଦୂର କାମ କରିବ? ହେଜବୋଲ୍ଲାହ୍ ଏବଂ ଇସ୍ରାଏଲ୍ ଉଭୟ ପକ୍ଷର ଅବସ୍ଥାନ ଏତେ କଠୋର ଯେ ଏକ ସମ୍ପୂର୍ଣ୍ଣ ସମାଧାନ ଆସିବା କଷ୍ଟକର ହୋଇପାରେ। ଇସ୍ରାଏଲ୍ କହୁଛି ଯେ ହେଜବୋଲ୍ଲାହକୁ ନିରସ୍ତ୍ର କରିବା ତା'ର ଲକ୍ଷ୍ୟ ଏବଂ ଏହା କୌଣସି ଦୁର୍ବଳତା ନୁହେଁ। ଅନ୍ୟପକ୍ଷରେ ଲେବାନନ୍ ସରକାର ଇସ୍ରାଏଲ୍ ସୈନ୍ୟ ପ୍ରତ୍ୟାହାର ଦାବି କରୁଛି। ଏହି ଘଟଣା ବିଶ୍ୱ ରାଜନୀତିର ଏକ ବଡ଼ ପାଠ ଦେଉଛି। ଆମେରିକାର ମଧ୍ୟସ୍ଥତା ପ୍ରମାଣ କରୁଛି ଯେ ବୃହତ୍ ଶକ୍ତିର ଭୂମିକା ଏବେ ମଧ ଅପରିହାର୍ଯ୍ୟ। କିନ୍ତୁ ଏହା ସହିତ ଏକ ସତର୍କତା ମଧ ସୃଷ୍ଟି କରିଛି – ଯୁଦ୍ଧର ପରିଣାମ କେବଳ ଯୁଦ୍ଧକ୍ଷେତ୍ରରେ ସୀମିତ ନହୋଇ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରେ। ତୈଳ ଉତ୍ପାଦନ ଓ ସମୁଦ୍ରପଥର ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ଥିଲା। ଭାରତ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଇରାନ୍ ଓ ଇସ୍ରାଏଲ୍ ଉଭୟଙ୍କ ସହ କୂଟନୀତିକ ସମ୍ପର୍କ ରଖିଛୁ। ତୈଳ ଆମଦାନି ଏବଂ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ଆମର ପ୍ରମୁଖ ଚିନ୍ତା। ଏହି ବିରାମ ଯଦି ସ୍ଥାୟୀ ହୁଏ ତେବେ ଭାରତର ଅର୍ଥନୀତି ଓ ଶକ୍ତି ସୁରକ୍ଷା ଲାଭବାନ୍ ହେବ। କିନ୍ତୁ ଯଦି ଏହା ଭଙ୍ଗ ହୁଏ ତେବେ ତୈଳ ମୂଲ୍ୟ ବୃଦ୍ଧି ପାଇ ଦେଶର ମୂଲ୍ୟବୃଦ୍ଧି ଓ ସାଧାରଣ ଲୋକଙ୍କ ଜୀବନ ପ୍ରଭାବିତ ହେବ। ଭାରତ ସର୍ବଦା ଶାନ୍ତିର ପକ୍ଷରେ ଥିଲା ଏବଂ ଏହି ସମୟରେ ମଧ ଉଭୟ ପକ୍ଷକୁ ସଂଯମ ଓ ଆଲୋଚନାର ଆହ୍ୱାନ ଦେବା ଉଚିତ।

ତଥାପି ଏହି ଯୁଦ୍ଧବିରାମକୁ କେବଳ ଉତ୍ସବର ଦୃଷ୍ଟିରୁ ଦେଖିବା ଉଚିତ୍ ନୁହେଁ। ଇଉନାଇଟେଡ୍ ନେସନ୍ସ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ସଂସ୍ଥା ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରିଛନ୍ତି। ଲେବାନନର ଲୋକଙ୍କ ଦୁଃଖ ଓ ବିନାଶ ଏକ ବଡ଼ ମାନବୀୟ ସଙ୍କଟ। ଏହି ବିରାମ ଯଦି ସଫଳ ହୁଏ ତେବେ ଏହା ଏକ ବଡ଼ କୂଟନୀତିକ ବିଜୟ ହେବ। କିନ୍ତୁ ଯଦି ଏହା ବ୍ୟର୍ଥ ହୁଏ ତେବେ ଯୁଦ୍ଧ ଆହୁରି ତୀବ୍ର ହୋଇପାରେ। ମଧ୍ୟପ୍ରାଚ୍ୟର ଶାନ୍ତି କେବଳ ଏକ ପକ୍ଷର ବିଜୟ ନୁହେଁ, ବରଂ ଉଭୟଙ୍କର ସମ୍ମାନ ଓ ସୁରକ୍ଷାର ଉପରେ ନିର୍ଭର କରେ। ଇସ୍ରାଏଲ୍ ଓ ଲେବାନନ୍ ନେତୃତ୍ୱକୁ ଏହି ସୁଯୋଗ ଗ୍ରହଣ କରି ଏକ ସ୍ଥାୟୀ ସମାଧାନ ଦିଗରେ ଆଗକୁ ବଢ଼ିବାକୁ ପଡ଼ିବ।

ଶେଷରେ କହିବାକୁ ହେଲେ, ଏହି ଦଶ ଦିନିଆ ଯୁଦ୍ଧବିରାମ ଏକ ଆଶାର ସଞ୍ଚାର କରିପାରେ ଯଦି ଆନ୍ତର୍ଜାତିକ ସମ୍ପ୍ରଦାୟ ଏହାକୁ ସମର୍ଥନ କରେ ଏବଂ ଉଭୟ ପକ୍ଷ ସଂଯମତା ଦେଖାନ୍ତି। ମଧ୍ୟପ୍ରାଚ୍ୟର ଶାନ୍ତି ବିଶ୍ୱ ଶାନ୍ତିର ଏକ ଅଂଶ। ଭାରତ ପରି ଦେଶ ଏହି ପ୍ରକ୍ରିୟାରେ ସକ୍ରିୟ ଭୂମିକା ଗ୍ରହଣ କରି ଏକ ନୂଆ ଆଶାର ସଞ୍ଚାର କରିପାରେ। ଯୁଦ୍ଧ କେବଳ ଧ୍ୱଂସ ଆଣେ, ଶାନ୍ତି ହିଁ ଉନ୍ନତିର ପଥ ପ୍ରଶସ୍ତ କରେ। ଏହି ବିରାମ ଯେପରି ଏକ ସଫଳ କଥା ହୋଇ ଉଠେ, ସେଥିପାଇଁ ସମସ୍ତ ପକ୍ଷର ସହଯୋଗ ଆବଶ୍ୟକ। ଏହା କେବଳ ଲେବାନନ୍ ଓ ଇସ୍ରାଏଲର ନୁହେଁ, ସମଗ୍ର ମାନବତାର ଜୟ ହେବ।

# ଭରୁଥିନୀ ଏକାଦଶୀ

**ପଣ୍ଡିତ ସୋମନାଥ ଦାସ**



ଓଡ଼ିଶା ଏକ ପ୍ରାଚୀନ ରାଜ୍ୟ। ଉତ୍କଳ, ଉଡ୍ର, କୋଶଳ, କଳିଙ୍ଗ ଏହି ନାମ ଗୁଡ଼ିକ ଓଡ଼ିଶାର ସଭ୍ୟତା ଓ ସଂସ୍କୃତି ସଙ୍ଗେ ସମ୍ପୃକ୍ତ। ରାମାୟଣ, ମହାଭାରତ ଏବଂ ବୌଦ୍ଧ ଯୁଗରେ ମଧ୍ୟ ଓଡ଼ିଆ ମାନଙ୍କର ଏକ ବଳିଷ୍ଠ ସଂସ୍କୃତି ବିକଶିତ ହୋଇଥିଲା। ଓଡ଼ିଶାର ସଂସ୍କୃତି କହିଲେ, ଓଡ଼ିଶାର ଲୋକ ସାହିତ୍ୟ, ଲୋକଧର୍ମ, ଲୋକଗୀତ, ଲୋକ କାହାଣୀ, ଲୋକ ଚେତନାକୁ ହିଁ ବୁଝାଏ। ବୈଦିକ ସଂସ୍କୃତି ଅବଶ୍ୟ ଲୋକ ସଂସ୍କୃତି ଠାରୁ ଭିନ୍ନ ପ୍ରଥମଟି ବିଦ୍ୱାନର ଏବଂ ଅପରଟି ଲୋକ ସମାଜର ଜୀବନ ଉପରେ ଆଧାରିତ ସଂସ୍କୃତି। ଅବଶ୍ୟ ଲୋକର ଅପରିସୀମ ପ୍ରଭାବ ଏ ସମାଜରେ ସର୍ବଥା ଗୃହୀତ ହୋଇ ଆସିଥିବାରୁ ବୈଦିକ ସଂସ୍କୃତିକୁ ଲୋକ ସଂସ୍କୃତିର ପରିପୂରକ ଭାବେ ଗ୍ରହଣ କରାଯାଇପାରେ। ହିନ୍ଦୁ ଧର୍ମରେ ଏକାଦଶୀ ବ୍ରତର ବିଶେଷ ମହତ୍ୱ ରହିଛି। ପ୍ରତ୍ୟେକ ଏକାଦଶୀର ଭିନ୍ନ ନାମ ଏବଂ ମହତ୍ୱ ବିଷୟରେ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ଏହି କ୍ରମରେ ବୈଶାଖ ମାସ କୃଷ୍ଣ ପକ୍ଷ ଏକାଦଶୀକୁ ଭରୁଥିନୀ ଏକାଦଶୀ କୁହାଯାଏ। ଏଥର ଏହି ଏକାଦଶୀ ୧୩ ଏପ୍ରିଲ ସୋମବାର ଦିନ ପଡୁଛି। ମାନ୍ୟତା ଅନୁଯାୟୀ ଏହି ଏକାଦଶୀର ଫଳ ସମସ୍ତ ଏକାଦଶୀ ଠାରୁ ଉର୍ଦ୍ଧ୍ୱରେ। ଏହି ଦିନ ଯିଏ ଉପବାସ ରଖିଥାଏ, ତାକୁ ୧୦ ହଜାର ବର୍ଷ ତପସ୍ୟାର ପୂଣ୍ୟ ଫଳ ମିଳିଥାଏ। ଜୀବନର ସବୁ ପାପ ନାଶ ହୁଏ ଏବଂ ସୁଖ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ। ମନୁଷ୍ୟକୁ ଭୌତିକ ସୁଖ ତ ପ୍ରାପ୍ତ ହୋଇଥାଏ, ମୃତ୍ୟୁ ପରେ ତାକୁ ମୋକ୍ଷ ମଧ୍ୟ ମିଳିଥାଏ। ବ୍ରତର ବିଧି ଅନୁଯାୟୀ ଭରୁଥିନୀ ଏକାଦଶୀ ସକାଳୁ ସ୍ନାନ ଆଦି ସମ୍ପନ୍ନ କରିବା ପରେ ଶୁଦ୍ଧ ହୋଇ ସଂଯମପୂର୍ବକ ଉପବାସ କରିବା ଆବଶ୍ୟକ। ରାତ୍ରି ଜାଗରଣ କରି ଭଗବାନ ମଧୁସୂଦନ ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ପୂଜା କରାଯିବା ଉଚିତ। ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜା ମଧ୍ୟ ସମ୍ପୂର୍ଣ୍ଣ ବିଧିପୂର୍ବକ କରାଯିବା ଆବଶ୍ୟକ। ବିଷ୍ଣୁ ସହସ୍ରନାମ ଜପ ଏବଂ ହରିକଥା ଶ୍ରବଣ କରିବା ଉଚିତ। ବ୍ରତର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଦଶମୀ ତିଥିରେ ଥରେ ହବିଷ୍ୟାନ୍ନ ଭୋଜନ କରିବା ଫଳଦାୟୀ ହୋଇଥାଏ। ବ୍ରତ ପରଦିନ ବ୍ରାହ୍ମଣମାନଙ୍କୁ ଭୋଜନ ଦେବା ଉଚିତ। ଏହାପରେ ନିଜେ ଭୋଜନ କରିବା ଆବଶ୍ୟକ। ଏହି ବ୍ରତର ମହିମା ସମ୍ପର୍କରେ 'ପଦ୍ମ ପୁରାଣ'ରେ ଲେଖା ଅଛି ଯେ, ଦଶ ହଜାର ବର୍ଷ ପର୍ଯ୍ୟନ୍ତ ତପସ୍ୟା କଲେ ଏବଂ ସୂର୍ଯ୍ୟ ପରାଗ ସମୟରେ ସୁବର୍ଣ୍ଣ ଦାନ କଲେ ଯେଉଁ ଫଳ ମିଳେ ବରୁଥିନୀ ବ୍ରତ କଲେ ସେହି ଫଳ ମିଳିଥାଏ। କେବଳ ଇହଲୋକରେ ନୁହେଁ ପରଲୋକରେ ମଧ୍ୟ ଏହି ବ୍ରତଧାରୀ ମାନଙ୍କୁ ଇପ୍ସିତ ବା ଅଭିଳଷିତ ଫଳ ମିଳିଥାଏ। ଏହି ବ୍ରତ ତିଥିରେ ବିଶେଷକରି ଦଶମୀ ତିଥିରେ ଦଶଟି ଜିନିଷକୁ ନିଷିଦ୍ଧ କରାଯାଇଛି ତାହା ହେଉଛି କାଂସ୍ୟ, ମାଂସ, ମସୁର, ଚଣା, କୋଦବ, ଶାଗ, ମଦ୍ୟ, ପରାନ୍ନ, ପୁନର୍ଭୋଜନ ଓ ମୈଥୁନ। ସେହିପରି ଏକାଦଶୀ ଦିନ ଯୁଆ, ନିଦ୍ରା, ମଦ୍ୟପାନ, ପରନିନ୍ଦା, ଚୁଗୁଲି, ଚୋରୀ, ହିଂସା, ରତିକ୍ରୀଡ଼ା, କ୍ରୋଧ, ମିଥ୍ୟା ପରିତ୍ୟାଗ କରିବା ଉଚିତ। ସେହିପରି ବ୍ରତ ପାଳନକାରୀଙ୍କ ପାଇଁ ଦ୍ୱାଦଶୀ ଦିନର ବାରଣ ହେଉଛି ମାଂସ, ମଦିରା, କାଂସ୍ୟ, ମହୁ, ତୈଳ ଓ ମନ୍ଦ କଥା ଆଦି।

ଏହି ତିଥିରେ ବିଧି ଅନୁଯାୟୀ ଏକାଦଶୀ ବ୍ରତ ପାଳନ କଲେ ଇହଲୋକରେ ପାପନାଶ ଓ ପରଲୋକରେ ଅକ୍ଷୟ ଗତି ହୋଇଥାଏ। ଏଥିରେ ରାତିରେ ଜାଗର ଜାଳି ଭଗବାନ ମଧୁସୂଦନଙ୍କୁ ପୂଜା କରାଯାଏ। ବିଶେଷକରି ମୃତ୍ୟୁ ଭୟରେ ପୀଡ଼ିତ ବ୍ୟକ୍ତି ଏହି ଏକାଦଶୀ ପାଳନ କରିବା ଉଚିତ। ବ୍ରତ କଥା ଏହିପରି ପ୍ରାଚୀନ କାଳରେ ନର୍ମଦା ନଦୀ କୂଳରେ ରାଜା ମାନ୍ଧାତା ରାଜୁତି କରୁଥିଲେ। ଥରେ ସେ ଜଙ୍ଗଲରେ ତପସ୍ୟା କରୁଥିଲେ, ଏହି ସମୟରେ ଏକ ଭାଲୁ ଆସିଲା ଏବଂ ତାଙ୍କ ପାଦକୁ ଚୋବାଇବାକୁ ଲାଗିଲା। ମାନ୍ଧାତା ତପସ୍ୟା କରୁଥିଲେ। ତେଣୁ ସେ ଭାଲୁ ଉପରେ କ୍ରୋଧିତ ହେଲେ ନାହିଁ କିମ୍ବା ହିଂସାର ସାହାରା ନେଲେ ନାହିଁ। ଅସହନୀୟ ପୀଡ଼ା ଅନୁଭବ କରିବାରୁ ସେ ଭଗବାନ ବିଷ୍ଣୁଙ୍କୁ ସ୍ମରଣ କଲେ। ଭଗବାନ ବିଷ୍ଣୁ ପ୍ରକଟ ହୋଇ ତାଙ୍କର ରକ୍ଷା କଲେ। କିନ୍ତୁ ଭାଲୁ ତାଙ୍କର ପାଦ ଖାଇ ଦେଇଥିବାରୁ ରାଜାଙ୍କ ମନ ଦୁଃଖ ହେଲା। ଭଗବାନ କହିଲେ ଯେ ବତ୍ସ। ତୁମେ ଦୁଃଖୀ ହୁଅନାହିଁ। ତୁମର ପୂର୍ବଜନ୍ମର ଫଳ ଯୋଗୁଁ ଭାଲୁ ତୁମ ପାଦକୁ ଖାଇ ଦେଲା। ତୁମେ ମଥୁରା ଯାଅ ଏବଂ ସେଠାରେ ଭରୁଥିନୀ ଏକାଦଶୀ ବ୍ରତ ପାଳନ କର। ଏହାପରେ ତୁମର ପାଦ ସମ୍ପୂର୍ଣ୍ଣ ଭଲ ହୋଇଯିବ। ରାଜା ଭଗବାନଙ୍କ ଆଜ୍ଞା ପାଳନ କରି ପୁଣିଥରେ ନିଜର ପାଦ ଫେରିପାଇଥିଲେ। ଏହି ଦିବସଟି ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ଏକ ମହିମାମୟ ଓ ପବିତ୍ର ଦିନ। ଏହି ଦିନରେ ପୁରୀସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥାଏ। ଆମ ଓଡ଼ିଶାର ବିଭିନ୍ନ ଗାଁ ଗଣ୍ଡାରେ ଥିବା ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ ମନ୍ଦିର ଓ ମଠ ବାଡ଼ିରେ ଦିବସ ବ୍ୟାପୀ ନାମ ସଂକୀର୍ତ୍ତନ, ହରିହାଟ, ଅନ୍ନଦାନ, ଜଳଦାନ ପରି ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଥାଏ।


**କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ,**
**ମୋବାଇଲ୍:୭୦୦୮୦୦୦୮୯୮**


# ଏଆଇ ମାନବ ସଭ୍ୟତାର ଶତ୍ରୁ ନୁହେଁ, ଏକ ସହଯୋଗୀ



**ଅସିତ ମହାନ୍ତି**

କୃତ୍ରିମ ବୁଦ୍ଧିମତାକୁ (ଇଓ)ପ୍ରାୟତଃ ମାନବ ସଭ୍ୟତା ପାଇଁ ବିପଦ ଭାବରେ ଭୁଲ ଭାବରେ ବୁଝାଯାଏ, କିନ୍ତୁ ବାସ୍ତବରେ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶରେ ଇଓ ଏକ ନୂତନ ପର୍ଯ୍ୟାୟ। ଇତିହାସ ସାକ୍ଷୀ ଅଛି ଯେ ଯେତେବେଳେ ବି ଏକ ନୂତନ ପ୍ରଯୁକ୍ତିବିଦ୍ୟା ଆବିର୍ଭାବ ହୋଇଛି, ଏହା ସମାଜରେ ଏକ ଆଲୋଡ଼ନ ସୃଷ୍ଟି କରିଛି। କମ୍ପ୍ୟୁଟରର ଆଗମନ ସମୟରେ ଏହା ଘଟିଥିଲା - ଲୋକମାନେ ଭାବୁଥିଲେ ଯେ ଚାକିରି ହରାଇବେ, କିନ୍ତୁ ଏହା ବଦଳରେ ନୂତନ ଚାକିରି ଏବଂ ସୁଯୋଗ ସୃଷ୍ଟି ହୋଇଥିଲା। ଇଓ ସହିତ ମଧ୍ୟ ସମାନ କଥା।

ଇଓ ର ମୌଳିକ ଉଦ୍ଦେଶ୍ୟ ହେଉଛି ମାନବ ଜୀବନକୁ ସରଳ ଏବଂ ଅଧିକ ଦକ୍ଷ କରିବା। ଏହା କେବଳ ମେସିନର ବିକାଶ ନୁହେଁ, ବରଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଚିନ୍ତା କରିବା, ବୁଝିବା ଏବଂ ନିଷ୍ପତ୍ତି ନେବାର କ୍ଷମତାକୁ ବିସ୍ତାର କରିବାର ଏକ ପ୍ରୟାସ। ଯେତେବେଳେ ଇଓ ସମ୍ପୂର୍ଣ୍ଣ ବିକଶିତ ହୁଏ, ସମାଜରେ ନୂତନ ପରିସ୍ଥିତି ସୃଷ୍ଟି ହେବ, ଏବଂ ସେହି ଅନୁସାରେ ନୂତନ ସୁଯୋଗ ସୃଷ୍ଟି ହେବ। ଏହି ପରିବର୍ତ୍ତନ ସ୍ୱାଭାବିକ, କାରଣ ପ୍ରତ୍ୟେକ ପ୍ରଯୁକ୍ତିବିଦ୍ୟା ବିପ୍ଳବ ନୂଆ ଶିଳ୍ପ, ନୂତନ ଦକ୍ଷତା ଏବଂ ନୂତନ ସମ୍ଭାବନା ଆଣିଥାଏ। ଚାକିରି ହରାଇବାର ଭୟ ବାସ୍ତବ, କିନ୍ତୁ ଏହା କେବଳ ଅଧା ସତ୍ୟ। ଇଓ କିଛି ପାରମ୍ପରିକ କାର୍ଯ୍ୟକୁ ସ୍ୱୟଂଚାଳିତ କରିବ, କିଛି ଚାକିରିକୁ ହଟାଇ ଦେବ। କିନ୍ତୁ ଏହା ନୂତନ କ୍ଷେତ୍ର ମଧ୍ୟ ସୃଷ୍ଟି କରିବ - ତଥ୍ୟ ବିଶ୍ଳେଷଣ, ମେସିନ ଶିକ୍ଷା, ଇଓ ନୀତିଶାସ୍ତ୍ର, ରୋବୋଟିକ୍ସ, ଡିଜିଟାଲ କଳା, ଭାଷା ଅନୁବାଦ ଏବଂ ସ୍ୱାସ୍ଥ୍ୟ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ବିପୁଳ ସୁଯୋଗ ଖୋଲିବ। ଯେପରି କମ୍ପ୍ୟୁଟର ଟାଇପିଷ୍ଟଙ୍କ ଚାକିରି ହ୍ରାସ କରିଥିଲା କିନ୍ତୁ ସଫ୍ଟୱେର୍ ଇଞ୍ଜିନିୟର, ୱେବ୍ ଡେଭଲପର୍ ଏବଂ ଡିଜାଇନରଙ୍କ ଭଳି ନୂତନ ଚାକିରି ସୃଷ୍ଟି କରିଥିଲା, ସେହିପରି ଇଓ ମଧ୍ୟ ନୂତନ ପିଢ଼ିକୁ ନୂତନ କୌଶଳ ଶିଖାଇବ ଏବଂ ନୂତନ ଶିଳ୍ପ ପାଇଁ ପଥ ପ୍ରଶସ୍ତ କରିବ।

ଇଓ ବିଷୟରେ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଯେ ଏହା କିଛି ଚୟନିତ ବ୍ୟକ୍ତି କିମ୍ବା କମ୍ପାନୀଙ୍କ ହାତରେ ସୀମିତ ହୋଇପାରେ। ଯଦି ଏହା ଘଟେ, ତେବେ ଅସମାନତା ବୃଦ୍ଧି ପାଇବ, ଏବଂ ପ୍ରଯୁକ୍ତିର ଲାଭ ସମାଜର ପ୍ରତ୍ୟେକ ବର୍ଗରେ ପହଞ୍ଚିବ ନାହିଁ। ତେଣୁ, ଇଓ ବିକାଶ ଗଣତାନ୍ତ୍ରିକ ଏବଂ ଅନ୍ତର୍ଭୁକ୍ତ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର, ପ୍ରତିଷ୍ଠାନ ଏବଂ ସମାଜକୁ ମିଳିତ ଭାବରେ କାମ କରିବାକୁ ପଡ଼ିବ ଯାହା ନିଶ୍ଚିତ କରିବ ଯେ ଇଓ କେବଳ ଲାଭ ପାଇଁ ନୁହେଁ, ବରଂ ମାନବତାର ମଙ୍ଗଳ ପାଇଁ ବ୍ୟବହାର ହେଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଏବଂ ସାମାଜିକ ନ୍ୟାୟ ଭଳି କ୍ଷେତ୍ରରେ ଇଓ ବ୍ୟବହାର କରି, ଆମେ ଏହାକୁ ଏକ ପ୍ରକୃତ ଆଶୀର୍ବାଦ କରିପାରିବୁ। ଇଓ ର ଭବିଷ୍ୟତ ଆମେ ଏହାକୁ କିପରି ଗ୍ରହଣ କରୁ ତାହା ଉପରେ ନିର୍ଭର କରିବ। ଯଦି ଆମେ ଏହାକୁ କେବଳ ଭୟ ଏବଂ ସନ୍ଦେହ ସହିତ ଦେଖିବା, ତେବେ ଏହା ଆମକୁ ପଛକୁ ଟାଣି ନେବ। କିନ୍ତୁ ଯଦି ଆମେ ଏହାକୁ ସୁଯୋଗ ଏବଂ ସହଯୋଗ ପାଇଁ ଆଖିରେ ଗ୍ରହଣ କରୁ, ତେବେ ଏହା ମାନବ ସଭ୍ୟତାକୁ ନୂତନ ଉଚ୍ଚତାକୁ ଉନ୍ନୀତ କରିବ। ଏହି ପ୍ରଯୁକ୍ତି ଆମକୁ ଅଧିକ ସୃଜନଶୀଳ, ଅଧିକ ଦକ୍ଷ ଏବଂ ଅଧିକ ସହାନୁଭୂତିଶୀଳ କରିପାରିବ।

ଇଓ ମାନବ ସଭ୍ୟତାର ଶତ୍ରୁ ନୁହେଁ, ବରଂ ଏକ ସହଯୋଗୀ। ଏହା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଏକ ବରଦାନ, ଯାହା ଆମକୁ ନୂତନ ପଥ ଦେଖାଉଛି। ଚାକିରି ପରିବର୍ତ୍ତନ ହେବ, କିନ୍ତୁ ସୁଯୋଗ ମଧ୍ୟ ବୃଦ୍ଧି ପାଇବ। ସମାଜର ଗଠନ ପରିବର୍ତ୍ତନ ହେବ, କିନ୍ତୁ ଏହି ନୂତନ ଗଠନ ମଧ୍ୟରେ ନୂତନ ସ୍ୱପ୍ନ ଏବଂ ନୂତନ ସମ୍ଭାବନା ସୃଷ୍ଟି ହେବ। ଆମକୁ ନିଶ୍ଚିତ କରିବାକୁ ପଡ଼ିବ ଯେ ଇଓର ଲାଭ ସମସ୍ତଙ୍କ ପାଇଁ ଉପଲବ୍ଧ, କେବଳ କିଛି ଲୋକଙ୍କ ପାଇଁ ସୀମିତ ନୁହେଁ। ଯେତେବେଳେ ଆମେ ଏହାକୁ ସନ୍ତୁଳିତ ଏବଂ ସମାନ ଭାବରେ ଗ୍ରହଣ କରିବୁ, ଇଓ ପ୍ରକୃତରେ ମାନବ ସଭ୍ୟତା ପାଇଁ ଏକ ବରଦାନ ହେବ।



କହାଯାଉଛି ଯେ ଏହି ମେସିନ୍ ଇଣ୍ଟେଲିଜେନ୍ସ ସମଗ୍ର ବିଶ୍ୱକୁ ପରିବର୍ତ୍ତନ କରିବ। ଯଦି ହଁ, ତେବେ ଆମେ କ'ଣ ଏଥିପାଇଁ ପ୍ରସ୍ତୁତ? ସମୟ ସମୟରେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଶ୍ୱରେ ପରିବର୍ତ୍ତନ ଆସିଛି, ଯେପରିକି କମ୍ପ୍ୟୁଟର, ଯାହା ବିଶ୍ୱରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ସେହିପରି, ଯେତେବେଳେ ୧୯୯୫ ରେ ଭାରତରେ ଇଣ୍ଟରନେଟ୍ ଆସିଲା, ଏହି ପ୍ରଯୁକ୍ତିବିଦ୍ୟା ମଧ୍ୟ ଏକ ବଡ଼ ପରିବର୍ତ୍ତନ ଆଣିଲା। ତାପରେ, ପ୍ରାୟ ୨୦୦୮-୨୦୦୯ ରେ, ସ୍ମାର୍ଟଫୋନ୍ ଏକ ବଡ଼ ପରିବର୍ତ୍ତନ ଆଣିଲା। ସେହି ଅର୍ଥରେ, ଏହା କୁହାଯାଇପାରେ ଯେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପରିବର୍ତ୍ତନ କିଛି ନୂଆ ନୁହେଁ। କିନ୍ତୁ ବର୍ତ୍ତମାନ ଆସୁଥିବା ଚତୁର୍ଥ ପରିବର୍ତ୍ତନକୁ ଏକ ବଡ଼ ପରିବର୍ତ୍ତନ ଭାବରେ ବିବେଚନା କରାଯାଇପାରିବ। ଏହି ପରିବର୍ତ୍ତନ ସେହି ପରିବର୍ତ୍ତନଗୁଡ଼ିକଠାରୁ ଭିନ୍ନ। ଏହାର କାରଣ ହେଉଛି ଯେ ପ୍ରଥମ ପରିବର୍ତ୍ତନ ପ୍ରକୃତରେ ଆମକୁ ନିଜକୁ ପ୍ରସ୍ତୁତ କରିବାକୁ ଏବଂ ସେହି ପରିସ୍ଥିତି ସହିତ ମୁକାବିଲା କରିବାକୁ ଅନୁମତି ଦେଇଥିଲା, ଏବଂ ଆମ ପାଖରେ ଏଥିପାଇଁ ପ୍ରଚୁର ସମୟ ଥିଲା। ଉଦାହରଣ ସ୍ୱରୂପ, କମ୍ପ୍ୟୁଟରର ଆଗମନ ପରେ, ଆମ ପାଖରେ ନିଜକୁ ଅପଗ୍ରେଡ୍ କରିବା ପାଇଁ ୧୦ ବର୍ଷ ଥିଲା। ଇଣ୍ଟରନେଟ୍ ଏବଂ ସ୍ମାର୍ଟଫୋନ୍ ପାଇଁ ମଧ୍ୟ ସମାନ କଥା ପ୍ରଯୁଜ୍ୟ। କିନ୍ତୁ ମେସିନ୍ ଇଣ୍ଟେଲିଜେନ୍ସ ଦ୍ୱାରା ପରିବର୍ତ୍ତନର ଗତି ଅତ୍ୟନ୍ତ ଦ୍ରୁତ। ଏହି ଦ୍ରୁତ ପରିବର୍ତ୍ତନ ଆମକୁ ଧରିବା କିମ୍ବା ଶିଖିବା ପାଇଁ ସମୟ ଦେଉନାହିଁ। ମେସିନ୍ ବୁଦ୍ଧିମତ୍ତା ପଛରେ ଥିବା ପ୍ରଯୁକ୍ତିବିଦ୍ୟା ଏତେ ଶୀଘ୍ର ପରିବର୍ତ୍ତନ ହେଉଛି ଯେ ବୁଝିବା ଭାରାକ୍ରାନ୍ତ ହୋଇଯାଉଛି। ଆମେ ନିରନ୍ତର ଅପଗ୍ରେଡ୍ କରୁଥିବା ବେଳେ, କିଛି ନୂଆ ଉଭା ହେଉଛି। ଏହାର ଅର୍ଥ ହେଉଛି ଆପଣଙ୍କୁ ନିରନ୍ତର ଆପଣଙ୍କର କ୍ଷେତ୍ରକୁ ଅପଗ୍ରେଡ୍ କରିବାକୁ ପଡ଼ିବ, ନଚେତ୍ ଆପଣ ପଛରେ ପଡ଼ିଯିବେ ଏବଂ ଆପଣଙ୍କ କାମରୁ ବିଚ୍ଛିନ୍ନ ହୋଇଯିବେ। ଏହି ପରିବର୍ତ୍ତନର ପ୍ରଭାବ ବିଶ୍ୱ ଉପରେ ପଡ଼ିବା ଆରମ୍ଭ ହୋଇସାରିଛି। ଏହି ପ୍ରଭାବଗୁଡ଼ିକ ସକାରାତ୍ମକ ଏବଂ ନକାରାତ୍ମକ ଉଭୟ। ବର୍ତ୍ତମାନ, ଆମେ ଦେଖୁଥିବା ସକାରାତ୍ମକ ପ୍ରଭାବ ଦ୍ୱାରା ଲୋକମାନେ ଉତ୍ସାହିତ, କାରଣ ଇଓ କିଛି ସେକେଣ୍ଡରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ କରିପାରିବ। କିନ୍ତୁ ଏହାର ଲାଭ ପାଇବା ସମୟରେ, ଲୋକମାନେ ପ୍ରାୟତଃ ଭୁଲିଯାଆନ୍ତି ଯେ ଏହି ପ୍ରକ୍ରିୟା କେଉଁ ଆଡ଼କୁ ଯାଉଛି। ଏହାର ଅର୍ଥ ଅର୍ଥନୀତି ପାଇଁ ମଧ୍ୟ ଦୂରଗାମୀ ପରିବର୍ତ୍ତନ। ଏହା ଆମର କମ୍ପାନୀ, ସରକାର, ସମାଜ ଏବଂ କର୍ପୋରେସନ ପାଇଁ। ଏହା ବିଶ୍ୱାସ କରାଯାଏ ଯେ ଆଗାମୀ ଚାରି ବର୍ଷ ମଧ୍ୟରେ, ୨୦୩୦ ସୁଦ୍ଧା ବିଶ୍ୱ ଏଉଚ ୭% ବୃଦ୍ଧି ପାଇପାରେ। ଏହା ନିସନ୍ଦେହରେ ଏକ ବିରାଟ ପରିବର୍ତ୍ତନ। ଯେତେବେଳେ ଏଉଚ ବୃଦ୍ଧି ପାଏ, ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଅନିବାର୍ଯ୍ୟ। ଏହାର ଅର୍ଥ ହେଉଛି ଇଓ ଯୋଗୁଁ ବିଶ୍ୱ ଅର୍ଥନୀତି ପ୍ରାୟ ୧୫-୨୦ଟ୍ରିଲିୟନ ଡଲାର ବୃଦ୍ଧି ପାଇବ। ପ୍ରାୟ ୧୭୦ ନିୟୁତ ନୂତନ ନିଯୁକ୍ତି ମଧ୍ୟ ସୃଷ୍ଟି ହୋଇପାରିବ। ଏହା ଏକ ସକାରାତ୍ମକ ଦିଗ।

କିନ୍ତୁ ଏଠାରେ ଏକ ମହତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଯେ, କୃତ୍ରିମ ବୁଦ୍ଧିମତାକୁ ମନୁଷ୍ୟ ବିକଶିତ କରିଛି। କିନ୍ତୁ ବର୍ତ୍ତମାନ ଯୁଗରେ ଜ୍ଞାନ ଜଗତର ସମସ୍ତ ଦିଗର ସତ୍ୟ ତଥ୍ୟ ମିଥ୍ୟା ସହିତ ଜଡ଼ିତ ହୋଇ ରହିଛି, ଯାହାକୁ ଏହି କୃତ୍ରିମ ବୁଦ୍ଧିମତ୍ତା ସହିତ ମିଶ୍ରିତ କରାଯାଇଛି। ଯେତେବେଳେ ମନୁଷ୍ୟ ଏଆଇ ସହିତ କାର୍ଯ୍ୟ କରେ ଅନେକ ତଥ୍ୟ ଯାହା ମିଥ୍ୟା ତାହା ଏଥିରେ ଦେଖାଯିବ ସମ୍ଭବ। ତାହେଲେ ମନୁଷ୍ୟକୁ ଆଲର୍ଟ ରହିବ ଉଚିତ ଯେ ଯେଉଁ ତଥ୍ୟ ଆମ ସମ୍ମୁଖରେ ଆସୁଛି ତାହା ୧୦୦% ସତ୍ୟ କି ନାହିଁ! ଏହି ଜାଗାରେ ମନୁଷ୍ୟର ପ୍ରକୃତ ଯୋଗଦାନ। ତାହେଲେ ମନୁଷ୍ୟକୁ ଅନବରତ ପ୍ରତ୍ୟକ କ୍ଷେତ୍ରରେ ଅଦ୍ୟତନୀକରଣ ହେବାକୁ ପଡ଼ିବ, ଯାହାଫଳରେ ଆମେ ଭୁଲ ତଥ୍ୟକୁ ଧରିବାକୁ ସକ୍ଷମ ହୋଇପାରିବା। ଏହି ଅଦ୍ୟତନୀକରଣ କୃତ୍ରିମ ବୁଦ୍ଧିମତାକୁ ମଧ୍ୟ ଅଦ୍ୟତନୀକରଣ କରିବାରେ ସାହାଯ୍ୟ କରିବାରେ ସକ୍ଷମ ହେବ।


**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ**
**ସୁଜନପୁର, ଯାଜପୁର, ମୋବାଇଲ୍:୯୪୩୭୨୮୮୦୨୮**


# ଆଶାଙ୍କ ଗୀତରେ ଜୀବନ ରୂପାନ୍ତରିତ



**ଡକ୍ଟର ଲକ୍ଷ୍ମଣ ସାହୁ**

ଗତ କିଛି ବର୍ଷ ହେଲା ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ଷ୍ଟାରମାନଙ୍କୁ ହରାଇ ମର୍ମାହତ ହୋଇପଡିଛି। ଯେତେବେଳେ ଚଳଚ୍ଚିତ୍ର ଶିଳ୍ପ ବିଦାୟୀ କଳାକାରମାନଙ୍କ ଦୁଃଖକୁ ଭୁଲି ନଥିଲା, ଠିକ୍ ସେତିକିବେଳେ ଗତ ୧୨ ଏପ୍ରିଲ ୨୦୨୬ ରେ ରୋମାଣ୍ଟିକ ଚଳଚ୍ଚିତ୍ର ଗୀତର ଜୀବନ୍ତ ଚମତ୍କାର ଗାୟିକା ସୁର ଝଙ୍କାରର ରାଣୀ ଓ ଗୀତ, ଗଜଲ, ପପ୍, ଓ ଭଜନ ତଥା ଶାସ୍ତ୍ରୀୟ ଗୀତରେ ସର୍ବାଧିକ ସଂଖ୍ୟକ ଏକକ ଗୀତ ରେକର୍ଡ କରିଥିବା ଆଶା ଭୋଁସଲେ ମଧ୍ୟ ଛାଡ଼ି ଚାଲିଗଲେ। ଭାରତୀୟ ଚଳଚ୍ଚିତ୍ର ସଙ୍ଗୀତର ସମୃଦ୍ଧ ପରମ୍ପରାରେ ଆଶା ଭୋଁସଲେଙ୍କ ନାମ ଏପରି ଏକ ସ୍ୱର ଭାବରେ ରେକର୍ଡ କରାଯାଇଛି ଯିଏ ନିରନ୍ତର ସମୟ, ଶୈଳୀ ଓ ସୀମା ଅତିକ୍ରମ କରି ପ୍ରତ୍ୟେକ ପିଢ଼ିକୁ ନିଜର ପ୍ରଶଂସକଙ୍କ ଦ୍ୱାରା ଅଭୁଲା ହୋଇ ରହିଛନ୍ତି।

୧୯୩୩ ମସିହା ସେପ୍ଟେମ୍ବର ୮ରେ ସାଙ୍ଗଲିରେ ଜନ୍ମଗ୍ରହଣ କରିଥିବା ଆଶା ତାଙ୍କ ସମୟର ଜଣେ ପ୍ରସିଦ୍ଧ ଶାସ୍ତ୍ରୀୟ ଗାୟିକା ଦୀନନାଥ ମଙ୍ଗେସକରଙ୍କ ଝିଅ ଥିଲେ ଓ ସଙ୍ଗୀତରେ ବୁଡ଼ି ରହିଥିବା ପରିବେଶରେ ବଢ଼ିଥିଲେ। ଯେଉଁଠାରେ ସଙ୍ଗୀତ ଜୀବନର ପ୍ରଥମ ଓ ଶେଷ ସତ୍ୟ ଥିଲା। ତାଙ୍କ ପିତାଙ୍କ ମୃତ୍ୟୁ ପରେ ପରିବାରର ଦାୟିତ୍ୱ ହଠାତ୍ ତାଙ୍କ ସହ ବଡ଼ ଭଉଣୀ ଲତା ମଙ୍ଗେସକରଙ୍କ ଉପରେ ପଡ଼ିଥିଲା। ଏହି ସମୟ ଥିଲା ଯେତେବେଳେ ପିଲାଦିନ ନୀରବରେ ଯୌବନରେ ପରିଣତ ହୋଇଥାନ୍ତା, ସେତେବେଳେ ସଂଘର୍ଷ ତାଙ୍କ ସ୍ୱରରେ ଏକ ଅନନ୍ୟ ପରିପକ୍ୱତା ସୃଷ୍ଟି କରିଥିଲା। ତାଙ୍କ ବଡ଼ ଭଉଣୀ ଲତା ମଙ୍ଗେସକରଙ୍କ ସହ ତାଙ୍କର ସମ୍ପର୍କ ପରିବାର ମଧ୍ୟରେ ସର୍ବଦା ସ୍ୱତନ୍ତ୍ର ଥିଲା। ଉଭୟ ଭଉଣୀ ନିଜ ନିଜ ଢଙ୍ଗରେ ସଙ୍ଗୀତ ସାଧକ ଥିଲେ। ଯଦିଓ ବୃତ୍ତିଗତ ପ୍ରତିଦ୍ୱନ୍ଦ୍ୱିତା ବେଳେବେଳେ ସାମ୍ନାକୁ ଆସୁଥିଲା, ବ୍ୟକ୍ତିଗତ ଭାବରେ ସେମାନଙ୍କର ସମ୍ପର୍କ ସମ୍ମାନ, ସ୍ନେହ ଓ ପରସ୍ପରର କଳା ପ୍ରତି ଉଭୟଙ୍କ ଭିତରେ ଉତ୍ତମ ବୁଝାମଣା ଥିଲା। ତାଙ୍କ ସାନ ଭଉଣୀ ଉଷା ମଙ୍ଗେସକରଙ୍କ ସହ ତାଙ୍କର ସମ୍ପର୍କ ମଧ୍ୟ ଘନିଷ୍ଠତା ଓ ସମର୍ଥନର ଥିଲା। ଦେଖିବାକୁ ଗଲେ ସେମାନ ପାରିବାରିକ ବନ୍ଧନ ପ୍ରତ୍ୟେକ କ୍ଷେତ୍ରରେ ଉପର ତଳ ଏକାଠି ରଖିଥିଲା। ଏହି ପାରିବାରିକ ପୃଷ୍ଠଭୂମି ହିଁ ଆଶାଙ୍କୁ କେବଳ ଜଣେ ମହାନ ଗାୟିକା କରିନଥିଲା, ବରଂ ତାଙ୍କ ଜୀବନର ପ୍ରତ୍ୟେକ ମୋଡ଼ରେ ତାଙ୍କୁ ସମର୍ଥନ କରିଥିଲା। ଏହା ତାଙ୍କୁ ଦୃଢ଼ତାର ସହିତ ବଞ୍ଚିବା ପାଇଁ ଶକ୍ତି ଦେଇଥିଲା। ଅଳ୍ପ ବୟସରେ ସେ ତାଙ୍କ ପରିବାରର ଇଚ୍ଛା ବିରୁଦ୍ଧରେ ଗଣପତ ରାଓ ଭୋନ୍ସଲେଙ୍କୁ ବିବାହ କରିଥିଲେ। କିନ୍ତୁ ଏହି ସମ୍ପର୍କ ଅଧିକ ଦିନ ରହିଲା ନଥିଲା ଓ ତାଙ୍କ ବୈବାହିକ ଜୀବନର କଷ୍ଟ ଶେଷରେ ତାଙ୍କ ବିଚ୍ଛେଦକୁ ନେଇଗଲା। ଏହି ଭାଙ୍ଗିପଡ଼ିବା ତାଙ୍କୁ ଗଭୀର ଭାବରେ ଆଘାତ ଦେଇଥିଲା, କିନ୍ତୁ ଏହା ତାଙ୍କ ଜୀବନର ଏକ ଅଧ୍ୟାୟର ଆରମ୍ଭ ଥିଲା। ଯେଉଁଠାରେ ସେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସଙ୍ଗୀତ ପାଇଁ ଉତ୍ସର୍ଗ କରିଥିଲେ। ସେ ତାଙ୍କ ପିଲାମାନଙ୍କ ସହିତ ଏକ ନୂତନ ଜୀବନ ଆରମ୍ଭ ପାଇଁ ଠିଆ ହୋଇଥିଲେ। ସଂଘର୍ଷର ସେହି କଷ୍ଟକର ସମୟରେ ସେ କେବେବି ତାଙ୍କ ସ୍ୱରକୁ କ୍ଳାନ୍ତ ହେବାକୁ ଦେଇନଥିଲେ।



ତାଙ୍କର ଅସାଧାରଣ ପ୍ରତିଭାକୁ ଚିହ୍ନିତ କରିବା ପାଇଁ ସବୁଠାରୁ ପ୍ରମୁଖ ବ୍ୟକ୍ତି ଥିଲେ ସଙ୍ଗୀତକାର ଓ.ପି. ନାୟର, ଯିଏ ଆଶାଙ୍କ କଣ୍ଠରେ ଏକ ଖେଳୁଆଳତା ଓ ଅସୀମ ଶକ୍ତି ଦେଖିଥିଲେ , ଯାହା ମୁଖ୍ୟଧାରାର ସଙ୍ଗୀତରେ ଏକ ସତେଜତା ଆଣିପାରେ। "ଆଇୟେ ମେହେରବାନ୍" ଓ "ଜାରା ହାଉଲେ ହାଉଲେ ଚଲୋ" ଭଳି ଗୀତ ତାଙ୍କୁ ଏକ ନୂତନ ପରିଚୟ ଦେଇଥିଲା। ପରବର୍ତ୍ତୀ ସମୟରେ, ଆର.ଡି. ବର୍ମନଙ୍କ ସହିତ ତାଙ୍କର ସୃଜନଶୀଳ ଓ ବ୍ୟକ୍ତିଗତ ସମ୍ପର୍କ ଭାରତୀୟ ସଙ୍ଗୀତ ଇତିହାସର ସବୁଠାରୁ ସଫଳ ଅଂଶୀଦାରୀ ମଧ୍ୟରୁ ଗୋଟିଏ ହୋଇଗଲା। "ପିଆ ତୁ ଅବ୍ ତୋ ଆଜା," "ଦମ୍ ମାରୋ ଦମ୍," ଏବଂ "ଚୁରା ଲିୟା ହୈ ତୁମନେ" ଭଳି ଗୀତ ତାଙ୍କୁ କେବଳ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ନଥିଲା ବରଂ ଏହା ମଧ୍ୟ ପ୍ରମାଣିତ କରିଥିଲା ଯେ ସେ ପ୍ରତ୍ୟେକ ସଂଗୀତ ଧାରାରେ ସମାନ ଅଧିକାର ସହିତ ଗାଇପାରିବେ, ତାହା କାବରେ, ଗଜଲ୍ କିମ୍ବା ପପ୍ ହେଉ।

ତାଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ତାଙ୍କ ଗୀତରେ ପ୍ରତିଫଳିତ ହେଉଥିବା ପରି ମନେ ହେଉଥିଲା। ' ଦମ୍ ମାରୋ ଦମ୍'ରେ ତାଙ୍କ କଣ୍ଠସ୍ୱରରେ ଥିବା ଅସ୍ଥିରତା, 'ଦମ୍ ମାରୋ ଦମ୍'ରେ ବିଦ୍ରୋହୀ ସ୍ୱର, 'ଇନ୍ ଆଁଖୋଁ କି ମସ୍ତି'ରେ ବିରାମ ଓ ଗମ୍ଭୀରତା, ସବୁକିଛି ତାଙ୍କ ନିଜ ଜୀବନର ବିଭିନ୍ନ ଛାଇକୁ ପ୍ରତିଫଳିତ କରୁଥିବା ପରି ମନେହୁଏ। ଏହି କାରଣରୁ ତାଙ୍କ ସଙ୍ଗୀତ କେବଳ ମନୋରଞ୍ଜନ ନୁହେଁ, ବରଂ ଏକ ଜୀବନ୍ତ ଅଭିଜ୍ଞତା ହୋଇଯାଏ। ତାଙ୍କ ବ୍ୟକ୍ତିଗତ ଜୀବନରେ, ଆରଡି ବର୍ମନଙ୍କ ସହିତ ତାଙ୍କ ବିବାହ ତାଙ୍କ ଜୀବନର ଏକ ସ୍ଥିର ସୃଜନଶୀଳ ସମୟ ପ୍ରମାଣିତ ହୋଇଥିଲା, ଯେଉଁଠାରେ ଉଭୟ ପରସ୍ପରର କଳାକୁ ନୂତନ ଉଚ୍ଚତାରେ ନେଇଯାଇଥିଲେ। ତାଙ୍କ ସନ୍ତାନ ହେମନ୍ତ ଭୋଁସଲେ ଓ ବର୍ଷା ଭୋଁସଲେଙ୍କ ସହିତ ତାଙ୍କର ସମ୍ପର୍କ ସ୍ନେହ ଓ ଘନିଷ୍ଠତାରେ ପରିପୂର୍ଣ୍ଣ ଥିଲା, ଯଦିଓ ଜୀବନ ତାଙ୍କୁ ଅନେକ ବ୍ୟକ୍ତିଗତ ଦୁଃଖ ମଧ୍ୟ ଆଣିଥିଲା। ଆଶା ନିଜେ କୁହନ୍ତି "ଯେତେବେଳେ ମୁଁ ଗୀତ ଗାଇବା ଆରମ୍ଭ କଲି, ମୁଁ ବମ୍ବେ (ମୁମ୍ବାଇ) ଠାରୁ ବହୁତ ଦୂରରେ ରହୁଥିଲି ଓ ପ୍ରତିଦିନ ଗୀତ ଗାଇବା ପାଇଁ ଟ୍ରେନରେ ଯାତ୍ରା କରୁଥିଲି। ୧୯୪୯ ମସିହାରେ ଯେତେବେଳେ ମୁଁ ୧୬ ବର୍ଷ ବୟସର ଥିଲି, ମୋର ଏକ ଶିଶୁ ଜନ୍ମ ହୋଇଥିଲା। ମୋତେ ମୋର ଏକ ମାସର ଶିଶୁକୁ ଘରେ ଛାଡ଼ି ଷ୍ଟୁଡିଓକୁ ଯିବାକୁ ପଡୁଥିଲା। ପ୍ରତିଦିନ ସକାଳ ପାଞ୍ଚଟାରେ, ମୁଁ ଅଭ୍ୟାସ କରୁଥିଲି ଏପରିକି ଘରର କାମ ମଧ୍ୟ ପରିଚାଳନା କରୁଥିଲି - ଗାଁରୁ ପାଣି ଆଣିବା, ରୋଷେଇ କରିବା, ମୋ ଶାଶୁ ଓ ଭାଉଜଙ୍କ ଯତ୍ନ ନେବା ଓ କାମ ପରେ ବିଳମ୍ବିତ ରାତିରେ ଘରକୁ ଫେରିବା। ଏକମାତ୍ର ରୋଜଗାରକ୍ଷମ ଓ ଏକାକୀ ମାଆ ହୋଇଥିବାରୁ, ମୋତେ ପ୍ରାୟତଃ ମୋ ପିଲାମାନଙ୍କୁ ସ୍ତନ୍ୟପାନ କରାଇବା ପାଇଁ ଷ୍ଟୁଡିଓ ଛାଡିବାକୁ ପଡୁଥିଲା, ଯେଉଁମାନେ ବହୁତ ଛୋଟ ଥିଲେ। ତା'ପରେ ମୁଁ ରେକର୍ଡିଂ ସମାପ୍ତ କରିବାକୁ ଫେରି ଆସୁଥିଲି।"

ଆଶା କହୁଥିଲେ ସଂଗୀତ ହେଉଛି ନିଶ୍ୱାସ ନେବା ପରି। ଏହା ସବୁବେଳେ ସହଜ ନଥିଲା। ନିଶ୍ୱାସ ନ ନେଇ ଜଣେ ବ୍ୟକ୍ତି ମରିଯାଏ। ମୋ ପାଇଁ, ସଂଗୀତ ହେଉଛି ମୋର ନିଶ୍ୱାସ। ମୁଁ ଏହି ଚିନ୍ତାଧାରା ସହିତ ମୋର ସମଗ୍ର ଜୀବନ ବଞ୍ଚିଛି। ମୁଁ ସଂଗୀତକୁ ଭଲ ପାଏ। ଯେପରି ପ୍ରତ୍ୟେକ କ୍ଷେତ୍ରରେ ରାଜନୀତି ଅଛି, ସେହିପରି ଚଳଚ୍ଚିତ୍ରରେ ମଧ୍ୟ ରାଜନୀତି ଅଛି, ତେଣୁ ଏହା ସହଜ ନଥିଲା। ମୁଁ ଭାଗ୍ୟରେ ବହୁତ ବିଶ୍ୱାସୀ ଓ ବିଶ୍ୱାସ କରେ ଯେ ମୋ ପାଇଁ ଯାହା ଉଦ୍ଦିଷ୍ଟ ତାହା ମୁଁ ପାଇବି, ଓ ଯାହା ମୋ ପାଇଁ ଉଦ୍ଦିଷ୍ଟ ନୁହେଁ ତାହା ମୁଁ କେବେ ପାଇବି ନାହିଁ। ମୁଁ କଷ୍ଟର ସମ୍ମୁଖୀନ ହୋଇଛି, କିନ୍ତୁ ପଛକୁ ଫେରି ଚାହିଁଲେ, ସବୁକିଛି ମଜାଦାର ମନେହୁଏ କାରଣ ମୁଁ ସେଗୁଡ଼ିକୁ ପରାସ୍ତ କରିଛି।

ବାସ୍ତବରେ ଚଳଚ୍ଚିତ୍ର ଶିଳ୍ପରେ ଯେଉଁଠାରେ ବ୍ୟକ୍ତିଗତ ସମ୍ପର୍କ ଓ ପାରିବାରିକ ପୃଷ୍ଠଭୂମି ଲାଭଜନକ, ଓ ଚଳଚ୍ଚିତ୍ର ଶିଳ୍ପ ସହିତ ଜଡ଼ିତ ଲୋକମାନେ ସହଜରେ ପ୍ରମୋସନ ଓ କିକ୍ ବ୍ୟାକ୍ ପାଆନ୍ତି। ଆଶା ଭୋଁସଲେ ଲତା ମଙ୍ଗେସକରଙ୍କ ସାନ ଭଉଣୀ ହେବା ଦ୍ୱାରା ଲାଭ ଅପେକ୍ଷା ଅଧିକ କ୍ଷତି ସହିଥିଲେ। ତାଙ୍କ ଜୀବନରେ ଏପରି ଏକ ସମୟ ଆସିଥିଲା ଯେତେବେଳେ ତାଙ୍କର ସୁମଧୁର କଣ୍ଠସ୍ୱର, ଗାୟନର ଗଭୀର ବୁଝାମଣା ଓ ସମ୍ପୂର୍ଣ୍ଣ ସମର୍ପଣ ସହିତ ପ୍ରତ୍ୟେକ ଧାରାରେ ଗାୟନ କରିବାରେ ନିପୁଣତା ସତ୍ତ୍ୱେ, ତାଙ୍କ ପ୍ରତିଭାକୁ ଯଥାସମ୍ଭବ ବ୍ୟବହାର କରାଯାଇ ନଥିଲା। କେତେକ ସମୟରେ ଲତା ମଙ୍ଗେସକରଙ୍କ ସହ ତାଙ୍କର ଗଭୀର ମତଭେଦ ମଧ୍ୟ ଆଲୋଚନା ହୋଇଥିଲା। ତାଙ୍କୁ ଦାଦା ସାହେବ ଫାଲକେ ପୁରସ୍କାର ଓ ପଦ୍ମ ବିଭୂଷଣ ଭଳି ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ସତ୍ତ୍ୱେ ସେ ଶ୍ରେଷ୍ଠ ମହିଳା ପ୍ଲେବ୍ୟାକ୍ ଗାୟିକା ପାଇଁ ଦୁଇଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ଗୋଟିଏ ୧୯୮୧ ମସିହାରେ ଉମରାଓ ଜାନ୍ ପାଇଁ ଓ ଅନ୍ୟଟି ୧୯୮୬ ମସିହାରେ ଇଜାଜତରେ ମେରା କୁଛ ସମାନ। ପାଇଁ। ଏପରିକି ସେ ସାତ ଥର ଶ୍ରେଷ୍ଠ ମହିଳା ପ୍ଲେବ୍ୟାକ୍ ଗାୟିକା ପାଇଁ ଫିଲ୍ମଫେୟାର ପୁରସ୍କାର ଜିତିଛନ୍ତି। କିନ୍ତୁ ତାଙ୍କର ସର୍ବୋତ୍ତମ ସଫଳତା ହେଉଛି ଲକ୍ଷ ଲକ୍ଷ ଶ୍ରୋତାଙ୍କଠାରୁ ପାଇଥିବା ପ୍ରେମ।

ଜଣେ ବ୍ୟକ୍ତି ତା'ର ଶରୀର ଛାଡି ଯାଇପାରେ, କିନ୍ତୁ କିଛି ସ୍ୱର ସବୁଦିନ ପାଇଁ ରହିଯାଏ। ଆଶା ଭୋଁସଲେ ଥିଲେ ପ୍ରତ୍ୟେକ ମନୋଭାବର ଚିରହର ସ୍ୱର। ଯେତେବେଳେ ସେ ଚିରଦିନ ପାଇଁ ଆଖି ବନ୍ଦ କରିଦେଲେ, ସେତେବେଳେ ତାଙ୍କୁ ଭଲପାଉଥିବା ପ୍ରତ୍ୟେକ ସଂଗୀତ ପ୍ରିୟ ଶ୍ରୋତାଙ୍କୁ ଏପରି ଲାଗିଛି , ଯେପରି ଏକ ସମ୍ପୂର୍ଣ୍ଣ ସଙ୍ଗୀତର ଯୁଗ ନୀରବି ଯାଇଛି। ତାହା ପ୍ରେମ ହେଉ କି ଯନ୍ତ୍ରଣା ହେଉ, ଦୁଷ୍ଟାମି ହେଉ କି ଆନନ୍ଦର ମହୋତ୍ସବ ହେଉ , ଯାହା କେବଳ ପ୍ରତ୍ୟେକ ଭାବନାକୁ ଶବ୍ଦ ଦେଇଥିଲା। ସେ ଆଜି ନାହାଁନ୍ତି ସତ, ହେଲେ ତାଙ୍କ ସ୍ୱର ଶ୍ରୋତାଙ୍କ ହୃଦୟରେ ବାନ୍ଧି ହୋଇ ରହିଗଲା...!!!!


**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍:୯୦୪୦ ୧୫୧୪ ୭୫**

# ମହିଳା ସଂରକ୍ଷଣ ବିଲ୍‌କୁ ନେଇ ସଂସଦରେ ବିତର୍କ





ନୂଆଦିଲ୍ଲୀ, ୧୭।୪: ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ଉପରେ ୧୬ ତାରିଖଠାରୁ ଆଲୋଚନା ଏବଂ ତର୍କବିତର୍କ ଜାରି ରହିଛି। ମହିଳାମାନଙ୍କୁ ସଂରକ୍ଷଣ ପ୍ରଦାନ କରିବା ପାଇଁ 'ନାରୀ ଶକ୍ତି ବନ୍ଦନ ଆଇନ, ୨୦୨୩'ର ମାର୍ଗରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରିବା ହେଉଛି ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ। ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମହିଳା ପାଇଁ ଉଦ୍ଦିଷ୍ଟ ଏହି ବିଲକୁ ଦଳମତ ନିର୍ବିଶେଷରେ ସମସ୍ତ ସମର୍ଥନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ଦଳକୁ ଆହ୍ୱାନ ଦେଇଥିବା ବେଳେ ସଂସଦର ଏହି ଆଲୋଚନା ଆଦୌ ବିତର୍କମୁକ୍ତ ହୋଇନାହିଁ କାରଣ କେନ୍ଦ୍ର ସରକାର କେବଳ ମହିଳା ସଂରକ୍ଷଣ (ସଂଶୋଧନ) ବିଲ୍ ଆଣିବାକୁ ପ୍ରୟାସ କରୁନାହାନ୍ତି। ଏହାସହିତ ସୀମା ପୁନର୍ନିର୍ଧାରଣ (ସଂଶୋଧନ) ବିଲ ଏବଂ କେନ୍ଦ୍ରଶାସିତ ଆଇନ (ସଂଶୋଧନ) ବିଲକୁ ଯୋଡ଼ାଯାଇଛି, ଯାହା ବିବାଦର ସୂତ୍ରପାତ କରିଛି। ବିଶେଷକରି, ସୀମା ପୁନର୍ନିର୍ଦ୍ଧାରଣ (ସଂଶୋଧନ) ବିଲକୁ ନେଇ ବିରୋଧୀମାନେ ତୀବ୍ର ବିରୋଧ କରିଛନ୍ତି। ଅଧିବେଶନ ଆଗରୁ ପ୍ରଧାନମନ୍ତ୍ରୀ କହିଥିଲେ, ଯଦି ୨୦୨୯ ଲୋକସଭା ଏବଂ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ସମ୍ପୂର୍ଣ୍ଣ ମହିଳା ସଂରକ୍ଷଣ ସହିତ ଅନୁଷ୍ଠିତ ହୁଏ, ତେବେ ଭାରତୀୟ ଗଣତନ୍ତ୍ର ଅଧିକ ଶକ୍ତିଶାଳୀ ହେବ। ଯେତେବେଳେ ମହିଳାମାନେ ନୀତି ନିର୍ଦ୍ଧାରଣ ଏବଂ ନିଷ୍ପତ୍ତି ଗ୍ରହଣରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ, ସେତେବେଳେ ଏକ ବିକଶିତ ଭାରତ" ଆଡକୁ ଯାତ୍ରା ଆହୁରି ସୁଦୃଢ଼ ହେବ। ପ୍ରଧାନମନ୍ତ୍ରୀଙ୍କ ଏଭଳି ଆହ୍ୱାନ ସତ୍ତ୍ୱେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ସମ୍ବନ୍ଧୀୟ ଆଲୋଚନାଟି ଆଦୌ ବିବାଦମୁକ୍ତ ହୋଇନାହିଁ। ସଂସଦରେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ଦ୍ୱନ୍ଦ୍ୱ ତୀବ୍ର ହୋଇଛି। ଅଧିବେଶନ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସ୍ପଷ୍ଟ ଭାବରେ କହିଥିଲେ, ଦେଶର ବିଭିନ୍ନ ରାଜ୍ୟରେ ନିର୍ବାଚନ ଲାଗି ରହିଥିବା ବେଳେ ଏହି ଆଇନକୁ ସଂସଦରେ ତରବରିଆ ଆଣିବା ପଛରେ ବିଜେପିର ରାଜନୈତିକ ଅଭିସନ୍ଧି ରହିଛି। ସେହିପରି ବୁଧବାର ମତବ୍ୟକ୍ତ କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନେତା ବ୍ରିନ୍ଦା କରାତ ମହିଳା ସଂରକ୍ଷଣ ବିଲରୁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ଅଲଗା କରିବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ।

ସେ ଯା' ହେଉ, ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣକୁ ଧାର୍ଯ୍ୟ କରିବା ଲାଗି ସଂସଦରେ ମହିଳା ସଂରକ୍ଷଣ ବିଲ୍ (ନାରୀ ଶକ୍ତି ବନ୍ଦନ ଅଧିନିୟମ) ବିଷୟରେ ଆଲୋଚନା ଜାରି ରହିଛି। ବିରୋଧୀ ଦଳ ନୀତିଗତ ଭାବରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ପ୍ରତିନିଧିତ୍ୱକୁ ସମର୍ଥନ କରୁଥିବା ବେଳେ, କଂଗ୍ରେସ, ଡିଏମକେ, ସମାଜବାଦୀ ପାର୍ଟି ପ୍ରମୁଖ ୨୦୨୬ ସଂଶୋଧନର ପଦ୍ଧତି ଏବଂ ସମୟକୁ ଦୃଢ଼ ବିରୋଧ କରି ଏହାକୁ "ପୁନଃନିର୍ମାଣ ଶକ୍ତି" ଏବଂ "ସଂଘୀୟ ଢାଞ୍ଚା ଉପରେ ମୌଳିକ ଆକ୍ରମଣ" ବୋଲି କହିଛନ୍ତି। ପୁରୁଣା ଜନଗଣନା ତଥ୍ୟ ଆଧାରରେ ସଂରକ୍ଷଣକୁ ସୀମା ନିର୍ଦ୍ଧାରଣ ସହିତ ଯୋଡ଼ିବା ବିରୁଦ୍ଧରେ ଡିଏମକେ ତୀବ୍ର ସମାଲୋଚନାର ସ୍ୱର ଉଠାଇଛି। ଡିଏମକେ ପକ୍ଷରୁ କୁହାଯାଇଛି, ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ଦକ୍ଷିଣ ରାଜ୍ୟଗୁଡ଼ିକ ଉପରେ "ତରବାରି ଝୁଲୁଛି" ଭଳି କାର୍ଯ୍ୟ କରିବ। ଏହା ଉତ୍ତର ରାଜ୍ୟଗୁଡ଼ିକ ତୁଳନାରେ ସେମାନଙ୍କର ସଂସଦୀୟ ପ୍ରତିନିଧିତ୍ୱକୁ ହ୍ରାସ କରିବ। ବିଲ୍ ଉପରେ ରଖାଯାଇଥିବା "ଜରୁରୀ" ଏବଂ "ସର୍ତ୍ତାବଳୀ" ବିଷୟରେ କଂଗ୍ରେସ ଦଳ ପକ୍ଷରୁ ଦୃଢ଼ ଆପତ୍ତି ପ୍ରକାଶ କରାଯାଇଛି। ସରକାର ଏହାକୁ ଆଗକୁ ବଢ଼ାଇବାର ଦାବି କରି କାର୍ଯ୍ୟାନ୍ୱୟନକୁ ବିଳମ୍ବ କରିବା ପାଇଁ ବାଧା ସୃଷ୍ଟି କରୁଛନ୍ତି ବୋଲି କଂଗ୍ରେସ ଯୁକ୍ତି ବାଢ଼ିଛି। କେନ୍ଦ୍ର ଏହି ବିଲକୁ "ସୀମା ନିର୍ଦ୍ଧାରଣ ପାଇଁ ପଛ ଦ୍ୱାର" ଭାବରେ ବ୍ୟବହାର କରୁଥିବା କଂଗ୍ରେସ ଅଭିଯୋଗ କରିଛି। ସମାଜବାଦୀ ପାର୍ଟି ବିଲ ସଂଶୋଧନ ନେଇ ତଥ୍ୟର ଅଭାବ ଏବଂ ଶୀଘ୍ରତା ସମ୍ପର୍କରେ ଚିନ୍ତା ପ୍ରକାଶ କରିଛି। ଦଳ ପକ୍ଷରୁ ପ୍ରଥମେ ନୂତନ ଜନଗଣନା କାହିଁକି କରାଯାଉ ନାହିଁ ବୋଲି ପ୍ରଶ୍ନ ଉଠାଯାଇଛି। ଅଖିଳେଶ ଯାଦବ ଯୁକ୍ତି ବାଢ଼ି କହିଛନ୍ତି, ସରକାର ଜାତିଗତ ଜନଗଣନାକୁ ଏଡ଼ାଇ ଯାଉଛନ୍ତି, ଯାହା ପଛୁଆ ବର୍ଗ ପାଇଁ ଏକ ନିର୍ଦ୍ଦିଷ୍ଟ କୋଟାର ଆବଶ୍ୟକତାକୁ ଦର୍ଶାଉଛି। ଏ ଆଇଏମଆଇଏମ (ଅଲ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ ମୁସଲିମିନ୍) ପକ୍ଷରୁ ଅସଦୁଦ୍ଦିନ୍ ଓଉେସି ଏବଂ ଇମତିଆଜ୍ ଜଲିଲ୍ ଲଗାତାର ଏହି ବିଲ୍‌କୁ ବିରୋଧ କରିବା ଜାରି ରଖିଛନ୍ତି। ବିଲ୍‌ରେ ମୁସଲିମ୍ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ମହିଳାଙ୍କ ପାଇଁ କୌଣସି ଉପ-କୋଟା ପ୍ରଦାନ କରାଯାଇ ନାହିଁ ବୋଲି ବିରୋଧ କରାଯାଇଥିବା ବେଳେ ଏହା କେବଳ ସବର୍ଣ୍ଣ (ଉଚ୍ଚ ଜାତି) ମହିଳାଙ୍କୁ ସୁହାଇବ ବୋଲି ଏଆଇଏମଆଇଏମ ସ୍ପଷ୍ଟ କରିଛି।

ସେ ଯା' ବି ହେଉ, ତର୍କବିତର୍କ ମଧ୍ୟରେ ସଂସଦରେ ମହିଳା ସଂରକ୍ଷଣ (ସଂଶୋଧନ) ବିଲ ଉପରେ ଆଲୋଚନା ଜାରି ରହିଛି। ସଂସଦର ସ୍ୱତନ୍ତ୍ର ଅଧିବେଶନକୁ ଆଉ ମାତ୍ର ଦିନଟିଏ ବାକି ଥିବା ବେଳେ ଆସନ୍ତାକାଲି ବହୁମତରେ ଏହି ବିଲ ପାରିତ ହେବ ବୋଲି ଆଶା କରାଯାଉଛି।

## ମହିଳାଙ୍କୁ ଗୁରୁତ୍ୱ ଦେବାରେ ବିଶ୍ୱରେ ରୁଓ୍ୱାଣ୍ଡା ପ୍ରଥମ

ନୂଆଦିଲ୍ଲୀ, ୧୭।୪: ସମଗ୍ର ବିଶ୍ୱ ରାଜୀତିରେ ମହିଳାମାନଙ୍କ ଭାଗିଦାରୀକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହୋଇଥାଏ। ଏବେ ଭାରତୀୟ ସଂସଦରେ ମହିଳାମାନଙ୍କ ଯୋଗଦାନକୁ ନେଇ ବିତର୍କ ଜାରି ରହିଛି। ତେବେ କେବଳ ଭାରତ ଯେ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀକୁ ଗୁରୁତ୍ୱ ଦେଉଛି ତାହା ନୁହେଁ, ସମଗ୍ର ବିଶ୍ୱର ରାଷ୍ଟ୍ରନାୟକମାନେ ସବୁବେଳେ ସମାଜର ବିକାଶରେ ମହିଳାଙ୍କ ଯୋଗଦାନକୁ ଗୁରୁତ୍ୱ ଦେଇ ଆସିଛନ୍ତି। ତଥ୍ୟ ଅନୁଯାୟୀ, ମହିଳାମାନଙ୍କୁ ଆଗକୁ ଆଣିବାରେ, ସେମାନଙ୍କର ଅଧିକାରକୁ ଅଗ୍ରାଧିକାର ଦେବାରେ ଆଫ୍ରିକୀୟ ଦେଶ ରୁଓ୍ୱାଣ୍ଡା ବର୍ତ୍ତମାନ ବିଶ୍ୱର ପ୍ରଥମ ସ୍ଥାନରେ ରହିଛି। ରୁଓ୍ୱାଣ୍ଡା ସଂସଦର ନିମ୍ନ ସଦନରେ ମହିଳାଙ୍କ ସଂଖ୍ୟା ୬୧ ପ୍ରତିଶତରୁ ଅଧିକ। ସେଠାକାର ସମ୍ବିଧାନରେ ୨୪ଟି ଆସନ ସଂରକ୍ଷିତ ଥିଲେ ମଧ୍ୟ ମହିଳାମାନେ ସାଧାରଣ ଆସନରେ ମଧ୍ୟ ବହୁ ସଂଖ୍ୟାରେ ବିଜୟୀ ହେଉଛନ୍ତି।



ଭାରତର ପଡ଼ୋଶୀ ଦେଶ ପାକିସ୍ତାନର ସାମ୍ବିଧାନିକ ଢାଞ୍ଚାରେ ମହିଳାଙ୍କ ପାଇଁ ପୂର୍ବରୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ନ୍ୟାସନାଲ ଆସେମ୍ବ୍ଲିରେ ମୋଟ୍ ଆସନ ମଧ୍ୟରୁ ୬୦ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ। ସିନେଟରେ ମହିଳାଙ୍କ ପାଇଁ ୧୭ଟି ଆସନ ସଂରକ୍ଷିତ ରହିଛି। ପ୍ରାଦେଶିକ ସ୍ତରରେ ମଧ୍ୟ ପାକିସ୍ତାନରେ ମୋଟ୍ ୧୬୮ଟି ଆସନ ମହିଳାଙ୍କ ପାଇଁ ସୁରକ୍ଷିତ ରଖାଯାଇଛି। ଏଥିମଧ୍ୟରୁ ପଞ୍ଜାବ ପ୍ରଦେଶରେ ସର୍ବାଧିକ ୬୬ଟି ଆସନ ରହିଛି। ପାକିସ୍ତାନର 'ନିର୍ବାଚନ ଅଧିନିୟମ ୨୦୧୭' ଅନୁଯାୟୀ, ପ୍ରତ୍ୟେକ ରାଜନୈତିକ ଦଳ ଅନ୍ତତଃ ୫ ପ୍ରତିଶତ ମହିଳା ପ୍ରାର୍ଥୀଙ୍କୁ ଟିକେଟ୍ ଦେବା ବାଧ୍ୟତାମୂଳକ। ଏପରିକି, ଯଦି କୌଣସି ନିର୍ବାଚନ ମଣ୍ଡଳୀରେ ମହିଳା ମତଦାନ ୧୦ ପ୍ରତିଶତରୁ କମ୍ ହୁଏ, ତେବେ ସେଠାକାର ଫଳାଫଳକୁ ରଦ୍ଦ କରାଯାଇପାରିବ। ମହିଳାମାନଙ୍କୁ ଭୋଟ୍ ଦେବାକୁ ଉତ୍ସାହିତ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି।

ରୁଓ୍ୱାଣ୍ଡା ବ୍ୟତୀତ କ୍ୟୁବା, ନିକାରାଗୁଆ, ମେକ୍ସିକୋ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ଭଳି ଦେଶରେ ମହିଳା ସାଂସଦଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ। ଏହି ଦେଶଗୁଡ଼ିକ ପ୍ରମାଣ କରିଛନ୍ତି ଯେ ସାମାଜିକ ସମର୍ଥନ ଏବଂ ସଠିକ୍ ସାମ୍ବିଧାନିକ ନୀତି ମାଧ୍ୟମରେ ମହିଳାମାନେ ପୁରୁଷଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ଦେଶ ଚଳାଇବାରେ ସକ୍ଷମ। ଭାରତ ମଧ୍ୟ ୨୦୨୩ର ନୂଆ ଆଇନ ବଳରେ ବିଶ୍ୱର ଏହି ଶୀର୍ଷ ତାଲିକାରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛି।

## ଭାରତର ତୈଳନୀତି ନିଜେ ଭାରତ ସ୍ଥିର କରିବ






ନୂଆଦିଲ୍ଲୀ, ୧୭।୪: ସମ୍ପ୍ରତି ବିଶ୍ୱର ଅର୍ଥନୀତି ମୁଖ୍ୟତଃ ମଧ୍ୟପ୍ରାଚ୍ୟ ଅଶୋଧିତ ତୈଳ କାରବାର ଉପରେ ନିର୍ଭରଶୀଳ ହୋଇଥିବା ବେଳେ ଭାରତ ନିଜର ତୈଳନୀତି ଉପରେ ସାର୍ବଭୌମ ମତ ପୋଷଣ କରିଛି। କେଉଁ ଦେଶରୁ ଶକ୍ତି ସମ୍ପଦ କିଣାଯିବ ତାହା କୌଣସି ବାହ୍ୟ ଶକ୍ତି ନୁହେଁ, ବରଂ ଭାରତ ନିଜେ ସ୍ଥିର କରିବ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ଭାରତ ନିଜର ଶକ୍ତି ନିରାପତ୍ତାକୁ ସର୍ବଦା ପ୍ରାଥମିକତା ଦେଇଥାଏ। ଭାରତ ବିଭିନ୍ନ ସ୍ରୋତରୁ ତେଲ କିଣୁଛି ଏବଂ ବ୍ୟବସାୟିକ ଫାଇଦାକୁ ଦୃଷ୍ଟିରେ ରଖି ଏହି ପ୍ରକ୍ରିୟା ଜାରି ରହିବ। ଆମେରିକା ପକ୍ଷରୁ ରୁଷୀୟ ତେଲ ଉପରେ ଦିଆଯାଇଥିବା ୩୦ ଦିନିଆ କୋହଳ ଅବଧି ଏପ୍ରିଲ ୧୧ ତାରିଖରେ ଶେଷ ହୋଇଛି। ଏହା ସତ୍ତ୍ୱେ ଭାରତ ରୁଷରୁ ଅଶୋଧିତ ତେଲ ଏବଂ ଏଲପିଜି କିଣିବା ଜାରି ରଖିବ।

ସୂଚନାଯୋଗ୍ୟ, ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ବିଶ୍ୱ ବଜାରରେ ତେଲ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଆମେରିକା ମାର୍ଚ୍ଚ ମାସରେ ଭାରତ କିଛିଦିନ ପାଇଁ ରୁଷ୍‌ରୁ ତେଲ କିଣିପାରିବ ବୋଲି ଆମେରିକା ପକ୍ଷରୁ ଅନୁମତି ଦିଆଯାଇଥିଲା। ଏହି ଅବଧି ୧୧ ତାରିଖରେ ଶେଷ ହୋଇଯାଇଛି। ଆମେରିକା ଅର୍ଥସଚିବ ସ୍କଟ୍ ବେସେଣ୍ଟ୍ ବୁଧବାର ଏହା ଉପରେ ଆଲୋକପାତ କରି କହିଥିଲେ ଯେ, ଆମେରିକା ପକ୍ଷରୁ ଦିଆଯାଇଥିବା ତୈଳ-କ୍ରୟ-ଅବଧିକୁ ଆଉ ବଢ଼ାଯିବ ନାହିଁ। ଏହା ଉପରେ ମତବ୍ୟକ୍ତ କରି ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ, ଆମେରିକାର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ସେମାନଙ୍କର ନିଜସ୍ୱ ବ୍ୟାପାର। ଏହା ଭାରତର ଆମଦାନୀ ରଣନୀତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଯେଉଁସବୁ ରୁଷୀୟ ସଂସ୍ଥା ଉପରେ ପ୍ରତ୍ୟକ୍ଷ କଟକଣା ନାହିଁ, ସେମାନଙ୍କଠାରୁ ଭାରତ ତେଲ ଓ ଏଲପିଜି କିଣିବା ଜାରି ରହିବ।

ରିପୋର୍ଟ ଅନୁଯାୟୀ, ନିକଟରେ ଭାରତ ରୁଷ, ଅଷ୍ଟ୍ରେଲିଆ ଏବଂ ଆମେରିକାରୁ ପ୍ରାୟ ୮ ଲକ୍ଷ ଟନ୍ ଏଲପିଜି ହାସଲ କରିଛି। ଭବିଷ୍ୟତର ଚାହିଦା ପୂରଣ ପାଇଁ ଭାରତ ବର୍ତ୍ତମାନ କାନାଡ଼ାରୁ ଏଲପିଜି ଆଣିବାକୁ ଯୋଜନା ରଖିଛି। ସେହପରି ଅତିରିକ୍ତ ଗ୍ୟାସ ପାଇଁ ଅଙ୍ଗୋଲା ସରକାରଙ୍କ ସହ ଆଲୋଚନା ଚାଲିଛି। ତେବେ ବର୍ତ୍ତମାନ ସୁଦ୍ଧା ଆମେରିକା ଭାରତର ପ୍ରମୁଖ ଏଲପିଜି ରପ୍ତାନିକାରୀ ଦେଶ ଭାବେ ରହିଛି। ଫିନଲ୍ୟାଣ୍ଡର ଥିଙ୍କ୍ ଟ୍ୟାଙ୍କ 'ସିଆରଇଏ'ର ତଥ୍ୟ ଅନୁଯାୟୀ, ଭାରତୀୟ ତେଲ ବଜାରରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ପଶ୍ଚିମ ଏସିଆ ପୂର୍ବରୁ ଭାରତର ମୋଟ୍ ତେଲ ଆମଦାନୀର ୬୦% ଏହି ଅଞ୍ଚଳରୁ ଆସୁଥିଲା, ଯାହା ଏବେ ହ୍ରାସ ପାଇ ୩୦%ରେ ପହଞ୍ଚିଛି। ଚୀନ୍ ପରେ ଭାରତ ବର୍ତ୍ତମାନ ରୁଷୀୟ ଜୀବାଶ୍ମ ଜାଳେଣିର ଦ୍ୱିତୀୟ ବଡ଼ କ୍ରେତା ସାଜିଛି। କେବଳ ମାର୍ଚ୍ଚ ମାସରେ ଭାରତ ରୁଷଠାରୁ ୫.୮ ବିଲିୟନ ୟୁରୋ ମୂଲ୍ୟର ହାଇଡ୍ରୋକାର୍ବନ ଆମଦାନୀ କରିଛି।

## ଦ୍ୱୈତ ନାଗରିକତା ବିବାଦରେ ରାହୁଲ, ହୋଇପାରେ ମାମଲା



### ତଦନ୍ତ ନିର୍ଦ୍ଦେଶ ଦେଲେ ଆହ୍ଲାବାଦ ହାଇକୋର୍ଟ

ନୂଆଦିଲ୍ଲୀ, ୧୭।୪: ମହିଳା ସଂରକ୍ଷଣ ବିଲକୁ ନେଇ ଲୋକସଭାରେ ଜୋରଦାର ବିତର୍କ ଜାରି ରହିଥିବା ବେଳେ ଦ୍ୱୈତ ନାଗରିକତା ବିବାଦରେ ଛନ୍ଦି ହୋଇପଡିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ରାହୁଲ ଏବେ ଦ୍ୱୈତ ନାଗରିକତା ମାମଲାରେ ଏକ ବଡ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ରାହୁଲ ଗାନ୍ଧୀଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି, ଯାହା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ମଧ୍ୟ ହୋଇପାରେ। ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ଆଜି (ଶୁକ୍ରବାର) ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ଉତ୍ତର ପ୍ରଦେଶ ସରକାରଙ୍କୁ ମଧ୍ୟ ନିଜସ୍ୱ ତଦନ୍ତ କରିବାକୁ କିମ୍ବା ମାମଲାକୁ କେନ୍ଦ୍ରୀୟ ସଂସ୍ଥାକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛି। ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ଟ୍ରାଏଲ୍ କୋର୍ଟର ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରି ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ମାମଲାରେ ଏକ ଏଫଆଇଆର ପଞ୍ଜୀକୃତ କରାଯାଉ ଏବଂ ତଦନ୍ତକୁ ଆଗକୁ ବଢ଼ାଯାଉ। ଶୁଣାଣି ସମୟରେ, ଉଭୟ ପକ୍ଷ କୋର୍ଟ ସମ୍ମୁଖରେ ସେମାନଙ୍କର ଯୁକ୍ତି ଉପସ୍ଥାପନ କରିଥିଲେ। ଦୀର୍ଘ ବିତର୍କ ପରେ, କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ତଦନ୍ତ ହେବା ଆବଶ୍ୟକ। କୋର୍ଟ କହିଛନ୍ତି,"ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଦ୍ୱୈତ ନାଗରିକତା ଅଭିଯୋଗର ତଦନ୍ତ କରିବା ଆବଶ୍ୟକ।"

ସୂଚନାଥାଉକି, ଏହି ସମ୍ପୂର୍ଣ୍ଣ ମାମଲା କର୍ଣ୍ଣାଟକ ବିଜେପି ନେତା ବିଘ୍ନେଶ ଶିଶିରଙ୍କ ଦ୍ୱାରା ଦାୟର ଏକ ଆବେଦନରୁ ଆରମ୍ଭ ହୋଇଥିଲା। ଶିଶିର ଦାବି କରିଥିଲେ ଯେ ରାହୁଲ ଗାନ୍ଧୀ ତାଙ୍କ ପାଖରେ ଭାରତୀୟ ଏବଂ ବ୍ରିଟିଶ ନାଗରିକତା ରଖନ୍ତି। ଏହି ଆଧାରରେ, ସେ ରାୟବରେଲିରେ ଏକ ଏଫଆଇଆର ପଞ୍ଜୀକରଣ କରିବାକୁ ଦାବି କରିଥିଲେ। ଆବେଦନରେ ଭାରତୀୟ ଦଣ୍ଡ ସଂହିତାର ଅନେକ ଧାରା ସହିତ ସରକାରୀ ଗୁପ୍ତ ଆଇନ, ପାସପୋର୍ଟ ଆଇନ ଏବଂ ବିଦେଶୀ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ ଦାବି କରାଯାଇଥିଲା। ଏଥିରେ ଏହା ମଧ୍ୟ ଅଭିଯୋଗ କରାଯାଇଥିଲା ଯେ ସାଂସଦ ଭାବରେ ଦୁଇଟି ପାସପୋର୍ଟ ରଖିବା ଆଇନର ଉଲ୍ଲଂଘନ ହୋଇପାରେ। ତଥାପି, ରାୟବରେଲି ସାଂସଦ-ବିଧାୟକ କୋର୍ଟ ପ୍ରଥମେ ଆବେଦନକୁ ଖାରଜ କରିଦେଇଥିଲେ। ତଥାପି, ହାଇକୋର୍ଟ ଏବେ ସେହି ନିଷ୍ପତ୍ତିକୁ ବାତିଲ କରି ମାମଲାକୁ ଆଗକୁ ବଢାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୧୦ ଘଣ୍ଟା ବି ତିଷ୍ଠିଲାନି ଯୁଦ୍ଧବିରତି

## ଇସ୍ରାଏଲ୍-ଲେବାନନ୍ ସୀମାରେ ବୋମାମାଡ଼



ୱାଶିଂଟନ, ୧୭।୪: ବିଶ୍ୱ ଶାନ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ପ୍ରୟାସକୁ ଶକ୍ତ ଧକ୍କା ଲାଗିଛି। ଇସ୍ରାଏଲ୍ ଏବଂ ଲେବାନନ୍ ମଧ୍ୟରେ ହୋଇଥିବା ୧୦ ଦିନିଆ ଅସ୍ତ୍ରବିରତି ବା 'ସିଜଫାୟାର୍' ୧୦ ଘଣ୍ଟା ମଧ୍ୟ ଅତିକ୍ରମ କରିପାରିନାହିଁ। ଶୁକ୍ରବାର ଅର୍ଥାତ୍ ଆଜି ଭୋର ସମୟରେ ଇସ୍ରାଏଲ୍ ପକ୍ଷରୁ ସୀମା ଉଲ୍ଲଂଘନ କରାଯାଇଥିବା ନେଇ ଲେବାନନ୍ ସେନା ସଙ୍ଗୀନ ଅଭିଯୋଗ ଆଣିଛି। ଆମେରିକାର ମଧ୍ୟସ୍ଥିତାରେ ଗୁରୁବାର ମଧ୍ୟରାତ୍ରିରୁ ଏହି ଅସ୍ତ୍ରବିରତି ଲାଗୁ ହୋଇଥିଲା। କିନ୍ତୁ ଲେବାନନ୍ ସେନାର ଦାବି ଅନୁଯାୟୀ, ଶୁକ୍ରବାର ସକାଳୁ ଇସ୍ରାଏଲ୍ ସୈନ୍ୟମାନେ ଦକ୍ଷିଣ ଲେବାନନ୍‌ର ଅନେକ ଗାଁ ଉପରେ ଗୋଳାବାରୁଦ ମାଡ଼ କରିଛନ୍ତି। ଏହି କାରଣରୁ ଲେବାନନ୍ ସରକାର ନିଜ ନାଗରିକମାନଙ୍କୁ ବର୍ତ୍ତମାନ ପାଇଁ ନିଜ ଗାଁକୁ ନଫେରିବାକୁ ସତର୍କ କରାଇ ଦେଇଛନ୍ତି। ଇସ୍ରାଏଲ୍ ସାମରିକ ପ୍ରବକ୍ତା ଅଭିଚାଇ ଅଦ୍ରାଇ ସ୍ପଷ୍ଟ କରିଛନ୍ତି ଯେ, ଲେବାନନ୍ ଭିତରେ ପଶିଥିବା ଇସ୍ରାଏଲ୍ ସୈନ୍ୟମାନେ ପଛକୁ ହଟିନାହାନ୍ତି। 'ହିଜବୁଲ୍ଲା'ର ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସେନା ନିଜ ସ୍ଥିତି ବଜାୟ ରଖିଛି। ଇସ୍ରାଏଲ୍ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ପରବର୍ତ୍ତୀ ସୂଚନା ନମିଳିବା ପର୍ଯ୍ୟନ୍ତ କୌଣସି ସାଧାରଣ ନାଗରିକ ଯେପରି ଲିତାନୀ ନଦୀର ଦକ୍ଷିଣ ଭାଗକୁ ନଯାଆନ୍ତି। ଅସ୍ତ୍ରବିରତି ଉଲ୍ଲଂଘନ ଖବର ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଏକ ଗୁରୁତ୍ୱପୂର୍ଣ୍ଣ ପୋଷ୍ଟ କରିଛନ୍ତି। ସେ ଆଶା ପ୍ରକାଶ କରିଛନ୍ତି ଯେ, ଏହି ୧୦ ଦିନିଆ ଶାନ୍ତି କାଳରେ ହିଜବୁଲ୍ଲା ଭଲ ବ୍ୟବହାର ଦେଖାଇବ। ଟ୍ରମ୍ପ ଲେଖିଛନ୍ତି, "ଆଉ ହତ୍ୟାକାଣ୍ଡ ନୁହେଁ, ବରଂ ଶାନ୍ତି ପ୍ରତିଷ୍ଠା ହେବା ଉଚିତ୍। ଯଦି ହିଜବୁଲ୍ଲା ଶାନ୍ତ ରହେ, ତେବେ ଏହା ସେମାନଙ୍କ ପାଇଁ ଏକ ବଡ଼ ସୁଯୋଗ ହେବ।" ସୂଚନାଯୋଗ୍, ଗତ ୩୦ ବର୍ଷ ମଧ୍ୟରେ ପ୍ରଥମ କରି ଇସ୍ରାଏଲ୍ ଏବଂ ଲେବାନନ୍ର ରାଜଦୂତମାନେ ୱାଶିଂଟନ ସିଧାସଳଖ ଆଲୋଚନା କରିଥିଲେ। ଟ୍ରମ୍ପ ଏବଂ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ବାରମ୍ବାର ଫୋନ୍ କଲ୍ ପରେ ଏହି ସନ୍ଧି ସମ୍ଭବ ହୋଇଥିଲା। ମାତ୍ର ବର୍ତ୍ତମାନର ଗୋଳାବାରୁଦ ମାଡ଼ ଏହି ଐତିହାସିକ ପ୍ରୟାସ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ, ସେ ଶାନ୍ତି ପ୍ରୟାସକୁ "ଆଗକୁ ବଢ଼ାଇବା" ପାଇଁ ଏହି ଅସ୍ତ୍ରବିରତିରେ ସମ୍ମତି ପ୍ରକାଶ କରିଛନ୍ତି। ତେବେ ସେ ସ୍ପଷ୍ଟ କରିଛନ୍ତି ଯେ, ଇସ୍ରାଏଲ୍ ସୈନ୍ୟମାନେ ଲେବାନନ୍ ସୀମା ଭିତରେ ଥିବା 'ସୁରକ୍ଷା ଜୋନ୍'ରୁ ବର୍ତ୍ତମାନ ପଛକୁ ହଟିବେ ନାହିଁ। ଲେବାନନ୍ ପ୍ରଧାନମନ୍ତ୍ରୀ ନଓ୍ୱାଫ୍ ସଲାମ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, "ଯୁଦ୍ଧର ପ୍ରଥମ ଦିନରୁ ହିଁ ଅସ୍ତ୍ରବିରତି ଲେବାନନ୍ର ଏକ ପ୍ରମୁଖ ଦାବି ରହିଆସିଥିଲା।" ଆମେରିକାରେ ଇସ୍ରାଏଲ୍ ଏବଂ ଲେବାନନ୍ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ବୈଠକର ଏହା ହିଁ ମୁଖ୍ୟ ଲକ୍ଷ୍ୟ ଥିଲା ବୋଲି ସେ ପ୍ରକାଶ କରିଛନ୍ତି।

## ହରିବଂଶ ପୁଣି ରାଜ୍ୟସଭା ଉପାଧ୍ୟକ୍ଷ



ନୂଆଦିଲ୍ଲୀ, ୧୭।୪: ହରିବଂଶ ନାରାୟଣ ସିଂହ ପୁଣି ରାଜ୍ୟସଭାର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଜଣେ ମନୋନୀତ ସଦସ୍ୟ ରାଜ୍ୟସଭା ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପ୍ରଥମ ଘଟଣା। ହରିବଂଶଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଏପ୍ରିଲ ୯ ତାରିଖରେ ଶେଷ ହୋଇଥିଲା। ଗତ ସପ୍ତାହରେ ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆଜି ହରିବଂଶ ନାରାୟଣ ପୁଣି ଥରେ ରାଜ୍ୟସଭାର ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇବା ସହ ତାଙ୍କ କାମକୁ ପ୍ରଶଂସା କରିଛନ୍ତି। ଏହି ପଦବିକୁ ସେ ଲଗାତାର ତୃତୀୟ ଥର ପାଇଁ ନିର୍ବାଚିତ ହେବା ତାଙ୍କ ପ୍ରତି ସମଗ୍ର ଗୃହର ବିଶ୍ୱାସକୁ ଦର୍ଶାଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ସେ କହିଛନ୍ତି, ହରିବଂଶ ନାରାୟଣ ସମସ୍ତଙ୍କୁ ସାଙ୍ଗରେ ନେବାକୁ ଚେଷ୍ଟା କରିଛନ୍ତି ଏବଂ ସମଗ୍ର ଗୃହ ତାଙ୍କ ଅଭିଜ୍ଞତାରୁ ଉପକୃତ ହୋଇଛି ବୋଲି ମୋଦୀ କହିଛନ୍ତି।

## 'ଧର୍ମାନ୍ତରଣ ଭାରତ ବିରୋଧରେ ଏକ ଛଦ୍ମଯୁଦ୍ଧ'

### ସୁପ୍ରିମକୋର୍ଟରେ ପହଞ୍ଚିଲା ଟିସିଏସ ମାମଲା



ନାସିକ, ୧୭।୪: ମହାରାଷ୍ଟ୍ରର ନାସିକସ୍ଥିତ ଟାଟା କନସଲଟାନ୍ସି ସର୍ଭିସେସ୍ କାର୍ଯ୍ୟାଳୟରେ ଘଟିଥିବା ସଂଗଠିତ ଧର୍ମାନ୍ତରଣ ଏବଂ ଯୌନ ନିର୍ଯାତନା ମାମଲା ଏବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। ଏହି ଘଟଣାକୁ କେବଳ ଏକ ସାଧାରଣ ଅପରାଧ ନୁହେଁ, ବରଂ ଏହାକୁ ଦେଶ ବିରୋଧରେ ଏକ "ଅପ୍ରତ୍ୟକ୍ଷ ଯୁଦ୍ଧ" ଏବଂ "ଆତଙ୍କବାଦୀ କାର୍ଯ୍ୟ" ଭାବେ ଅଭିହିତ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଏହି ଆବେଦନ କରିଛନ୍ତି। ପିଟିସନରେ ଦର୍ଶାଯାଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଧୋକା କିମ୍ବା ବାଧ୍ୟତାମୂଳକ ଧର୍ମାନ୍ତରଣ ଏକ ଗମ୍ଭୀର ଜାତୀୟ ସମସ୍ୟା। ଏହା ଭାରତୀୟ ନ୍ୟାୟ ସଂହିତା, ୨୦୨୩ ର ଧାରା ୧୧୩ ଅନୁଯାୟୀ 'ଆତଙ୍କବାଦୀ କାର୍ଯ୍ୟ' ପରିସରଭୁକ୍ତ ହେବା ଉଚିତ। ଆବେଦନକାରୀଙ୍କ ମତରେ ଏଭଳି ସଂଗଠିତ ଧର୍ମାନ୍ତରଣ ଭାରତ ବିରୋଧରେ ଏକ ଛଦ୍ମ ବା ଅପ୍ରତ୍ୟକ୍ଷ ଯୁଦ୍ଧ, ଯାହା ସାମାଜିକ ସଂହତିକୁ ନଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ଏଭଳି ମାମଲା ପାଇଁ ସ୍ୱତନ୍ତ୍ର କୋର୍ଟ ଗଠନ କରାଯାଉ ଏବଂ ଅପରାଧୀଙ୍କ ଦଣ୍ଡ ଅବଧିକୁ ଏକାଠି ନ ରଖି ପୃଥକ୍ ପୃଥକ୍ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଉ।

## ରଣ ସୁଝିବାକୁ ସାଉଦି ଆରବକୁ ହାତ ପତେଇଲା ପାକିସ୍ତାନ




ଇସଲାମାବାଦ, ୧୭।୪: ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବେ ସାଉଦି ଆରବ, କତାର ଏବଂ ତୁର୍କୀକୁ ତିନିଟି ରାଷ୍ଟ୍ର ଗସ୍ତରେ ଅଛନ୍ତି। ତାଙ୍କର ଏହି ଗସ୍ତ ସମୟରେ ସାଉଦି ଆରବ ପାକିସ୍ତାନକୁ ୨ ବିଲିୟନ ଡଲାର ସହାୟତା ପ୍ରଦାନ କରିଛି। ପାକିସ୍ତାନକୁ ପ୍ରଥମେ ସଂଯୁକ୍ତ ଆରବ ଏମିରେଟ୍ସ ଏହି ମାସ ଶେଷ ସୁଦ୍ଧା ୩ ବିଲିୟନ ଡଲାର ଋଣ ପରିଶୋଧ କରିବାକୁ କହିଥିଲା। ତେଣୁ ପାକିସ୍ତାନ ଏବେ ଋଣ ପରିଶୋଧ ପାଇଁ ସାଉଦି ଆରବର ସହାୟତା ଲୋଡ଼ିଛି। ପାକିସ୍ତାନୀ ଗଣମାଧ୍ୟମ ଡନ୍ ରିପୋର୍ଟ କରିଛି ଯେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ପାକିସ୍ତାନ ଆଜି (ଗୁରୁବାର) ନିଶ୍ଚିତ କରିଛି ଯେ, ପାକିସ୍ତାନ ସାଉଦି ଆରବରୁ ୨ ବିଲିୟନ ଡଲାର ସହାୟତା ପାଇଛି। କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ, ଏହି ରାଶି ୧୫ ଏପ୍ରିଲ ୨୦୨୬ ର ଭାଲ୍ୟୁ ଡେଟ୍ ଅନୁସାରେ ମିଳିଛି। ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟପ୍ରାଚ୍ୟରେ ଶାନ୍ତି ବୃଦ୍ଧି କରିବା ଏବଂ କୂଟନୈତିକ ପ୍ରୟାସକୁ ଆଗକୁ ବଢ଼ାଇବା ପାଇଁ ସାଉଦି ଆରବରେ ଥିବା ସମୟରେ ଏହି ସମ୍ପର୍କ ବୃଦ୍ଧି ପାଇଛି। ଡନ୍ ଅନୁସାରେ, ସାଉଦି ଆରବ ଗୋଟିଏ ଦିନ ପୂର୍ବରୁ ପାକିସ୍ତାନ ପାଇଁ ଅତିରିକ୍ତ ୩ ବିଲିୟନ ଡଲାର ଦେବାକୁ ପ୍ରତିଶ୍ରୁତି ଦେଇଥିଲା ଏବଂ ଏହାର ଉପସ୍ଥିତ ୫ ବିଲିୟନ ଡଲାର ସୁବିଧାକୁ ଅତିରିକ୍ତ ତିନି ବର୍ଷ ପାଇଁ ବୃଦ୍ଧି କରିଥିଲା। ପାକିସ୍ତାନର ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ କହିଛନ୍ତି ଯେ, ବର୍ତ୍ତମାନର ୫ ବିଲିୟନ ଡଲାର ସାଉଦି ଜମା ଆଉ ପୂର୍ବ ବାର୍ଷିକ ରୋଲଓଭର ବ୍ୟବସ୍ଥା ଅଧୀନରେ ରହିବ ନାହିଁ ଏବଂ ଏହା ବଦଳରେ ଏହାକୁ ଦୀର୍ଘ ସମୟ ପାଇଁ ବୃଦ୍ଧି କରାଯିବ। ପାକିସ୍ତାନର ଆର୍ଥିକ ସ୍ଥିତି ବହୁତ ଖରାପ ହୋଇଛି, ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ପାକିସ୍ତାନର ବୈଦେଶିକ ଋଣ ଅଧିକ ଅଛି ଏବଂ ଏହା ପୂର୍ବରୁ ବିଶ୍ୱ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଏବଂ ମଧ୍ୟପ୍ରାଚ୍ୟରେ ଉତ୍ତେଜନାର ଆର୍ଥିକ ପ୍ରଭାବରୁ ଚାପରେ ଅଛି।

## ରସଗୋଲା ଖାଇବା କାଳ ହେଲା

ନୂଆଦିଲ୍ଲୀ,୧୭।୪: ଜଣେ ୧୧ ବର୍ଷର ବାଳକ ବାରମ୍ବାର ରସଗୋଲା ଖାଇବାରୁ ତାକୁ ଜଣେ କ୍ୟାଟରିଂ ଠିକାଦାର ତନ୍ଦୁରରେ ଫିଙ୍ଗି ଦେଇଛନ୍ତି। ବାଳକଟି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି ତା'ର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ଉତ୍ତରପ୍ରଦେଶର ବସ୍ତି ଅଞ୍ଚଳରେ ଆୟୋଜିତ ବିବାହ ସମାରୋହରେ ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି। ନାବାଳକଟିକୁ ତୁରନ୍ତ ଅଯୋଧ୍ୟା ମେଡିକାଲ କଲେଜକୁ ନିଆଯାଇଥିଲା, ଯେଉଁଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରମାନେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଲକ୍ଷ୍ନୌ ପଠାଇ ଦେଇଥିଲେ। ଘଟଣା ପରେ ଅଭିଯୁକ୍ତ ଠିକାଦାର ଘଟଣାସ୍ଥଳରୁ ଫେରାର ହୋଇଛନ୍ତି। ପୀଡିତାଙ୍କ ମାମୁଁ ଦେବୀଦିନ ନିଷାଦ ଅଭିଯୁକ୍ତ ତନ୍ଦୁର କାରିଗରଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଛନ୍ତି।

## ନବୀନଙ୍କ ଚିଠିର ଜବାବ ଦେଲେ କେନ୍ଦ୍ର ମନ୍ତ୍ରୀ

# 'ଡି-ଲିମିଟେସନ'ରେ ଓଡ଼ିଶାର ପ୍ରତିନିଧିତ୍ୱ କମିବନି



ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ)ଃ ଓଡ଼ିଶାର ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗତକାଲି ରାଜ୍ୟର ସାଂସଦମାନଙ୍କୁ ପତ୍ର ଲେଖି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ନେଇ ଯେଉଁ ଆଶଙ୍କା ପ୍ରକଟ କରିଛନ୍ତି, ତା' କେବଳ ଭୟ ସୃଷ୍ଟି କଲା ଭଳି ମନେହେଉଛି। ତାଙ୍କ ଭଳି ଜଣେ ଅଭିଜ୍ଞ ରାଜନେତାଙ୍କ ପାଖରୁ ଏଭଳି ପ୍ରତିକ୍ରିୟା ଶୋଭା ପାଉନାହିଁ ବୋଲି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ମାଧ୍ୟମରେ ନିଜର ପ୍ରତିକ୍ରିୟା ରଖି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଏହି ବିଲ୍ ପାରିତ ହେଲେ ଓଡ଼ିଶାର ରାଜନୈତିକ ଓ ଅର୍ଥନୈତିକ ସ୍ୱାର୍ଥ କ୍ଷୁଣ୍ଣ ହେବ ବୋଲି ଯେଉଁ ଦାବି କରାଯାଉଛି, ତାହା ସମ୍ପୂର୍ଣ୍ଣ ଭାବେ ଭ୍ରମାତ୍ମକ। ଭାରତର ସମ୍ବିଧାନ ଓ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପରେ ବିଶ୍ୱାସ ରଖିବା ଉଚିତ। ଦେଶର କୌଣସି ରାଜ୍ୟର ଅଧିକାରକୁ କ୍ଷୁଣ୍ଣ କରାଯିବ ନାହିଁ ବୋଲି ଗୃହମନ୍ତ୍ରୀ ସଂସଦରେ ସ୍ପଷ୍ଟ କରିଛନ୍ତି। ଓଡ଼ିଶାର ହକ୍ ମଧ୍ୟ ଏଥିରୁ ବାଦ୍ ପଡ଼ିବ ନାହିଁ। ନୂତନ ସୀମା ନିର୍ଦ୍ଧାରଣ ବା 'ଡି-ଲିମିଟେସନ' ପ୍ରକ୍ରିୟା ପରେ ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯ରୁ ହ୍ରାସ ପାଇ ୩.୪ ପ୍ରତିଶତ ହୋଇଯିବ ବୋଲି ଶ୍ରୀ ପଟ୍ଟନାୟକ ଚିଠିରେ ଯେଉଁ ତଥ୍ୟ ରଖିଛନ୍ତି, ସେଥିରେ ସତ୍ୟତା ନାହିଁ। ଓଡ଼ିଶାର ପ୍ରତିନିଧିତ୍ୱ ବଢ଼ିବା ନିଶ୍ଚିତ, କମିଯିବାର କୌଣସି ପ୍ରଶ୍ନ ଉଠୁନାହିଁ। ଏଭଳି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଇ ରାଜ୍ୟର ଜନସାଧାରଣଙ୍କୁ ଭୟଭୀତ କରିବା ଉଚିତ ହେଉନାହିଁ। ସମୟ ଆସିଲେ ସବୁକିଛି ସ୍ପଷ୍ଟ ହୋଇଯିବ, କେବଳ ଧୈର୍ଯ୍ୟର ସହ ଅପେକ୍ଷା କରିବା ଆବଶ୍ୟକ।

ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଓ ତାଙ୍କ ଦଳ ବିଜେଡି 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ସମର୍ଥନ କରିବା ସ୍ୱାଗତଯୋଗ୍ୟ। କିନ୍ତୁ ଏହାକୁ ଖୋଲା ହୃଦୟରେ ଆମେ ସମସ୍ତେ ସମର୍ଥନ କରିବା ଉଚିତ୍। ପ୍ରଧାନମନ୍ତ୍ରୀଙ୍କ ଶାସନରେ ଓଡ଼ିଶା ସବୁବେଳେ ଅଗ୍ରାଧିକାର ପାଇଆସିଛି। ଏହି ସଂଶୋଧନ ବିଲ୍ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସମଗ୍ର ଦେଶର ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ। ଏହି ପ୍ରସଙ୍ଗକୁ ବିବାଦର ରୂପ ନ ଦେଇ ଦେଶର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେବା ଆବଶ୍ୟକ। ସମ୍ବିଧାନର ମର୍ଯ୍ୟାଦା ରକ୍ଷା କରି ରାଜନୈତିକ ଫାଇଦା ଅପେକ୍ଷା ଦେଶର ସ୍ୱାର୍ଥକୁ ଆମେ ସମସ୍ତେ ପ୍ରାଥମିକତା ଦେବା ଉଚିତ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି।

## ଓକାକ୍ ଟେଣ୍ଡର ପ୍ରକ୍ରିୟା ବିରୋଧରେ ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୭।୪ (ସଂଚାର ବ୍ୟୁରୋ)ଃ ଓକାକର ଟେଣ୍ଡର ପ୍ରକ୍ରିୟାକୁ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ତିରସ୍କାର କରିଛନ୍ତି। ଓକାକ ମାଧ୍ୟମରେ ଟେଣ୍ଡରକରି ଓଡ଼ିଶାର ରାଜ୍ୟ ରାଜସ୍ୱରୁ କୋଟି କୋଟି ଟଙ୍କା ହଡ଼ପ କରିବାକୁ ଚକ୍ରାନ୍ତ କରାଯାଉଛି ବୋଲି ଆଜି କଂଗ୍ରେସ କାର୍ଯ୍ୟାଳୟରେ ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି। ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ତଥା ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି, ଆଇଏନପି କମ୍ପାନୀ ନାମରେ ବିନା ଅନୁମତିରେ "ସବଜେକ୍ଟ ୱାର୍କସ" ବ୍ୟବହାର ଅଭିଯୋଗ ନେଇ ଦିଲ୍ଲୀ ହାଇକୋର୍ଟରେ ଥିନଭେଷ୍ଟ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ପକ୍ଷରୁ କେସ କରାଯାଇଛି। ଏହି କମ୍ପାନୀ ନାମରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ ରହିଛି। ଏଥିପାଇଁ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଆସନ୍ତା ୨୦ ତାରିଖରେ ବିକ୍ଷୋଭ କରିବାକୁ ସ୍ଥିର କରାଯାଇଛି।

● ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ସମୀକ୍ଷା ବୈଠକ

# ରାଜ୍ୟ ବିକାଶକୁ ନୂଆ ଶିଖରରେ ପହଞ୍ଚାଇବ ପ୍ରାଣୀପାଳନ: ମନ୍ତ୍ରୀ



ଭୁବନେଶ୍ୱର,୧୭।୪(ସଂଚାର ବ୍ୟୁରୋ)ଃ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ସ୍ଥାନୀୟ କୃଷିଭବନ ଅଡିଟୋରିଅମଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ଗୋପାଳନ, କୁକୁଡ଼ା ଓ ଛେଳିମେଣ୍ଢା ପାଳନ ଆଦି ମାଧ୍ୟମରେ ନୂତନ ଉଦ୍ୟୋଗୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରି ଉପସ୍ଥିତ ପ୍ରାଣୀଚିକିତ୍ସା ଅଧିକାରୀମାନଙ୍କୁ ସେବା ମନୋଭାବ ରଖି ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା', 'ପ୍ରାଣୀସମ୍ପଦ ସମୃଦ୍ଧି ଯୋଜନା', 'ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା', 'ଗୋମାତା ଯୋଜନା' ଓ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଆଗାମୀ ୨୦୨୯ ସୁଦ୍ଧା ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଅଧୀନରେ ଗାଈ ଓ ମଇଁଷି ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଯୁଗାନ୍ତକାରୀ ଯୋଜନାର ସୁଫଳ ଯେପରି ଅଧିକରୁ ଅଧିକ ଗୋପାଳକଙ୍କ ନିକଟରେ ପହଞ୍ଚିପାରିବ, ତାହା ନିଶ୍ଚିତ କରିବାକୁ ମନ୍ତ୍ରୀ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରଏଲର ଓ ଲେୟର କୁକୁଡ଼ା ସହ ଘୁଷୁରି ଓ ଛେଳିମେଣ୍ଢା ପାଳନ ଉପରେ ବୈଠକରେ ବିଶଦ ଆଲୋଚନା କରାଯାଇଛି। ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ଲେୟର କୁକୁଡ଼ା ଚାଷ ଉପରେ ଅଧିକ ପ୍ରାଧାନ୍ୟ ଦେବାକୁ ବୈଠକରେ ମତ ପ୍ରକାଶ ପାଇଛି। ଏଥିସହ 'ପ୍ରାଣୀସମ୍ପଦ ସମୃଦ୍ଧି ଯୋଜନା' ଓ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ମାଧ୍ୟମରେ ଅଧିକରୁ ଅଧିକ ଅଣ୍ଡାଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା କରିବାକୁ ମନ୍ତ୍ରୀ ସମସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜାତୀୟ ରାଜପଥରେ ଜଳିଗଲା ଟ୍ରକ୍



କୋଲକାତା,୧୭।୪(ସଂଚାର ବ୍ୟୁରୋ)ଃ ଶୁକ୍ରବାର ସକାଳେ ଏକ ଚଳନ୍ତା ଟ୍ରକରେ ଅଗ୍ନିକାଣ୍ଡ ଘଟି ଟ୍ରକଟି ଜଳିଯାଇଛି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ପଶ୍ଚିମ ମେଦିନୀପୁରର ଦେବରା ବ୍ଲକ ଅନ୍ତର୍ଗତ ଦ୍ୱାରିକାପୁର ଅଞ୍ଚଳରେ ଏହି ଘଟଣା ଘଟିଛି। ଗାଡିଟି ହଳଦିଆରୁ ଖଡ଼ଗପୁର ଅଭିମୁଖେ ଯାତ୍ରା କରୁଥିଲା। ଖବର ପାଇ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଟ୍ରକଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଭୋଟ୍ ପ୍ରଚାରରେ ଫଡନାବିସ୍ ସାମିଲ



କୋଲକାତା,୧୭।୪(ସଂଚାର ବ୍ୟୁରୋ)ଃ ପଶ୍ଚିମବଙ୍ଗ ଭୋଟ୍ ପ୍ରଚାରରେ ସାମିଲ ହୋଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍ ମମତାଙ୍କ ଉପରେ ବର୍ଷିଛନ୍ତି। ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ କରିଛନ୍ତି ଯେ, ଦିଦିଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ପଛରେ ପଡ଼ିଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଥାକୁ ସମର୍ଥନ କରି ସେ ଦାବି କରିଛନ୍ତି ଯେ ଜାତୀୟ ସ୍ତରରେ ବଙ୍ଗଳାର ଅର୍ଥନୈତିକ ଅବଦାନ ଯଥେଷ୍ଟ ହ୍ରାସ ପାଇଛି। ସେ କହିଛନ୍ତି, ପ୍ରାୟ ୧୪୦୦ କମ୍ପାନୀ ବଙ୍ଗଳା ଛାଡିଛନ୍ତି। ସେମାନେ ଏବେ ମହାରାଷ୍ଟ୍ରରେ ସେମାନଙ୍କର ବ୍ୟବସାୟ କରୁଛନ୍ତି।

## ତୃଣମୂଳ ପ୍ରାର୍ଥୀଙ୍କ ଘରେ ଆୟକର ଚଢ଼ାଉ



କୋଲକାତା,୧୭।୪(ସଂଚାର ବ୍ୟୁରୋ)ଃ ଶୁକ୍ରବାର ସକାଳେ ତୃଣମୂଳ ପ୍ରାର୍ଥୀ ଦେବାଶିଷ କୁମାରଙ୍କ ବାସଭବନ ଏବଂ କାର୍ଯ୍ୟାଳୟରେ ଆୟକର ପକ୍ଷରୁ ଚଢ଼ାଉ କରାଯାଇଛି। ଆୟକର ବିଭାଗର ଅଧିକାରୀମାନେ ସକାଳେ ମନୋହରପୁକୁର ରୋଡସ୍ଥିତ ତାଙ୍କ ଘରେ ପହଞ୍ଚିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ କିଛି ଦିନ ପୂର୍ବରୁ ସମନ କରିଥିଲା। ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି ଯେ ନିର୍ବାଚନର ଠିକ୍ ପୂର୍ବରୁ ବିଜେପି ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି। ଏହାର ପ୍ରତିବାଦରେ ତୃଣମୂଳ କଂଗ୍ରେସ କର୍ମୀମାନେ କାର୍ଯ୍ୟାଳୟ ବାହାରେ ଏକ ଧାରଣା ପ୍ରଦର୍ଶନ କରିଥିଲେ।

## ପୋଖରୀରେ ବୁଡ଼ି ମହିଳା ମୃତ

କୋଲକାତା,୧୭।୪(ସଂଚାର ବ୍ୟୁରୋ)ଃ ଶୁକ୍ରବାର ସକାଳେ କୋଲକାତାର ରବୀନ୍ଦ୍ର ସରୋବରରେ ବୁଡ଼ି ଜଣେ ମହିଳା ପ୍ରାଣ ହରାଇଛନ୍ତି। ପହଁରି ଜାଣି ନଥିବାରୁ ପୀଡ଼ିତା ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ସ୍ଥାନୀୟ ବାସିନ୍ଦା ଏବଂ ପୋଲିସ ସୂତ୍ର ଅନୁଯାୟୀ, ସେ ପ୍ରତିଦିନ ପରି ସକାଳେ ସ୍ନାନ କରିବା ପାଇଁ ରବୀନ୍ଦ୍ର ସରୋବରରେ ପ୍ରବେଶ କରିଥିଲେ। କୌଣସି କାରଣରୁ ସେ ଭାରସାମ୍ୟ ହରାଇ ପାଣି ଭିତରକୁ ଖସି ଯାଇଥିଲେ। ଲୋକମାନେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଉଦ୍ଧାର କରିପାରି ନଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ରବୀନ୍ଦ୍ର ସରୋବର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ଉଦ୍ଧାର କରି ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ ମଧ୍ୟ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

## କରାଟେ ବେଲ୍ଟ ପରୀକ୍ଷା

କୋଲକାତା,୧୭।୪(ସଂଚାର ବ୍ୟୁରୋ)ଃ ଆଇଆଇଟି ଖଡ଼ଗପୁର କ୍ୟାମ୍ପସରେ କରାଟେ ବେଲ୍ଟ ପରୀକ୍ଷା ଆୟୋଜିତ ହୋଇଯାଇଛି। ଏଥିରେ ୬୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଇଆଇଟି ସଦସ୍ୟ ସୁଶାକାନ୍ତ ମିତ୍ର, ଜେଆଇଏସ୍ ଗ୍ରୁପର ପ୍ରଫେସର ସୁକାନ୍ତ ଭଟ୍ଟାଚାର୍ଯ୍ୟ ଏବଂ ଟାଟା କାଇ କାନ୍ କାଇକୋସିନ୍ କରାଟେର ଅଖିଳ ଭାରତୀୟ ଶାଖା ମୁଖ୍ୟ ଶିହାନ ନିର୍ମଳ ସାହା ପ୍ରମୁଖ ଯୋଗ ଦେଇଥିଲେ।

# ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ପୁରୀ, ୧୭।୪ (ସଂଚାର ବ୍ୟୁରୋ)ଃ ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଉପଲକ୍ଷେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମିତିର ସଦସ୍ୟ ଓ ଆଦିତ୍ୟ ବାହିନୀର ପୂର୍ବତନ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରସ୍ତୁତି ବୈଠକର ବିବରଣୀ ଆଲୋଚନା କରିଥିଲେ। ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ ଉପଲକ୍ଷେ ବୈଶାଖ ଶୁକ୍ଳ ପଞ୍ଚମୀ ଆସନ୍ତା ୨୧ରେ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଉତ୍ସବ ପାଳିତ ହେବ। ଉକ୍ତଦିନ ଅପରାହ୍ଣ ୩ଟା ବେଳେ ତାଙ୍କର ଚଳନ୍ତି ପ୍ରତିମାଙ୍କୁ ନଗର ପରିକ୍ରମା ପୂର୍ବକ ଶୋଭାଯାତ୍ରାରେ ଉକ୍ତ ଜୟନ୍ତୀ ଉତ୍ସବ ପାଳିତ ହେବ। ଶୋଭାଯାତ୍ରା ଗୋବର୍ଦ୍ଧନ ମଠରୁ ବାହାରି ବାଲିସାହି, ସିଂହଦ୍ୱାର, ଦୋଳମଣ୍ଡପ ସାହି, ମୋଚିସାହି ଛକ, ରାମଚଣ୍ଡି ସାହି, ମରିଚକୋଟ ଗଳି, ବଡ଼ଦାଣ୍ଡ, ରାଜା ନଅର, ଦୋଳବେଦୀ, ଲକ୍ଷ୍ମୀ ମାର୍କେଟ, ମଣିକର୍ଣ୍ଣିକା ସାହି, ହରଚଣ୍ଡି ସାହି, ଗୌଡ଼ବାଡ଼ ସାହି, କାମାକ୍ଷ ମନ୍ଦିର, ମଠ ପାଚେରୀ କଡ଼ ଦେଇ ଶୋଭାଯାତ୍ରା ଗୋବର୍ଦ୍ଧନ ମଠକୁ ପ୍ରତ୍ୟାବର୍ତ୍ତନ କରିବ। ଉକ୍ତ ଶୋଭାଯାତ୍ରାରେ ଏକ ହଜାରରୁ ଅଧିକ ଭକ୍ତ ଓ ସାଂସ୍କୃତିକ ଦଳ ସାମିଲ୍ ହେବେ। ନଗର ବିଜେ ସମୟରେ ହାରାହାରି ୧୨୦ଟି ସ୍ଥାନରେ ଚଉଦୋଳରେ ବିଜେ ଆଦିଶଙ୍କରଙ୍କ ଚଳନ୍ତି ପ୍ରତିମା ସ୍ଥାନେ ସ୍ଥାନେ ରହି ଭକ୍ତଙ୍କ ଘରେ ପନ୍ତି ଭୋଗ ଲାଗିବ। ଉକ୍ତ ଉତ୍ସବ ଶୃଙ୍ଖଳିତ ଭାବେ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବଳ ଓ ଟ୍ରାଫିକ ନିୟନ୍ତ୍ରିତ ପାଇଁ ଉପଯୁକ୍ତ ସୂଚନା ପରିଚାଳନା କରିବା ପାଇଁ ଆରକ୍ଷୀ ବିଭାଗକୁ ଅନୁରୋଧ କରାଯାଇଛି। ପୁରୀ ମହାନଗର ନିଗମକୁ ଆବର୍ଜନାମୁକ୍ତ ସ୍ୱଚ୍ଛ ପରିକ୍ରମା ମାର୍ଗ, ରାସ୍ତା ଅବରୋଧ ହଟାଇବା, ମଣିକର୍ଣ୍ଣିକା ସାହିଠାରୁ ସାତାସନ ରୋଡ ପର୍ଯ୍ୟନ୍ତ ଆଲୋକୀକରଣ ବ୍ୟବସ୍ଥାକୁ ସହଯୋଗ କରିବା ପାଇଁ ନିବେଦନ କରାଯାଇଛି। ସେହିପରି ବିଦ୍ୟୁତ୍ ସରବରାହ ନିଶ୍ଚିତ କରିବା ସକାଶେ ଟାଟା ପାୱାର୍ ଟିମ୍‌ର ସହଯୋଗ ଲୋଡ଼ାଯାଇଛି। ଆହୁରି ଆମ୍ବୁଲାନ୍ସ ଓ ଆଶୁ ଚିକିତ୍ସା ସୁବିଧା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀଙ୍କୁ ନିବେଦନ କରାଯାଇଥିବା ବେଳେ ଟ୍ୟାଙ୍କର ବ୍ୟବସ୍ଥା ପାଇଁ ୱାଟ୍‌କୋ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ବୈଠକରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦେବସ୍ମିତା ମହାନ୍ତି, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱଜିତ୍ ମହାନ୍ତି, ଅଗ୍ନିଶମ ଅଧିକାରୀ ଜିଜ୍ଞାସୁ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ରାଜ୍ୟ ଶଙ୍କର ଜୟନ୍ତୀ ସମାରୋହ ସମିତି, ଗୋବର୍ଦ୍ଧନ ମଠ ପୁରୀର ସଭାପତି ଗଣେଶ୍ୱର ମହାସୁଆର ପ୍ରମୁଖ ଉପସ୍ଥିତ ଥିଲେ।

## ରାମଲୀଳା ଉଦ୍‌ଯାପିତ



କଟକ, ୧୭।୪(ସଂଚାର ବ୍ୟୁରୋ)ଃ କଟକ ଚୌଦ୍ୱାରସ୍ଥିତ ଇନ୍ଦ୍ରାଣୀପାଟଣା ଗ୍ରାମରେ ୨୨ ତମ ରାମଲୀଳା ଉତ୍ସବ ଉଦ୍‌ଯାପିତ ହୋଇଛି। ପାଞ୍ଚଦିନ ଧରି ଗ୍ରାମର ରାମଲୀଳା ମଣ୍ଡପରେ ରାମାୟଣର ବିଭିନ୍ନ ପାତ୍ର ଓ ଘଟଣାକୁ ଆଧାର କରି ରାମଲୀଳା ପରିବେଷଣ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାମ୍ବାଦିକ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିବାବେଳେ ଚୌଦ୍ୱାର-କଟକର ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ଇନ୍ଦ୍ରାଣୀ ପାଟଣା ମଣ୍ଡଳ ସଭାପତି ଦାମୋଦର ନାୟକ ପ୍ରମୁଖଙ୍କ ଦ୍ୱାରା 'ବିଶ୍ୱାସ' ପତ୍ରିକାର ଉନ୍ମୋଚନ କରାଯାଇଥିଲା। ଗ୍ରାମର ଯୁବ ସଂଗଠକ ଅମୂଲ୍ୟ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିବାବେଳେ ପ୍ରଭାତ କୁମାର ଓ ରାମଚନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼...

କରିବା ପରେ ଶୁକ୍ରବାର ତୈଳ ମୂଲ୍ୟ ୧୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୮ ଆମେରିକୀୟ ଡଲାରକୁ ଖସି ଆସିଛି। ସେହିଭଳି ଡବ୍ଲ୍ୟୁଟିଆଇ କ୍ରୁଡ ଅଏଲ ଦର ବ୍ୟାରେଲ ପିଛା ୮୩ ଡଲାରକୁ ଖସିଆସିଛି। ହର୍ମୁଜ ଅବରୋଧମୁକ୍ତ ଘୋଷଣା ପରେ ବିଶ୍ୱବ୍ୟାପୀ ଏହାର ଯୋଗାଣକୁ ନେଇ ରହିଥିବା ଭୟ ଲୋପ ପାଇବା ସହ ଷ୍ଟକ୍ ବଜାରରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଛି।

ସୂଚନାଯୋଗ୍ୟ ଯେ ଆମେରିକା ଓ ଇସ୍ରାଏଲ ଦ୍ୱାରା ମିଳିତ ଆକ୍ରମଣ ପରେ ମାର୍ଚ୍ଚ ୨ ତାରିଖରେ ଇରାନ ହର୍ମୁଜ ଦେଇ ଯାତାୟାତ ଉପରେ କଟକଣା ଲାଗୁ କରିଥିଲା। ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ମୃତ୍ୟୁ ହୋଇଥିଲା। ସେବେଠାରୁ ଏହି ଜଳପଥକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଜାରି ରହିଛି। ଯୁଦ୍ଧ ପରଠାରୁ ଇରାନ ଏହି ମାର୍ଗରେ ଅବରୋଧ ଜାରି କରିଛି, ଯାହା ବିଶ୍ୱ ଅର୍ଥନୀତିକୁ ଗୁରୁତର ଭାବେ ପ୍ରଭାବିତ କରିଛି ଏବଂ ତୈଳ ଓ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ କରିଛି। ଏହାଦ୍ୱାରା ବିଶ୍ୱ ଶକ୍ତି ସଙ୍କଟ ଉତ୍କଟ ହୋଇଥିବା ବେଳେ ଆମେରିକା ଏହି ମାର୍ଗକୁ ପୁନଃ ଖୋଲିବା ପାଇଁ ଦାବି କରୁଥିଲା। ହର୍ମୁଜକୁ ଖୋଲିବା ପାଇଁ ଇରାନର ନିଷ୍ପତ୍ତି ଏବେ ସାମୟିକ ଭାବେ ବିଶ୍ୱବାସୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି।

### ଫେଲ୍...

ବିର୍ଲା ଏହା ଘୋଷଣା କରିବା ସହ ଆସନ୍ତାକାଲି ଦିନ ୧୧ଟା ଯାଏ ଗୃହକୁ ସ୍ଥଗିତ ଘୋଷଣା କରିଛନ୍ତି।

ବିଲ୍ ପାରିତ ହୋଇଥିଲେ ମହିଳାଙ୍କ ପାଇଁ ସଂସଦ ଓ ରାଜ୍ୟ ବିଧାନସଭାରେ ୩୩ ପ୍ରତିଶତ ଆସନ ସଂରକ୍ଷଣ ହୋଇଥାଆନ୍ତା। ସେହିପରି ଲୋକସଭାର ଆସନ ସଂଖ୍ୟା ସର୍ବାଧିକ ୮୫୦ ପର୍ଯ୍ୟନ୍ତ ବୃଦ୍ଧି ହୋଇଥାଆନ୍ତା। କିନ୍ତୁ ସରକାର ଏହା ସହ ସୀମା ନିର୍ଦ୍ଧାରଣକୁ ଯୋଡ଼ିଥିବାରୁ ବିରୋଧୀ ଏହାକୁ ଜୋରଦାର ବିରୋଧ କରିଥିଲେ। ବିଲ୍ ପାରିତ ହୋଇ ନ ଥିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ମହିଳାଙ୍କୁ ସମ୍ମାନ ଦେବାକୁ ନରେନ୍ଦ୍ର ମୋଦି ସରକାର ବ୍ୟବସ୍ଥା କରିଥିଲେ ହେଁ ଏହାକୁ ବିରୋଧୀ ସମର୍ଥନ କରିନାହାନ୍ତି। ତେବେ ସେମାନେ ଐତିହାସିକ ସୁଯୋଗ ହାତଛଡ଼ା କରିଛନ୍ତି ବୋଲି ସେ ଆକ୍ଷେପ କରିଥିଲେ।

ହେଲେ ମୋଦି ସରକାର ମହିଳାଙ୍କ ସମ୍ମାନ ପାଇଁ ଲଢ଼େଇ ଜାରି ରଖିବେ ବୋଲି ସେ ଘୋଷଣା କରିଛନ୍ତି। ସମ୍ବିଧାନ ସଂଶୋଧନ ବିଲ୍ ଫେଲ୍ ମାରିବାରୁ ରିଜିଜୁ ଅନ୍ୟ ଦୁଇ ବିଲ୍ ସୀମା ପୁନଃ ନିର୍ଦ୍ଧାରଣ ବିଲ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ ମଧ୍ୟ ଆଗକୁ ନ ବଢ଼ାଇବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ସେପଟେ ବିରୋଧୀଙ୍କ ଅସହଯୋଗ ବିରୋଧରେ ସଂସଦ ବାହାରେ ଏନଡିଏର ମହିଳା ସାଂସଦମାନେ ପ୍ରତିବାଦ କରିଥିଲେ।

ଏହି ବିଲ୍ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ସଂଶୋଧନକୁ ନେଇଥିବା ସବୁ ଭ୍ରାନ୍ତ ଧାରଣାକୁ ଯୁକ୍ତିଯୁକ୍ତ ଉତ୍ତର ଦ୍ୱାରା ଦୂର କରାଯାଇଛି ଓ ସାଂସଦମାନଙ୍କ ଦ୍ୱାରା ଉଠାଯାଇଥିବା ସବୁ ଚିନ୍ତାକୁ ବି ଦୂର କରାଯାଇଛି। ସେ ଆହୁରି ମଧ୍ୟ କହିଥିଲେ ଯେ ଯେଉଁଠାରେ ଅତିରିକ୍ତ ସୂଚନା ଆବଶ୍ୟକ ଥିଲା, ତାହା ସବୁ ସାଂସଦଙ୍କୁ ପ୍ରଦାନ କରାଯାଇଛି ଯେପରିକି ବିରୋଧୀ ପକ୍ଷଙ୍କ ସବୁ ସନ୍ଦେହ ଦୂର ହୋଇପାରିବ। ମହିଳା ସଂରକ୍ଷଣକୁ ନେଇ ବିଗତ ପ୍ରାୟ ୪ ଦଶନ୍ଧି ଧରି ରାଜନୈତିକ ବିତର୍କ ହୋଇଆସୁଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ମହିଳା ଅର୍ଥାତ ଦେଶର ଜନସଂଖ୍ୟାର ୫୦ ପ୍ରତିଶତଙ୍କୁ ସେମାନଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ପ୍ରଦାନ କରିବାର ସମୟ ଏବେ ଉପନୀତ ହୋଇଛି। ପ୍ରଧାନମନ୍ତ୍ରୀ ସମସ୍ତ ରାଜନୈତିକ ଦଳମାନଙ୍କୁ ମହିଳା ସଂରକ୍ଷଣ ସଂଶୋଧନ ସପକ୍ଷରେ ଭୋଟ ଦେଇ ଏକ ବିଚାରବନ୍ତ ଓ ସମ୍ବେଦନଶୀଳ ନିଷ୍ପତ୍ତି ନେବାକୁ ନିବେଦନ କରିଥିଲେ।

ତେବେ ଉଭୟ ବିଲ୍‌କୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କେନ୍ଦ୍ର ଉପରେ ବର୍ଷିଥିଲେ। ସେ ଅଭିଯୋଗ କରିଥିଲେ ଯେ ସରକାର ରାଜନୈତିକ ଉଦ୍ଦେଶ୍ୟ ହାସଲ କରିବା ଓ କ୍ଷମତା ବଜାୟ ରଖିବା ପାଇଁ ମହିଳା ସଂରକ୍ଷଣକୁ ଏକ ଢାଲ ଭାବେ ବ୍ୟବହାର କରୁଛନ୍ତି। ସେ କେନ୍ଦ୍ର ଉପରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ମାଧ୍ୟମରେ ଓବିସି ଓ ଦଳିତଙ୍କ ରାଜନୈତିକ ସ୍ୱରକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ମଧ୍ୟ କରିଛନ୍ତି। ଏହା ମହିଳା ସଂରକ୍ଷଣ ବିଲ୍ ନୁହେଁ, ମହିଳା ସଶକ୍ତିକରଣ ସହ ଏହାର କୌଣସି ସମ୍ପର୍କ ନାହିଁ। ଭାରତର ମାନଚିତ୍ରକୁ ବଦଳାଇବାର ଏହା ଏକ ପ୍ରୟାସ। ମହିଳା ସଂରକ୍ଷଣ ବିଲ୍ ଗତ ୨୦୨୩ରେ ଗୃହୀତ ହୋଇଥିଲା। ଏହି ବିଲ୍ ଜରିଆରେ ଦକ୍ଷିଣ ଓ ଉତ୍ତର ଭାରତରେ ଭେଦଭାବ କରାଯାଉଥିବା ସେ ଅଭିଯୋଗ କରିଥିଲେ।

### ଲାଷ୍ଟ୍...

ହୋଲସେଲର ବିକ୍ରେତାଙ୍କ ସଂଖ୍ୟା ୧୦୨୯ ଥିବା ବେଳେ ଖୁଚୁରା ବିକ୍ରେତାଙ୍କ ସଂଖ୍ୟା ୧୨,୦୯୩। ବିଭିନ୍ନ ସାର ଯୋଗାଣ କମ୍ପାନୀଙ୍କ ପକ୍ଷରୁ ସାର ଯୋଗାଣ ମଧ୍ୟ ଠିକ୍ ରହିଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଡିଲର ପଏଣ୍ଟ ଯାଞ୍ଚ କରାଯାଇ ୬ଟି ଲାଇସେନ୍ସ ବାତିଲ କରାଯାଇଛି। ବୈଠକରେ ସୂଚନା ଦିଆଯାଇଥିଲା ଯେ କେନ୍ଦ୍ର ସରକାରଙ୍କ ସାର ବିଭାଗ ପକ୍ଷରୁ ଏକ ଇଣ୍ଟିଗ୍ରେଟେଡ୍ ଫର୍ଟିଲାଇଜର ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଏଫଏମଏସ) ଆରମ୍ଭ କରାଯାଇଛି। ଏଥିରେ ପ୍ରତ୍ୟେକ ଜିଲ୍ଲାର ଦୈନିକ ସାର ଉପଲବ୍ଧତା ଓ ଆବଣ୍ଟନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି।

ଜିଲ୍ଲାପାଳମାନଙ୍କ ସହ ସାର ଯୋଗାଣ ପରିସ୍ଥିତି ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ବର୍ତ୍ତମାନ ୧.୭୭ ଲକ୍ଷ ମେଟ୍ରିକ ଟନ ୟୁରିଆ ଓ ୬୦ ହଜାର ମେଟ୍ରିକ ଟନରୁ ଅଧିକ ଡିଏପି ସାର ମହଜୁଦ ରହିଛି। ତେବେ ପରିସଂଖ୍ୟାନରେ ସୀମିତ ନ ରହି ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ଛୋଟ ଚାଷୀ ହେଉ ବା ନାମମାତ୍ର, ବର୍ତ୍ତମାନ ସମୟରେ ପ୍ରତ୍ୟେକ ଚାଷୀ ଯେପରି ଆବଶ୍ୟକତା ଅନୁରୂପ ସାର ପାଇବେ, ତାହା ଜିଲ୍ଲାପାଳମାନେ ସୁନିଶ୍ଚିତ କରନ୍ତୁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ୬ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

ପ୍ରଥମତଃ କଳାବଜାରୀ ଓ ସାର ମହଜୁଦକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପାଇକାରୀ ଓ ଖୁଚୁରା ବିକ୍ରେତାଙ୍କ ଗୋଦାମକୁ ସମୟ ସମୟରେ ଯାଞ୍ଚ କରାଯାଉ। ଜିଲ୍ଲାପାଳମାନେ ହଠାତ ପରିଦର୍ଶନରେ ଯାଇ ଯାଞ୍ଚ କରନ୍ତୁ। ବେନିୟମ ସାର ମହଜୁଦକାରୀଙ୍କ ବିରୋଧରେ ଏଫଆଇଆର କରି ସେମାନଙ୍କ ଲାଇସେନ୍ସ ବାତିଲ କରାଯାଉ ବୋଲି ସେ କହିଥିଲେ। ସାର ଯୋଗାଣର ଏହି ପରିସ୍ଥିତି ସମୟରେ ଯେପରି ପଡ଼ୋଶୀ ରାଜ୍ୟକୁ ସାର ଚୋରାଚାଲାଣ ନହୁଏ, ସେଥିପାଇଁ ପୁଲିସ ଓ କୃଷି ବିଭାଗ ମିଳିତ ଭାବେ ସୀମାନ୍ତ ଅଞ୍ଚଳର ଚେକପୋଷ୍ଟଗୁଡ଼ିକ ଉପରେ ନଜର ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ସାର ପରିବହନ ନିୟନ୍ତ୍ରଣ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରତ୍ୟେକ ସନ୍ଦେହଜନକ ଗାଡ଼ିର ଯାଞ୍ଚ ହେବା ଜରୁରୀ।

ସେହିଭଳି ବେଳେବେଳେ ଶିଳ୍ପ କ୍ଷେତ୍ରରେ ରେଜିନ୍, ପ୍ଲାଇଉଡ କିମ୍ବା ପଶୁଖାଦ୍ୟ ଶିଳ୍ପକୁ ଚାଷ ପାଇଁ ଉଦ୍ଦିଷ୍ଟ ସବସିଡିଯୁକ୍ତ ୟୁରିଆ ଚୋରାଚାଲାଣ ହେବାର ଆଶଙ୍କା ଥାଏ। ତେଣୁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସଗୁଡ଼ିକ ଏହାର ଯାଞ୍ଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ସ୍ତରରେ ସାରର ଉପଲବ୍ଧତା ଓ ଯୋଗାଣ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା କରିବା ପାଇଁ ପ୍ରତି ପଞ୍ଚାୟତରେ ନିରୀକ୍ଷଣ ସମିତି ଗଠନ କରାଯାଉଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ୬୭୯୪ଟି ଗ୍ରାମ ପଞ୍ଚାୟତ ଥିବା ବେଳେ ତନ୍ମଧ୍ୟରୁ ୬୨୨୯ଟି ପଞ୍ଚାୟତରେ ଏହା ଗଠନ କରାଯାଇଛି। ବାକି ୫୬୫ଟି ପଞ୍ଚାୟତରେ ଗଠନ ହେବା ବାକି ଅଛି। ଏହାକୁ ଦୁଇ ତିନି ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେହିପରି ଚାଷୀମାନେ ଯେପରି ସରକାରଙ୍କ ସମସ୍ତ ଯୋଜନାର ସୁଫଳ ଠିକ୍ ଭାବେ ପାଇପାରିବେ, ସେଥିପାଇଁ ଚାଷୀମାନଙ୍କର ଡିଜିଟାଲ ପଞ୍ଜୀକରଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୪୪ ଲକ୍ଷ ଚାଷୀଙ୍କ ମଧ୍ୟରୁ ୧୫ ଲକ୍ଷ ଚାଷୀଙ୍କର ଡିଜିଟାଲ ଚାଷୀ ପ୍ରମାଣପତ୍ର କରାଯାଇଛି। ଏହାକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଚାଷୀ ସମସ୍ତ ପ୍ରକାର ସରକାରୀ ସୁବିଧା ଓ ସହାୟତା ଠିକ୍ ଭାବେ ପାଇବା ସହ ସାର ବଣ୍ଟନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆସିପାରିବ। ଚାଷୀମାନେ ଯେପରି ୟୁରିଆ ପରି ଅଧିକ କେମିକାଲ ସାର ବ୍ୟବହାର ନ କରି ସନ୍ତୁଳିତ ସାର ପ୍ରୟୋଗ କରିବେ, ସେଥିସକାଶେ ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜୈବିକ ସାର, ନାନୋ ୟୁରିଆ ଆଦି ବିକଳ୍ପ ସାର ବ୍ୟବହାର କରିବା ପାଇଁ ଚାଷୀମାନଙ୍କୁ ସଚେତନ କରିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ବିଭିନ୍ନ ସାର ବିକ୍ରୟ କେନ୍ଦ୍ରରେ ସାରର ଷ୍ଟକ ପରିମାଣ ଓ ଏହାର ଦାମ ସମ୍ପର୍କରେ ତଥ୍ୟ ପ୍ରଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀମାନେ ବୁଝିପାରିବା ଭଳି ଓଡ଼ିଆରେ ବଡ଼ ବଡ଼ ଅକ୍ଷରରେ ଏହି ତଥ୍ୟ ପ୍ରଦର୍ଶନ କରିବା ଅତ୍ୟନ୍ତ ଜରୁରୀ। ଏଥିସହ ରାଜ୍ୟର ପ୍ରତି ସବଡିଭିଜନରେ ଥିବା ବୈଦ୍ୟୁତିକ ଡିସପ୍ଲେ ବୋର୍ଡରେ ମଧ୍ୟ ଏହି ତଥ୍ୟ ପ୍ରଦର୍ଶିତ କରିବାକୁ ସେ ପରାମର୍ଶ ଦେଇଥିଲେ।

### ସଂସଦୀୟ...

ପକ୍ଷରୁ ଆୟୋଜିତ ତାଙ୍କ ବାପାଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମକୁ ସନ୍ଧ୍ୟାରେ କାହିଁକି ଗଲେ ନାହିଁ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସଦ ସଂତୃପ୍ତ ମିଶ୍ର, ସସ୍ମିତ ପାତ୍ର, ଶୁଭାଶିଷ ଖୁଣ୍ଟିଆ ଏବଂ ପୂର୍ବତନ ସାଂସଦ ମୁନା ଖାଁ ଓ ନିରଞ୍ଜନ ବିଶି ଯାଇଥିଲେ। ବିଜେଡିର ସଂସଦୀୟ ଦଳ ନେତା ଓ ଅନ୍ୟ ସାଂସଦମାନେ କାହିଁକି ଏହି କାର୍ଯ୍ୟକ୍ରମରେ ଯୋଗ ଦେଲେନାହିଁ, ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏ ସମ୍ପର୍କରେ ସଂସଦୀୟ ଦଳ ନେତା କିମ୍ବା ଉପନେତାଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ନୂଆ...

ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଚାଲିଥିବା ଏହି ଶ୍ରାଦ୍ଧସଭାର ପରିଚାଳନା କରିଥିଲେ ବିଜୟ ମହାପାତ୍ର। ସାଂସଦ ଦିଲ୍ଲୀପ ରାୟଙ୍କ ସହ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଅମର ଶତପଥୀ, ପ୍ରଭାତ ତ୍ରିପାଠୀ, ରବି ପାଣି, ନିରଞ୍ଜନ ପଟ୍ଟନାୟକ, ଏନ୍. ଭାସ୍କର ରାଓ, ଲାଲ ବିହାରୀ ହିମିରିକା, ସମୀର ମହାନ୍ତି, ରବି ପାଣି, ପୂର୍ବତନ ଡିଜି ସଞ୍ଜୀବ ମାରିକ, ରମାକାନ୍ତ ବୋଇ, ଦେବୀ ରଞ୍ଜନ ତ୍ରିପାଠୀ, ଅରବିନ୍ଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରବି ଦାସ, ପ୍ରସନ୍ନ ମହାନ୍ତି, ରାଜାରାମ ଶତପଥୀଙ୍କ ଭଳି ବହୁ ବିଜୁପ୍ରେମୀ ଓ ବିଜୁ ଅନୁଗତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କିଏ କେମିତି ବିଜୁବାବୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ, ତା'ର ଉଦାହାରଣ ଦେଇଥିଲେ। ଏପରିକି ନିଜ ଅନୁଭୂତି କଥା କହୁ କହୁ ଭାବବିହ୍ୱଳ ହୋଇପଡିଥିଲେ ସାଂସଦ ଦିଲ୍ଲୀପ ରାୟ।

ଓଡ଼ିଶା ନାଗରିକ ମଞ୍ଚ କୌଣସି ରାଜନୈତିକ ଦଳ ହୋଇ ନ ଥିଲେ ମଧ୍ୟ ଆଗାମୀ ଦିନରେ ଏହା ଓଡ଼ିଶାବାସୀଙ୍କ ଏକମାତ୍ର ସ୍ୱର ହେବ ବୋଲି ଦାବି କରିଛନ୍ତି ବରିଷ୍ଠ ନେତା ବିଜୟ ମହାପାତ୍ର। ଏହି ଅବସରରେ ସେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ତାଚ୍ଛଲ୍ୟ କରି କହିଥିଲେ ଯେ ବୋଧହୁଏ ଆମର ଏହି ଶ୍ରାଦ୍ଧ ଦିବସ ପାଳନ ହୋଇ ନ ଥିଲେ, ନବୀନ ପଟ୍ଟନାୟକ ଦିଲ୍ଲୀରେ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ନ ଥାନ୍ତେ। ନବୀନ ନିବାସ ହେଉ କି ଦିଲ୍ଲୀର ୩-ଆଉରଙ୍ଗଜେବ ରୋଡ ଘର ହେଉ, ଏହାକୁ ଏକ ଜାତୀୟ ସମ୍ପତ୍ତି ଭାବେ ଇତିହାସ ମନେ ରଖିବ। କିନ୍ତୁ ଏହାକୁ କେହି ଜଣେ ଅଣଓଡ଼ିଆ ବ୍ୟକ୍ତି ଏକ ଟ୍ରଷ୍ଟ କରି ମାଡ଼ିବସିବ, ତାହାକୁ ଓଡ଼ିଶା ନାଗରିକ ମଞ୍ଚ ବିରୋଧ କରିବ। ଏମିତି ଓଡ଼ିଆ ଓ ଓଡ଼ିଶାର ସ୍ୱାର୍ଥ ସମ୍ପର୍କିତ ସବୁ ପ୍ରସଙ୍ଗରେ ଓଡ଼ିଶା ନାଗରିକ ମଞ୍ଚ ରାଜ୍ୟବାସୀଙ୍କ ଭାବାବେଗର ସ୍ୱର ହେବ ବୋଲି ବିଜୟ ମହାପାତ୍ର କହିଥିଲେ। ଏବେ ବିଜୁ ଅନୁଗତଙ୍କ ପାଇଁ ଏକ ପରୀକ୍ଷାର ସମୟ ଆସିଛି। ଆଗାମୀ ଦିନରେ ଆମେ ଏକ ନୂଆ ପରୀକ୍ଷାଗାର ଓ ପରୀକ୍ଷା କେନ୍ଦ୍ରକୁ ଯିବାକୁ ଉଦ୍ୟମ କରୁଛୁ ବୋଲି ସେ କହିଥିଲେ।

ଏବେ ସରକାର ଓ ବିରୋଧୀ ଦଳ ଠିକଣା ମାର୍ଗରେ ଯାଉନାହାନ୍ତି। ଗୋଟିଏ ପରେ ଗୋଟିଏ ନୀତି ଓ ଷ୍ଟାଣ୍ଡ ପୋଷ୍ଟ ପରିବର୍ତ୍ତନ କରୁଛନ୍ତି। ଏହି ମଞ୍ଚ ଜରିଆରେ ଓଡ଼ିଶାବାସୀଙ୍କ ସବୁ ପ୍ରଶ୍ନ ସରକାର ଓ ବିରୋଧୀ ଦଳକୁ ପଚରାଯିବ ବୋଲି ସେ କହିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତବ୍ୟ ରଖି ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ୨୯ ବର୍ଷର ତଳର କଥା ମନେ ପକାଇ ଭାବ ବିହ୍ୱଳ ହୋଇଥିଲେ। ବିଜୁବାବୁଙ୍କ ଶେଷ ସମୟ କଥା ମନେ ପକାଇ ଦିଲ୍ଲୀପ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଫ୍ୟାମିଲି ଗେଟ୍ ଟୁଗେଦର ଭଳି ଲାଗିଲା। ବିଜୁ ଲିଗାସୀ କଥା ଟିଭି ଓ ସୋସିଆଲ ମିଡ଼ିଆରେ ଚାଲିଛି। ବିଜୁଙ୍କ ରୋଷେୟା ଖଇରାତି, ଡ୍ରାଇଭର ପ୍ରଫୁଲ୍ଲ ଓ ଟାଇପିଷ୍ଟ ମୁନା ଖାନ ହେଲେ ପ୍ରକୃତ ବିଜୁ ଲିଗାସୀ। ବିଜୁଙ୍କ କାର୍ଯ୍ୟ ଆଦର୍ଶ କାହା ଉପରେ କେତେ ପ୍ରଭାବ ପକାଇଛି ତାହା ପ୍ରକୃତ ବିଜୁ ଲିଗାସୀ। ଯେଉଁମାନେ ବିଜୁବାବୁଙ୍କୁ ଦେଖି ନାହାନ୍ତି, ଜାଣିନାହାନ୍ତି ସେମାନେ ବିଜୁ ବାବୁଙ୍କ କଥା ଆମକୁ ବୁଝାଉଛନ୍ତି ବୋଲି ସେ କହିଥିଲେ।

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ହାତୀ ମଲେ ଲକ୍ଷେ, ଜିଇଁଲେ ବି ଲକ୍ଷେ ପରି ବିଜୁବାବୁ ବଞ୍ଚିଲେ କୋଟିଏ, ମଲେ ବି କୋଟିଏ। ବଞ୍ଚିଥିବା ବେଳେ ଚର୍ଚ୍ଚା ଯେତିକି ହେଉଥିଲା, ତାଙ୍କ ଅବର୍ତ୍ତମାନରେ ବି ଅଧିକ ଚର୍ଚ୍ଚା ହେଉଛି। ବିଜୁବାବୁ ତାଙ୍କୁ ଯେତେବେଳେ ଯାହା କହିଛନ୍ତି ସେ ମନା କରିଛନ୍ତି। ମୋ ଭାଗ୍ୟ କି ଦୁର୍ଭାଗ୍ୟ ଜାଣିନି। ତେଣୁ ଆଗକୁ ଯେଉଁ ଲଢ଼େଇ ହେବ ବିଜୁ ଆଦର୍ଶରେ ଅନୁପ୍ରାଣିତ ମଞ୍ଚ ତା'ର କର୍ଣ୍ଣଧାର ସାଜିବ ବୋଲି ସେ କହିଛନ୍ତି।

### ପାକିସ୍ତାନରେ...

ଏଚ୍‌ଆଇଭି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଏନେଇ ତାଙ୍କ ମା' କହିଛନ୍ତି ଯେ ଡାକ୍ତରଖାନାରେ ଚିକିତ୍ସା ସମୟରେ ସଂକ୍ରମିତ ଛୁଞ୍ଚିରୁ ପିଲାମାନେ ଏଚ୍‌ଆଇଭିରେ ଆକ୍ରାନ୍ତ ହୋଇଛନ୍ତି। ଅଭିଯୋଗ ଅନୁସାରେ, ୩୨ ଘଣ୍ଟା ମଧ୍ୟରେ ଗୋଟିଏ ଭାଏଲରେ ୧୦ ଥର ସିରିଞ୍ଜ ପୁନଃବ୍ୟବହାର କରାଯାଇଥିଲା। ଏହି ମାମଲାରେ ୪ଟିରେ ସମାନ ଔଷଧ ଅନ୍ୟ ପିଲାମାନଙ୍କୁ ଦିଆଯାଇଥିଲା। ଏନେଇ ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର କହିଛନ୍ତି ଯେ ସିରିଞ୍ଜର ପଛ ପାର୍ଶ୍ୱ ଏକ ନୂତନ ଛୁଞ୍ଚି ଦିଆଗଲେ ମଧ୍ୟ ଭାଇରସ୍ ସଂକ୍ରମଣ କରିବାର ଆଶଙ୍କା ରହିଛି। ତଦନ୍ତରୁ ଜଣାପଡିଛି ଯେ ହସ୍ପିଟାଲ କର୍ମଚାରୀମାନେ ୬୬ ଥର ଜୀବାଣୁମୁକ୍ତ ଗ୍ଲୋଭସ୍ ବିନା ଇଞ୍ଜେକ୍ସନ ଦେଇଥିଲେ। ପଞ୍ଜାବ ଏଡ୍ସ ସ୍କ୍ରିନିଂ ପ୍ରୋଗ୍ରାମର ତଥ୍ୟ ଅନୁଯାୟୀ, ଅଧାରୁ ଅଧିକ ମାମଲାରେ 'ଦୂଷିତ ଛୁଞ୍ଚି' ସଂକ୍ରମଣର କାରଣ ବୋଲି କୁହାଯାଇଛି। ଅବଶ୍ୟ ଏପରି ଅଭିଯୋଗକୁ ହସ୍ପିଟାଲ୍ କର୍ତ୍ତୃପକ୍ଷ ଅସ୍ୱୀକାର କରିଛନ୍ତି।

### ବିଜୁ ଲିଗାସୀ...

ଯେ ବିଜେଡିକୁ କାଉଣ୍ଟର କରିବାକୁ ଯାଇ ବିଜୁ ଲିଗାସୀ ଆରମ୍ଭ କରିଥିବା ନେତାମାନେ ନିଜ ପିଲାମାନଙ୍କୁ ପଛରେ ପକାଇ ରାଜ୍ୟ ରାଜନୀତିରେ ଆଗ ଧାଡ଼ିରେ ରହିବାକୁ ଜୋରଦାର କସରତ ଚଳାଇଛନ୍ତି। ଯଦିଓ ଏହି ମଞ୍ଚରେ ବିଜେଡିରୁ ନିଲମ୍ବିତ ତିନି ବିଧାୟକ ଅରବିନ୍ଦ ମହାପାତ୍ର, ରମାକାନ୍ତ ଭୋଇ ଓ ଦେବୀ ପ୍ରସନ୍ନ ତ୍ରିପାଠୀ ଯୋଗ ଦେଇଥିଲେ, କିନ୍ତୁ ବରିଷ୍ଠମାନଙ୍କ ଉପସ୍ଥିତି ଆଗରେ ସେମାନେ ଏକପ୍ରକାର ଗୌଣ ପରିଲକ୍ଷିତ ହୋଇଥିଲେ। ଆଉ କିଛି ନିଲମ୍ବିତ ନେତା ନିଜ ନିଜର ସୁରକ୍ଷା ଦୃଷ୍ଟିରୁ ଏଠାକୁ ଆସିବାକୁ ଉଚିତ ମଣିନାହାନ୍ତି।

ତେବେ ପରିଣତ ବୟସରେ ମଉକା ଦେଖି ଚଉକା ମାରିବା ପାଇଁ ରାଜନୀତି ମଇଦାନକୁ ଓହ୍ଲାଇଥିବା ଏହି ନେତାମାନଙ୍କ ପାଇଁ ବିଜୁ ଲିଗାସୀ ରାଜନୀତି କେତେଦୂର ସଞ୍ଜିବନୀ ହେବ ଏବଂ ଏମାନଙ୍କ ମଧ୍ୟରୁ କେଉଁ କେଉଁ ନେତା ୨୦୨୯ ପର୍ଯ୍ୟନ୍ତ ସକ୍ରିୟ ରହି ପୁଣି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବେ, ତାହାକୁ ନେଇ ଏବେ ଆଲୋଚନା ଆରମ୍ଭ ହୋଇଥିବା ବେଳେ ସମସ୍ତଙ୍କ ନଜର କିନ୍ତୁ ବିଜୁ ଲିଗାସୀର ମଙ୍ଗ କିଏ ଧରିବ ତାହା ଉପରେ। କାରଣ ବିଜୁ ଲିଗାସୀରେ ଯୋଗ ଦେଇଥିବା ନେତାମାନେ ନିଜେ ଗୋଟିଏ ଗୋଟିଏ ସଂଗଠନ ବୋଲି ଦାବି କରନ୍ତି। ତେଣୁ ଲିଗାସୀ ରାଜନୀତି ଆଗାମୀ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଜାରି ରହିବ ନା ଅଧାରୁ ମାଟି କାମୁଡ଼ିବ ତାହା ଦେଖିବାର କଥା।

### ଓଡ଼ିଶାର...

ଥିଲେ ମଧ୍ୟ ସଭାପତିଙ୍କ ନିର୍ଦ୍ଦେଶରେ ଦଳ ଦୃଢ଼ ଭାବେ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣକୁ ବିରୋଧ କରିଥିବା ସେ କହିଛନ୍ତି।

# ପୋଖରୀ ନବୀକରଣ ନାଁରେ ଦୁର୍ନୀତି ଅଭିଯୋଗ

## ଦୁର୍ନୀତିର ପର୍ଦ୍ଦାଫାସ କରିବେ କି ମୋହନ ସରକାର



**ଆନନ୍ଦପୁର,୧୭।୪ (ସଂଚାର ବ୍ୟୁରୋ)ଃ** କେନ୍ଦୁଝର ଜିଲ୍ଲାର ଘଷିପୁରା ବ୍ଲକରେ ଉନ୍ନତି ନାଁରେ ଦୁର୍ନୀତି ହେଉଥିବା ଅଭିଯୋଗ ଆସିଛି। ପୋଖରୀ ନବୀକରଣ ଓ ସୌନ୍ଦର୍ଯ୍ୟ କରଣ କାମରେ ଅନିୟମିତତା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ତରିମୂଳ ପଞ୍ଚାୟତରେ ଥିବା ଉଆଁସ ପୋଖରୀର ନବୀକରଣ ଓ ସୌନ୍ଦର୍ଯ୍ୟକରଣ କାମକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ଘଟଣାସ୍ଥଳରେ ଦୁଇଟି ସୂଚନା ଫଳକ ଲାଗିଥିବା ବେଳେ, ସେଥିରେ ଥିବା ତଥ୍ୟ ମଧ୍ୟରେ ମେଳ ନଥିବା ଦେଖିବାକୁ ମିଳିଛି। ଗୋଟିଏ ଫଳକରେ 'ଅମୃତ ସରୋବର' ଯୋଜନାରେ ୨୦୨୨-୨୩ ମସିହାରେ ପଞ୍ଚାୟତ ସମିତି ଘଷିପୁରା ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଅଟକଳ ଥିବା ଉଲ୍ଲେଖ ରହିଛି। ଅନ୍ୟପଟେ, ଦ୍ୱିତୀୟ ଫଳକରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଅଧୀନରେ ୨୦୨୪-୨୫ ମସିହାରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଛି। କିନ୍ତୁ ଦୁଇଟି ଫଳକରେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ, ପୋଖରୀର ମାପ, କାମର ବିବରଣୀ, ଶ୍ରମିକଙ୍କ ଦିନକିଆ ମଜୁରି ଓ ଶ୍ରମଦିବସ ସୃଷ୍ଟି ସମ୍ବନ୍ଧୀୟ କୌଣସି ସ୍ପଷ୍ଟ ତଥ୍ୟ ଉଲ୍ଲେଖ ନଥିବାରୁ ସନ୍ଦେହ ଆହୁରି ଗଭୀର ହେଉଛି।

ସ୍ଥାନୀୟ ଲୋକମାନେ କହୁଛନ୍ତି, ଏହା କେବଳ କାଗଜରେ ଉନ୍ନତି, ଯଥାର୍ଥରେ ଦୁର୍ନୀତି ଚାଲିଛି। ଚା ଖଟିରୁ ଆରମ୍ଭ କରି ସମସ୍ତ ମଞ୍ଚରେ ଏହି ବିଷୟ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଅଧିକାରୀମାନେ ସବୁ କିଛି ଜାଣି ସୁଣି ନୀରବ ଦ୍ରଷ୍ଟା ହୋଇ ରହିଥିବା କୁହାଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକ ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି— ଘଷିପୁରାରେ ଉନ୍ନତି ନାଁରେ ଚାଲିଛି କି ଦୁର୍ନୀତି? ଏବଂ କେବେ ହେବ ଏହାର ପର୍ଦ୍ଦାଫାସ? ମୋହନ ସରକାର ଏଥିରେ କଣ ପଦକ୍ଷେପ ନେବେ, ସେଥି ପାଇଁ ସମସ୍ତଙ୍କ ଦୃଷ୍ଟି ରହିଛି।

### ପକ୍ସୋ ମାମଲାରେ ଦ୍ରୁତ ନ୍ୟାୟର ନୂଆ ଅଧ୍ୟାୟ

## ୪ ପୁରସ୍କାରରେ ସମ୍ମାନିତ ହେଲେ ରାଜୀବ ମହାନ୍ତି



**ଯାଜପୁର ଟାଉନ,୧୭।୪ (ସଂଚାର ବ୍ୟୁରୋ)ଃ** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ଏବଂ ପୂର୍ବତନ ସ୍ପେସାଲ୍ ପବ୍ଲିକ ପ୍ରୋସିକ୍ୟୁଟର ରାଜିବ ମହାନ୍ତି ପକ୍ସୋ ମାମଲାରେ ସରକାରୀ ପକ୍ଷରୁ ସୁଚାରୁ ରୂପେ ପରିଚାଳନା କରି ତ୍ୱରିତ ଦଣ୍ଡ ପ୍ରଦାନ ସୁନିଶ୍ଚିତ କରିଥିବାରୁ ରାଜ୍ୟରେ ସର୍ବାଧିକ ୪ଟି ପୁରସ୍କାର ଅର୍ଜନ କରିଛନ୍ତି। ଏହା ଯାଜପୁର ଜିଲ୍ଲା ପାଇଁ ଗର୍ବ ଓ ସମ୍ମାନର ମୁହୂର୍ତ୍ତ ହୋଇଛି। ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ, ୨୦୧୨ (ପୋକ୍ସ) ହେଉଛି ଏକ ବିଶେଷ ଆଇନ, ଯାହା ୧୮ ବର୍ଷ ତଳ ସମସ୍ତ ଶିଶୁମାନଙ୍କୁ ଯୌନ ନିର୍ଯାତନା, ଶୋଷଣ ଓ ଅପମାନରୁ ସୁରକ୍ଷା ପ୍ରଦାନ ପାଇଁ ପ୍ରଣୟନ କରାଯାଇଛି। ଏହି ଆଇନର କଠୋର ଓ ସଠିକ୍ ପ୍ରୟୋଗରେ ରାଜିବ ମହାନ୍ତିଙ୍କ ଭୂମିକା ଉଲ୍ଲେଖନୀୟ ରହିଛି।

ଓଡ଼ିଶା ପୁଲିସ୍ ଡିଜି ୱାଇ ବି ଖୁରାନିଆ ଏବଂ କ୍ରାଇମ୍ ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ହାତରୁ, ଭାରତୀୟ ନ୍ୟାୟ ସଂହିତା (ବି.ଏନ୍.ଏସ୍) ୨୦୨୩ ପରିବର୍ତ୍ତନ ପରେ ଆରମ୍ଭ ହୋଇଥିବା ବିଶେଷ ପ୍ରୟାସ ଅନୁସାରେ ସେ ଆଜି ପୋଲିସ ମୁଖ୍ୟାଳୟ ଠାରେ ଏହି ସମ୍ମାନ ପାଇଛନ୍ତି। ଓଡ଼ିଶାରେ ଯେକୌଣସି ପବ୍ଲିକ ପ୍ରସିକ୍ୟୁଟରଙ୍କ ମଧ୍ୟରୁ ସର୍ବାଧିକ ଶୀଘ୍ର ଦଣ୍ଡଦାନ ପୁରସ୍କାର ଲାଭ କରିଥିବା ରାଜିବ ମହାନ୍ତିଙ୍କ ପାଇଁ ଏହା ଏକ ଐତିହାସିକ ଓ ଗୌରବମୟ ମୁହୂର୍ତ୍ତ।

## ସ୍ତ୍ରୀ ଓ ପୁଅ ନିଖୋଜ, ଜିଲ୍ଲାପାଳଙ୍କୁ ଅଭିଯୋଗ



**ଢେଙ୍କାନାଳ, ୧୭।୪ (ସଂଚାର ବ୍ୟୁରୋ)ଃ** ମୋଟଙ୍ଗା ଥାନା ଅନ୍ତର୍ଗତ ବାଛୁରୀ ଗ୍ରାମର ରସାନନ୍ଦ ନାଏକଙ୍କ ପୁତ୍ର ସୁବାଷ ନାଏକ ତାଙ୍କ ସ୍ତ୍ରୀ ଓ ପୁଅର ନିଖୋଜକୁ ନେଇ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଜଣାଇଛନ୍ତି। ପ୍ରକାଶ ଯେ, ସୁବାଷ ଘରେ ନଥିବା ସମୟରେ ତାଙ୍କ ସ୍ତ୍ରୀ ରଶ୍ମିତା ନାଏକ (୩୩) ଗତ ତା.୧୪.୦୪.୨୦୨୬ରିଖି ଅପରାହ୍ନ ୪ ଘଟିକା ସମୟରେ ହିନ୍ଦୋଳ ରୋଡ ଯାଉଛି କହି ସାଙ୍ଗରେ ୮ବର୍ଷର ପୁଅଟିକୁ ଧରି ଯାଇଥିଲେ। ପୁଅର ନାମ ସୁବର୍ଣ୍ଣ ନାଏକ । ସନ୍ଧ୍ୟା ପରେ ରାତ୍ର ହେଲା ମଧ୍ୟ ଘରକୁ ନ ଫେରିବାରୁ ଘରଲୋକ ସେହି ଯାଗାକୁ ଯାଇ ଖୋଜାଖୋଜି କରିବା ସହିତ ବନ୍ଧୁବାନ୍ଧବ ଘରମାନଙ୍କୁ ମଧ୍ୟ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। କିନ୍ତୁ କୌଣସି ସନ୍ଧାନ ପାଇନଥିଲେ । ଏହି ବିଷୟକୁ ନେଇ ଥାନାରେ ଏକ ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ବିଚାର କରିନାହାଁନ୍ତି । ତେଣୁ ଏହି ଘଟଣାକୁ ତଦନ୍ତ କରି ସ୍ତ୍ରୀ ଓ ପୁଅକୁ ଖୋଜି ବାହାର କରିବା ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧ୍ୟକ୍ଷକଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଇଲେ ମୋ-୭୭୫୦୮୭୪୪୭୩, ୯୮୨୭୯୮୪୯୦୫ ନମ୍ବରରେ ଯୋଗାଯୋଗ କରିବା ପାଇଁ ସୁବାଷ ଅନୁରୋଧ କରିଛନ୍ତି ।

## ଜନଗଣନା ପାଇଁ ଘର ତାଲିକାକରଣ ଓ ନମ୍ବରିଂ ଶୁଭାରମ୍ଭ



**ବୋରିଗୁମ୍ମା,୧୭।୪ (ସଂଚାର ବ୍ୟୁର)ଃ** ବୁଧବାର ଠାରୁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ଜନଗଣନା ୨୦୨୭ର ପ୍ରାରମ୍ଭିକ ପର୍ଯ୍ୟାୟ "ଘର ତାଲିକାକରଣ ଓ ନମ୍ବରିଂ' କାର୍ଯ୍ୟ ଆରମ୍ଭ ହୋଇଛି। ସମସ୍ତ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମୟବଦ୍ଧ ଓ ନିଖୁଣ ଭାବରେ କାର୍ଯ୍ୟ ସମ୍ପାଦନ ପାଇଁ ବୋରିଗୁମ୍ମା ବ୍ଲକରେ ସମସ୍ତ ପ୍ରକାର ପ୍ରସ୍ତୁତି ଓ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୬ ଏପ୍ରିଲ୍ ଠାରୁ ୧୮ ଏପ୍ରିଲ୍ ପର୍ଯ୍ୟନ୍ତ ପ୍ରତିଘଣ୍ଟା ଆଧାରରେ ନମ୍ବରିଂ କରାଯାଇଥିବା ଘର ସଂଖ୍ୟା ସମ୍ବନ୍ଧୀୟ ତଥ୍ୟ ଜନଗଣନା ଜିଲ୍ଲା କାର୍ଯ୍ୟାଳୟ କୋରାପୁଟକୁ ପ୍ରେରଣ କରାଯାଉଛି। ଏହା ମାଧ୍ୟମରେ କାର୍ଯ୍ୟର ପ୍ରଗତିକୁ ନିୟମିତ ଭାବେ ମନିଟରିଂ କରାଯାଉଛି ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରଯାଉଛି। ଘର ନମ୍ବରିଂ କାର୍ଯ୍ୟ ସମୟରେ ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ କ୍ଷେତ୍ର ପ୍ରଦର୍ଶନ କରି ଜନ ଗଣନା କାର୍ଯ୍ୟର ନିରୀକ୍ଷଣ କରୁଛନ୍ତି।

## ବିଜେପିରେ ମିଶିଲେ ୯ ୱାର୍ଡ ସଭ୍ୟ



**ବାଲିଅନ୍ତା,୧୭।୪(ସଂଚାର ବ୍ୟୁରୋ)ଃ** ଆଜି ପୂର୍ବାହ୍ନରେ ଜୟଦେବ ବିଜେପିର ମିଶ୍ରଣ ପର୍ବ ଓ କର୍ମ ସମ୍ମିଳନୀ ବାଳକାଟି ମେଳଣ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ଡ଼ଃ ଅରବିନ୍ଦ ଢ଼ାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖୋର୍ଦ୍ଧା ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର,ଜଗନ୍ନାଥ ପ୍ରଧାନ ,ଭୁବନେଶ୍ୱର ଜିଲ୍ଲା ସାଂଗଠନିକ ଉପ ସଭାପତି ଜଗନ୍ନାଥ ବେହେରା , ବିଜେପି ନେତା ଦିଲିପ୍ କୁମାର ସ୍ୱାଇଁ. , କେଳୁ ଚରଣ ବେହେରା, ସଂପାଦିକା ଝିଲ୍ଲୀ ସାମନ୍ତରାୟ , ବାଳକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ , ପ୍ରଦୀପ୍ତ ମହାନ୍ତି ଓ ପବିତ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତାପଶାସନ ପଞ୍ଚାୟତର ୱାର୍ଡ଼ ସଭ୍ୟ ଦେବାଶିଷ ଦାଶଙ୍କ ନେତୃତ୍ୱରେ ୯ ଜଣ ୱାର୍ଡ଼ ସଭ୍ୟ/ ସଭ୍ୟା ବିଜେପିରେ ମିଶିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ମହାପାତ୍ର, ଓ ପୂର୍ବତନ ସମିତି ସଭ୍ୟ ନୟନା ବେହେରାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## କଂଗ୍ରେସ ଓ ଗ୍ୟାସ ଉପଭୋକ୍ତାଙ୍କ ପକ୍ଷରୁ ରାସ୍ତାରୋକ



**ନବରଙ୍ଗପୁର/ଉମରକୋଟ,୧୭।୪ (ସଂଚାର ବ୍ୟୁରୋ)ଃ** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ମେଡିକାଲ ଛକ ନିକଟରେ କଂଗ୍ରେସ ଓ ଗ୍ୟାସ ଉପଭୋକ୍ତାଙ୍କ ପକ୍ଷରୁ ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ। ଦୀର୍ଘ ଦିନ ହେଲା ଉପଭୋକ୍ତାଙ୍କୁ ଗ୍ୟାସ ମିଳୁ ନାହିଁ, ବୁକିଂ କରିବାର ୪୫ ଦିନ ପରେ ବୁକିଂ ହେଉଛି, ଅଧିକା ଦରରେ ଗ୍ୟାସ ଡେଲିଭର ବୟ ବିକ୍ରି କରୁଛନ୍ତି। ଦୀର୍ଘ ଦିନ ହେଲା ଉମରକୋଟ ସହରାଞ୍ଚଳ ଉପଭୋକ୍ତାଙ୍କୁ ଗ୍ରାମାଞ୍ଚଳରେ ଅନ୍ତର୍ଭୁକ୍ତ କରାଯାଇଛି ତେଣୁ ସହରାଞ୍ଚଳ ଉପଭୋକ୍ତାଙ୍କୁ ଠିକ ସମୟରେ ଗ୍ୟାସ ମିଳୁ ନାହିଁ। ଉମରକୋଟ ଗ୍ୟାସ ଉପଭୋକ୍ତାଙ୍କୁ ସହରାଞ୍ଚଳରେ ସାମିଲ କରିବା ପାଇଁ ରାସ୍ତା ରୋକ ଫଳରେ ନବରଙ୍ଗପୁର ଓ ଉମରକୋଟକୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଯେତେ ବେଳେ ପର୍ଯ୍ୟନ୍ତ ସହରାଞ୍ଚଳ ଗ୍ୟାସ ଉପଭୋକ୍ତାଙ୍କୁ ଗ୍ରାମାଞ୍ଚଳ ତାଲିକାରୁ ବାହାର କରି ସହରାଞ୍ଚଳରେ ସାମିଲ କରାଯିବ ନାହିଁ ରାସ୍ତା ରୋକରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

## ସୋଆ ପକ୍ଷରୁ ସିବିଏସଇ ଟପ୍ପର ଟିନା ଓ ଆଲିଶାଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୧୭।୪ (ସଂଚାର ବ୍ୟୁରୋ)ଃ** ସିବିଏସ୍ଇ ଦଶମ ପରୀକ୍ଷାରେ ଶତ ପ୍ରତିଶତ ମାର୍କ ରଖି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଥିବା ୨ଜଣ କୃତୀ ଛାତ୍ରୀଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଶୀର୍ଷ ସ୍ଥାନ ଅଧିକାର କରିଥିବା ଉଭୟ ଛାତ୍ରୀ- ପୁରୀ ମଦର୍ସ ପବ୍ଲିକ ସ୍କୁଲର ଟିନା ରଥ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆଲିଶା ବିଶ୍ୱାଳଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।

ଉଭୟ ଛାତ୍ରୀ ପରୀକ୍ଷାରେ ୫୦୦ରୁ ୫୦୦ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ କିଭଳି ଭାବରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ଓ ସେମାନଙ୍କର ଭବିଷ୍ୟତର ଲକ୍ଷ୍ୟ କ'ଣ ସେ ନେଇ କୁଳପତି ଉଭୟ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ସଫଳତାକୁ ନେଇ ଭବିଷ୍ୟତରେ ସେମାନେ କିଭଳି ଆଗକୁ ବଢ଼ିବେ ସେ ସମ୍ପର୍କରେ କୁଳପତି ପ୍ରଫେସର ନନ୍ଦ ମଧ୍ୟ ସେମାନଙ୍କୁ ପରାମର୍ଶ ଦେଇଥିଲେ।

ଟିନା ଭଲ ପାଠ ପଢ଼ିବା ସହ ଭାରତନାଟ୍ୟମ୍ ଭଳି ଶାସ୍ତ୍ରୀୟ ନୃତ୍ୟରେ ମଧ୍ୟ ବେଶ୍ ପାରଙ୍ଗମ। ସେହିପରି ସେ ମଧ୍ୟ ଜଣେ ଭଲ ଚିତ୍ରଶିଳ୍ପୀ। ଭବିଷ୍ୟତରେ ଟିନା ଜଣେ ହୃଦରୋଗ ବିଶେଷଜ୍ଞ ହେବାର ଲକ୍ଷ୍ୟ ରଖିଛନ୍ତି। ସେ ଦିନକୁ ୫ରୁ ୬ ଘଣ୍ଟା ପାଠ ପଢୁଥିଲେ ବୋଲି କହିଛନ୍ତି।

ସେହିଭଳି ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ରୀ ଆଲିଶା ବିଶ୍ୱାଳ କହିଥିଲେ ଯେ ଲକ୍ଷ୍ୟ ହାସଲ ପାଇଁ ପାଠ ପଢ଼ାର ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିବା ଆବଶ୍ୟକ। ଦିନକୁ ୩/୪ ଘଣ୍ଟା ପଢ଼ିବା ଓ ଲେଖିବା ଅଭ୍ୟାସ ସହ ସମୟ ପରିଚାଳନା ପାଇଁ ସ୍ୱତନ୍ତ୍ର ରୋଡ ମ୍ୟାପ କରିଥିବାରୁ ତାଙ୍କୁ ସଫଳତା ମିଳିପାରିଛି ବୋଲି ସେ କହିଛନ୍ତି। ଭବିଷ୍ୟତରେ ସେ ମଧ୍ୟ ଜଣେ ଡାକ୍ତର (ନ୍ୟୁରୋଲୋଜିଷ୍ଟ) ହେବାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଥିଲେ।

## କୁଲଡିହା ଅଭୟାରଣ୍ୟର ପୁନଃ ସୀମା ନିର୍ଦ୍ଧାରଣ ପାଇଁ ପ୍ରତିଶ୍ରୁତି



**ନୀଳଗିରି,୧୭।୪ (ସଂଚାର ବ୍ୟୁରୋ)ଃ** କୁଲଡିହା ଅଭୟାରଣ୍ୟ ମଧ୍ୟରେ ଜନବସତି, ସରକାରୀ ଅନୁଷ୍ଠାନ, ମନ୍ଦିର, ଡାକ୍ତରଖାନା, କମ୍ୟୁନିଟି ସେଣ୍ଟର ମାନ ରହିଛି। ଦୀର୍ଘ ଦିନରୁ ଲୋକମାନେ ବସବାସ କରି ଆସୁଛନ୍ତି। ପ୍ରଶାସନ ତରଫରୁ ଅଭୟାରଣ୍ୟ ମଧ୍ୟରେ ରହିବା ପାଇଁ ବିଭିନ୍ନ ପ୍ରକାର ତାଗିଦ କରାଯାଉଛି। ସେଥିପାଇଁ ଜନବସତି, ସରକାରୀ ଅନୁଷ୍ଠାନ, ମନ୍ଦିର, ଜଳସେଚନ ପ୍ରକଳ୍ପ, କମ୍ୟୁନିଟି ହଲ, ଡାକ୍ତରଖାନାକୁ ବାଦ ଦେଇ ସୀମା ନିର୍ଦ୍ଧାରଣ ପାଇଁ ମାନ୍ୟବର ଉଚ୍ଚନ୍ୟାୟାଳୟ ଓଡିଶା ପାଖରେ ଏକ ମୋକଦ୍ଦମା ସିପିଆଇ (ଏମ) ଦଳ ତରଫରୁ ଦାଏର୍ କରାଯାଇଥିଲା। ମାନ୍ୟବର ଉଚ୍ଚନ୍ୟାୟାଳୟ ୨୦୨୦ ମସିହାରେ ଜିଲ୍ଲାପାଳ ବାଲେଶ୍ୱରଙ୍କୁ ଉକ୍ତ ଘଟଣାକୁ ତଦନ୍ତ କରି ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଇ ଅନୁସାରେ ମକଦ୍ଦମାକାରୀଙ୍କ ତରଫରୁ ୨୦୨୦ ମସିହାରେ ଜବାବ ଦିଆଯାଇଥିଲା। ଏ ବାବଦରେ ସିପି ଆଇ (ଏମ)ଦଳ ତରଫରୁ ବହୁ ବାର ଆନ୍ଦୋଳନ କରାଯାଇଛି।

ଜିଲ୍ଲାପାଳ ବାଲେଶ୍ୱର ଚିଠି ନମ୍ବର ୨୯୭୫/୨୦୨୬ମୂଳେ ଆଜି ତା ୧୭ ରିଖ ଏପ୍ରିଲ ୨୦୨୬ରେ ମୋକଦ୍ଦମାକାରୀଙ୍କ ତରଫରୁ ଜବାବ ଦେବା ପାଇଁ ନୋଟିସ କରିଥିଲେ। ଉକ୍ତ କେସ ଲଢୁଥିବା ଓକିଲ କୃଷ୍ଣ ଚନ୍ଦ୍ର ନାୟକଙ୍କ ସମେତ ସମସ୍ତ ଦରଖାସ୍ତକାରୀ ଓ ପାର୍ଟିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଉପସ୍ଥିତ ରହି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳ ଉକ୍ତ ଦାବୀ ଯଥାର୍ଥ ବୋଲି ହୃଦୟଙ୍ଗମ କରିଥିଲେ। ଆସନ୍ତା ସୋମବାର ଉକ୍ତ ଅଞ୍ଚଳକୁ ଯାଇ ଘଟଣାକୁ ତଦନ୍ତ କରି ଅଭୟାରଣ୍ୟର ପୁନଃ ସୀମା ନିର୍ଦ୍ଧାରଣ ପାଇଁ ସ୍ଥିର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ




**ହିଞ୍ଜିଳିକାଟୁ,୧୭।୪ (ସଂଚାର ବ୍ୟୁରୋ)ଃ** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ହିଞ୍ଜିଳି ବ୍ଲକ ସମରଝୋଲ ଛକ ନିକଟରେ ନିର୍ବାଚନ ମଣ୍ଡଳୀର ନେତୃବୃନ୍ଦଙ୍କ ଗହଣରେ ପାଳିତ ହୋଇଯାଇଛି | ବିଜୁ ଜନତା ଦଳର କର୍ମୀ, ଛାତ୍ର, ଯୁବ, ମହିଳା, କର୍ମକର୍ତ୍ତା ଏବଂ ସଦସ୍ୟ ଏକତ୍ରିତ ହୋଇଥିଲେ। ଗଞ୍ଜାମ ଜିଲ୍ଲା ବିଜେଡ଼ି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଆସିକା ସାଂସଦ ପ୍ରାର୍ଥୀନୀ ରଂଜିତା ସାହୁ,ବରିଷ୍ଠ ନେତା ସୁରେନ୍ଦ୍ର ପ୍ରଧାନ, ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ,ପୌର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ,ଶେରଗଡ଼ ବ୍ଲକ ସଭାପତି ଶରତ ଚନ୍ଦ୍ର ପାତ୍ର ମଞ୍ଚାସୀନ ଥିଲେ। ଏଥିରେ ବିଜେଡ଼ିର ବହୁନେତା ସାମିଲ ହୋଇ ବିଜୁବାବୁଙ୍କ ଅବଦାନକୁ ସ୍ମରଣ କରିଥିଲେ। ତାଙ୍କରି ନୀତି ଓ ଆଦର୍ଶରେ ବିଜେଡ଼ି ଓଡ଼ିଶା ମାଟିର ସେବାରେ ସମର୍ପିତ ବୋଲି ବରିଷ୍ଠ ନେତୃବୃନ୍ଦ ମତ ରଖିଥିଲେ। ହିଞ୍ଜିଳି ବିଧାୟକଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ନଗର ସଭାପତି ହୃଦୟାନନ୍ଦ ମହାପାତ୍ର, ଯୁବ ନେତା ମନୋଜ ପୋଲାଇ, ଅଜୟ ମହାରଣା, ଚନ୍ଦନ ପାତ୍ର, ପ୍ୟାରୀ ପାଢ଼ୀ,ଭି. ରବୀନ୍ଦ୍ର, ନୀଳମଣି ପଟ୍ଟନାୟକ, ତରୁଣ ପଣ୍ଡା, ଛାତ୍ର ନେତା ଶିବା ପାତ୍ର, ପ୍ରଭାତ ମହାରଣା ଓ ମହିଳା ନେତ୍ରୀ ରଶ୍ମିତା ବେହେରା, ସଭ୍ୟା ନର୍ମଦା,ପ୍ରୀତି ସାହୁ, ପି ସୁଶୀଳା ପାତ୍ର ଓ ଦ୍ରୋପଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲ ଟପ୍ପର ଅଂଶୁମାନ ପାଢ଼ୀଙ୍କୁ ସମ୍ବର୍ଦ୍ଧନା



**ଯାଜପୁର ରୋଡ଼,୧୭।୪(ସଂଚାର ବ୍ୟୁରୋ)ଃ** ଯାଜପୁର ରୋଡ଼ସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ଚଳିତ ବର୍ଷର ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ଅଂଶୁମାନ ପାଢୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ପରୀକ୍ଷାରେ ଅଂଶୁମାନ ପାଢ଼ୀ ୯୬% ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଥିବାବେଳେ ଶିକ୍ଷକ ଦିପ୍ତୀରଂଜନ ନାୟକଙ୍କ ସମେତ ବିଦ୍ୟାଳୟ ଶିକ୍ଷକ ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାଜ ସମ୍ପାଦକ ତପନ କୁମାର ମିଶ୍ର ପୂର୍ବତନ ପୁଲିସ ଡିଜି ବିପିନ ବିହାରୀ ମିଶ୍ର, ଭୁବନେଶ୍ୱର ଏମ୍ସ ଡିନ ପ୍ରଫେସର ଡାକ୍ତର ଦିଲ୍ଲୀପ କୁମାର ପରିଡା, ବ୍ୟାସନଗର ପୌର ପରିଷଦ ପ୍ରାକ୍ତନ ଅଧ୍ୟକ୍ଷା ବନ୍ଦିତା ପରିଡା, ରାଜ୍ୟ ସାମ୍ବାଦିକ ସଂଘ ସଭାପତି କୈଳାଶ ଚନ୍ଦ୍ର ନାୟକ, ପିଟିଆଇ ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ, କେଜିଆଇର ଚେୟାରମ୍ୟାନ ଡ଼ଃ. ଆଲେକଜାଣ୍ଡାର ଦାସ,ବ୍ୟାସନଗର ପବ୍ଲିକ ସ୍କୁଲ ପ୍ରିନସିପାଲ ଡ଼ଃ. ଦେବସ୍ମିତା ସାହୁ, ଦେବ ଇଂଟରନେସନାଲ ସ୍କୁଲର ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣାଙ୍କ ସମେତ ବହୁ ବ୍ୟକ୍ତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ଅଂଶୁମାନ ବରିଷ୍ଠ ସାମ୍ବାଦିକ ଡ଼ଃ. ଚିନ୍ତାମଣି ପାଢ଼ୀ ଓ ସୁଧାରଣୀଙ୍କର କନିଷ୍ଠ ପୁତ୍ର ଅଟନ୍ତି।

## ଜିନ୍ଦଲ ଷ୍ଟେନଲେସର ଅଗ୍ନିଶମ ସେବା ସପ୍ତାହ ପାଳନ



**ଯାଜପୁର,୧୭।୪ (ସଂଚାର ବ୍ୟୁରୋ)ଃ** ସମାଜ କଲ୍ୟାଣ ଏବଂ ସାର୍ବଜନୀନ ସୁରକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଅଗ୍ନି ସେବା ସପ୍ତାହ ୨୦୨୬ର ଏକ ଅଂଶ ଭାବରେ ଦାନଗଦିସ୍ଥିତ ପିଏମ ଶ୍ରୀ ବୁଦ୍ଧ ରାଜା ସରକାରୀ ବିଦ୍ୟାପୀଠ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ଅଗ୍ନି ନିରାପତ୍ତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷର ବିଷୟବସ୍ତୁ, "ନିରାପଦ ସ୍କୁଲ, ନିରାପଦ ହସ୍ପିଟାଲ ଏବଂ ଅଗ୍ନି ନିରାପତ୍ତା ସଚେତନ ସମାଜ - ଅଗ୍ନି ନିବାରଣ ପାଇଁ ଏକାଠି" ଅନୁରୂପ ଏହି ପଦକ୍ଷେପ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସ୍କୁଲ କର୍ମଚାରୀଙ୍କ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀମାନଙ୍କ ମଧ୍ୟରେ ଅଗ୍ନି ପ୍ରସ୍ତୁତି ଏବଂ ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା ପାଇଁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୁଦ୍ଧ ରାଜା ସରକାରୀ ବିଦ୍ୟାପୀଠରୁ ମୋଟ ୪୬୦ଜଣ ଛାତ୍ରଛାତ୍ରୀ ଓ ମେଡ଼ିକାଲର ସମସ୍ତ କର୍ମଚାରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

ତାଲିମ ସମୟରେ ସ୍କୁଲ ଓ ହସ୍ପିଟଲ ଗୁଡ଼ିକରେ ଅଗ୍ନିକାଣ୍ଡ ଘଟଣାର ସାଧାରଣ କାରଣ, ପ୍ରଭାବଶାଳୀ ଅଗ୍ନି ନିବାରଣ ପଦକ୍ଷେପ, ଅଗ୍ନି ନିରାପତ୍ତା ପାଇଁ କ'ଣ କରିବା ଏବଂ କ'ଣ ନକରିବା, ଅଗ୍ନି ଦୁର୍ଘଟଣା ସମୟରେ ସୁରକ୍ଷିତ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରକ୍ରିୟା ଏବଂ ସ୍ଥାନାନ୍ତର ପଦ୍ଧତି ଭଳି ମୁଖ୍ୟ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା କରାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା।

ପ୍ରଶିକ୍ଷଣ ଅଧିବେଶନର ନେତୃତ୍ୱ ଅଗ୍ନି ଏବଂ ଜରୁରୀକାଳୀନ ସେବା, ଉତ୍ସର୍ଗୀକୃତ ଜିନ୍ଦଲ ଷ୍ଟେନଲେସ୍ ଅଗ୍ନିଶମ ସେବା ଦଳ ଏବଂ ସିଏସ୍ଆର ଦଳ ନେଇଥିଲେ। ତାଲିମ ପରେ, ମୁଖ୍ୟ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏକ ପାରସ୍ପରିକ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ଅଗ୍ନି ନିରାପତ୍ତା ଅଭ୍ୟାସ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ମଧ୍ୟ ବଣ୍ଟନ କରାଯାଇଥିଲା।

### ଆରମ୍ଭ ହେଲା ନୂଆ ଶିକ୍ଷାବର୍ଷ

## ପିଲାଙ୍କ ବ୍ୟାଗ କଟକଣା ବାଟବଣା



**କାକଟପୁର/ଅସ୍ତରଙ୍ଗ,୧୭।୪ (ସଂଚାର ବ୍ୟୁରୋ)ଃ** ଆରମ୍ଭ ହେଲା ନୂଆ ଶିକ୍ଷାବର୍ଷ। ସକାଳୁଆ ସ୍କୁଲ ହେଲେ ପାଳନ ହେଉନି ପିଲାଙ୍କ ସ୍କୁଲ ବ୍ୟାଗ ନିୟମ। କେବେ ପାଳନ ହେବ ସରକାରଙ୍କ ନିୟମ। କେବେ ପିଲାଙ୍କ ସ୍କୁଲ ବ୍ୟାଗ ଓଜନ କମିବ ଏ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି।

ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୨୦୧୯ବର୍ଷ ନୂତନ ଶିକ୍ଷାବର୍ଷରୁ ଏହା ପାଳନ ହେବା କଥା। କିନ୍ତୁ ସେତେବେଳେ ବ୍ୟାଗ କଟକଣା ପାଳିତ ହୋଇ ପାରିନଥିଲା ଓ ପରବର୍ତ୍ତୀ ସମୟରେ କୋଭିଡ ୧୯ଯୋଗୁଁ ପୂରା ୨ବର୍ଷ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ୨୦୨୪-୨୫ରେ ବି ପାଳନ ହେଲା ନାହିଁ। ଏବେ ୨୦୨୬ରେ ଶିକ୍ଷାନୁଷ୍ଠାନ ଖୋଲିଲା ସତ କିନ୍ତୁ ପିଲାଙ୍କ ବ୍ୟାଗ କଟକଣା ଉପରେ ସରକାର କୌଣସି ପଦକ୍ଷେପ ନ ନେବା ଅଭିଭାବକଙ୍କ ଚିନ୍ତାକୁ ଦ୍ୱିଗୁଣିତ କରି ପକାଇଛି। ଏହା ଏକ ପ୍ରହସନ ବୋଲି ବହୁ ଅଭିଭାବକ ଅଭିଯୋଗ କରୁଛନ୍ତି।

ତେବେ ୨୦୧୯ ମାର୍ଚ୍ଚ ୮ତାରିଖ ଗାଇଡି ଲାଇନ ଅନୁସାରେ ପିଲାଙ୍କ ସ୍କୁଲ ବ୍ୟାଗ ପରିବହନ ନିୟମକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଆଜି ଯାଏଁ ତାହା କାର୍ଯ୍ୟକାରୀ ହେଲା ନାହିଁ। ଗାଇଡି ଲାଇନ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବ୍ୟାଗର ଓଜନ ୧.୫କେଜି ରଖା ଯାଇଥିବା ବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀର ପିଲାଙ୍କ ପାଇଁ ୨କେଜିରୁ ୩କେଜି ଷଷ୍ଠ ଓ ସପ୍ତମ ଶ୍ରେଣୀର ପିଲାଙ୍କ ପାଇଁ ୪କେଜି ୮ମ ଓ ୯ମ୍ ଶ୍ରେଣୀର ପିଲାଙ୍କ ପାଇଁ ୪.୫କେଜି ଓ ୧୦ମ୍ ଶ୍ରେଣୀ ପିଲାଙ୍କ ପାଇଁ ୫କେଜି ଓଜନର ବ୍ୟାଗ ବ୍ୟବହୃତ କରିପାରିବେ। ଏହା ଠାରୁ ଅଧିକ ଓଜନର ବ୍ୟାଗ ନେବା ପାଇଁ କଟକଣା ଜାରୀ କରାଯାଇଛି।

ଏହି ନିୟମ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମେତ ଆଖ ପାଖ ବ୍ଲକରେ କାର୍ଯ୍ୟକାରୀ ହୋଇପାରି ନାହିଁ। ଏଠାରେ ସରକାରୀ ସ୍କୁଲ ବ୍ୟତୀତ ସ୍ଥାନୀୟ ଅଞ୍ଚଳରୁ ବହୁ ପିଲା ପ୍ରାଇଭେଟ ସ୍କୁଲକୁ ପଢ଼ିବା ପାଇଁ ଯାଉଛନ୍ତି। ଏଥିରେ ପଢ଼ା ଖର୍ଚ୍ଚ ଅଧିକ ହେବା ଯେତିକି ବାଧୁ ନାହିଁ ପିଲାଙ୍କ ଓଜନଦାର ବହି ଭର୍ତ୍ତି ବ୍ୟାଗ ନେଇଯିବା ଅଧିକ କଷ୍ଟ ଦେଉଛି ବୋଲି ବହୁ ଅଭିଭାବକ ମତ ବ୍ୟକ୍ତ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

## ବିଜେଡି ପକ୍ଷରୁ ବିଜୁ ଶ୍ରାଦ୍ଧବାର୍ଷିକୀ ପାଳିତ



**ସତ୍ୟବାଦୀ,୧୭।୪ (ସଂଚାର ବ୍ୟୁରୋ)ଃ** ପ୍ରବାଦ ପୁରୁଷ, ମହାନ ଜନନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦେଶର ବରପୁତ୍ର, ଓଡ଼ିଶା ବିକାଶର ଅନନ୍ୟ ସମ୍ପତି ତଥା ଓଡ଼ିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ସତ୍ୟବାଦୀ ବ୍ଲକର କାଦୁଆ ମେଳଣ ପଡ଼ିଆରେ ବିଜେଡି ଦଳ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୁରୀ ଜିଲ୍ଲା ବିଜେଡି ଦଳର ସଭାପତି ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ଯବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ ମହୁରା ପଞ୍ଚାୟତ ସମିତି ସଭ୍ୟ ତଥା ସତ୍ୟବାଦୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ନରେନ୍ଦ୍ର ପୁର ସରପଞ୍ଚ ଗୌରାଙ୍ଗ ମଳିକ, ବିଦ୍ୟାଧର ପୁରୀ ସରପଞ୍ଚ ଦୁଃଶାସନ ପ୍ରଧାନ, ପେଣ୍ଠପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ମହାପାତ୍ର, ଶୁକ୍ଳ ସମିତିସଭ୍ୟ ବସନ୍ତ ପ୍ରଧାନଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସଭ୍ୟା ଓ ବିଜୁ ପ୍ରେମୀ ଯୋଗ ଦେଇଥିଲେ।



# ବିଶ୍ୱର ସର୍ବାଧିକ ମାଇଲେଜ୍ ଦେଉଥିବା ହାଇବ୍ରିଡ୍ କାର୍

## ୧ ଲିଟରରେ ଚାଲିବ ୪୫ କିଲୋମିଟର



ନୂଆଦିଲ୍ଲୀ, ୧୭।୪: କାର୍ ଲଭର୍ସଙ୍କ ପାଇଁ ଆସିଲା ବଢ଼ିଆ ଖବର। ଏବେ କାର ପ୍ରେମୀମାନେ ଅଚିନ୍ତାରେ କରିପାରିବେ ଅଧିକ ବାଟ ଯାତ୍ରା। ସାମ୍ନାକୁ ଆସିଲା ଏକ ପାୱାରଫୁଲ୍ କାର୍। ଯାହା ଦୁନିଆର ସବୁଠାରୁ ଅଧିକ ମାଇଲେଜ୍ ଦେଉଥିବା ହାଇବ୍ରିଡ୍ କାର୍। ଏଥିସହ କାର ଚଲାଇବାର ଏକ୍ସପ୍ରିୟେନ୍ସକୁ ଉନ୍ନତ କରିବ। ତେବେ ଆସନ୍ତୁ ଜାଣିବା ଏହି ପାୱାରଫୁଲ୍ କାରର ସମ୍ପୂର୍ଣ୍ଣ ଡିଟେଲ୍ସ।

ବିଶ୍ୱରେ ଅଟୋମୋବାଇଲ ଇଣ୍ଡଷ୍ଟ୍ରି ବହୁତ୍ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। କମ୍ପାନୀଗୁଡ଼ିକ ଏବେ କେବଳ ପାୱାର କିମ୍ବା ଡିଜାଇନ୍ ଉପରେ ଫୋକସ୍ କରୁନାହାଁନ୍ତି, ବରଂ ଅଧିକ ମାଇଲେଜ୍ ଏବଂ କମ ଫ୍ୟୁଏଲ ବ୍ୟବହାର ପ୍ରଦାନ କରୁଥିବା ଟେକ୍ନୋଲୋଜି ଉପରେ ଧ୍ୟାନ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ, ଚୀନ୍ ଅଟୋମୋବାଇଲ ମେକର Geely ଏକ ନୂଆ ଏଆଇ-ବେସ୍ଡ ହାଇବ୍ରିଡ୍ ଟେକ୍ନୋଲୋଜି ଉପସ୍ଥାପନ କରିଛି, ଯାହା ଫ୍ୟୁଏଲ ଏଫିସିଏନ୍ସି ପାଇଁ ଏକ ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଏଥିସହ ଏହାର ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ପଞ୍ଜିକୃତ କରାଯାଇଛି। ଏହି ନୂଆ ଟେକ୍ନୋଲୋଜିକୁ ଆଇ-ଏଚଇଭି (ଇଣ୍ଟେଲିଜେଣ୍ଟ ହାଇବ୍ରିଡ୍ ଇଲେକ୍ଟ୍ରିକ୍ ଭେଇକିଲ୍) ସିଷ୍ଟମ୍ କୁହାଯାଏ। ରିପୋର୍ଟ ଅନୁଯାୟୀ, ଏହି ସିଷ୍ଟମ୍ ସହିତ ଲେସ୍ ଏକ କାର ପ୍ରାୟ ୧୦୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ମାତ୍ର ୨.୨୨ ଲିଟର ପେଟ୍ରୋଲ ବ୍ୟବହାର କରିଥିଲା, ଅର୍ଥାତ୍ ଏହା ପ୍ରତି ଲିଟରରେ ୪୫ କିଲୋମିଟରରୁ ଅଧିକ ମାଇଲେଜ୍ ପ୍ରଦାନ କରେ। ଏହି ଟେକ୍ନୋଲୋଜିର ଖାସ୍ କଥା ହେଉଛି, ଏଥିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର ବ୍ୟବହାର କରାଯାଇଛି। ଏହି ଏଆଇ ସିଷ୍ଟମ ନିରନ୍ତର କାରର ଚାଳନା ଅବସ୍ଥା ଉପରେ ନଜର ରଖେ - ଯେପରିକି ରାସ୍ତା ଅବସ୍ଥା, ଟ୍ରାଫିକ ସ୍ତର, ପାଣିପାଗ ପରିସ୍ଥିତି ଏବଂ ଡ୍ରାଇଭର କିପରି ଚାଲଉଛି। ଏହି ସମସ୍ତ ସୂଚନା ଆଧାରରେ, ଏହି ସିଷ୍ଟମ ଅଟୋମେଟିକ୍ ଭାବରେ ନିର୍ଣ୍ଣୟ କରେ ଯେ କାରକୁ କେବେ ଇଲେକ୍ଟ୍ରିକ୍ ମୋଡ୍, କେବେ ହାଇବ୍ରିଡ୍ ମୋଡ୍ ଏବଂ କେବେ ପେଟ୍ରୋଲ ଇଞ୍ଜିନରେ ବ୍ୟବହାର କରାଯିବ। ଏଥିସହ ଜାଣିରଖନ୍ତୁ ଯେ, ଏହା ଫ୍ୟୁଏଲ୍ ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରେ ଏବଂ କାରକୁ ଅଧିକ ସ୍ମାର୍ଟ ଚାଳନ କରିଥାଏ। ଏହି ଆଇ-ଏଚଇଭି ସିଷ୍ଟମ କେବଳ ମାଇଲେଜ୍ ଉପରେ ନୁହେଁ ବରଂ ପରଫରମାନ୍ସ ଉପରେ ମଧ୍ୟ ଧ୍ୟାନ ଦିଏ। ଏଥିରେ ଇଲେକ୍ଟ୍ରିକ୍ ମୋଟର ଏବଂ ପେଟ୍ରୋଲ ଇଞ୍ଜିନ ଉଭୟକୁ ବ୍ୟବହାର କରାଯାଏ, ଯେଉଁଥିରେ ଡ୍ରାଇଭିଂ ସ୍ମୁଥ୍ ରହିଥାଏ ଏବଂ ଆବଶ୍ୟକ ସମୟରେ ଭଲ ପାୱାର ମଧ୍ୟ ପ୍ରଦାନ କରେ।

କମ୍ପାନୀ ଦାବି କରୁଛି ଯେ ଏହି ଟେକ୍ନୋଲୋଜି ପୁରୁଣା ହାଇବ୍ରିଡ୍ ସିଷ୍ଟମ ତୁଳନାରେ ପ୍ରାୟ ୧୦% ଅଧିକ ଏଫିସିଏଣ୍ଟ। ଏହି ସିଷ୍ଟମକୁ ଏପରି ଭାରେ ଡିଜାଇନ କରାଯାଇଛି ଯେ, ଭବିଷ୍ୟତରେ ଏହି କମ୍ପାନୀକୁ ବିଭିନ୍ନ କାର୍ ଭଳି ସେଡାନ୍ ଏବଂ ଏସୟୁଭି ମଡେଲରେ ବ୍ୟବହାର କରଯିବ। ଏହାର ଲକ୍ଷ୍ୟ ହେଉଛି ହାଇବ୍ରିଡ୍ ସେଗମେଣ୍ଟରେ ବଡ଼ କମ୍ପାନୀ ସହିତ ଟକ୍କର କରିବା ଏବଂ ବଜାରକୁ ଅଧିକ ଶସ୍ତା ଟେକ୍ନୋଲୋଜି ଆଣିବା। ଗିଲିର ଏଆଇ-ବେସ୍ଡ ହାଇବ୍ରିଡ୍ ଟେକ୍ନୋଲୋଜିକୁ କାର ଇଣ୍ଡଷ୍ଟ୍ରିରେ ଏକ ବଡ଼ ପରିବର୍ତ୍ତନକାରୀ ଭାବରେ ବିବେଚନା କରାଯାଏ। ଏହା କେବଳ କମ୍ ଫ୍ୟୁଏଲରେ ଅଧିକ ଦୂରତା ଯାତ୍ରା କରିବାର କ୍ଷମତା ପ୍ରଦାନ କରେ ନାହିଁ, ବରଂ ସ୍ମାର୍ଟ ସିଷ୍ଟମ ସାହାଯ୍ୟରେ ଗାଡି ଚାଳନାକୁ ଅଧିକ ମର୍ଡନ, ସହଜ ଏବଂ ଆର୍ଥିକ ପ୍ରଦାନ କରିଥାଏ। ଏଥିସହ ଯଦି ଆପଣ ଏକ ପାୱାରଫୁଲ୍ କାର ଆଣିବାକୁ ଚାହୁଁଛନ୍ତି, ତେବେ ଏହି କାର ଆପଣମାନଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରିବ।

# ହଠାତ କମିଗଲା ସୁନା ଓ ରୁପା ଦର

ନୂଆଦିଲ୍ଲୀ, ୧୭।୪: ଗତ ଦୁଇ ଦିନ ଧରି ଲଗାତର ବଢ଼ିବା ପରେ ଆଜି ହଠାତ୍ ତଳକୁ ଖସିଛି ସୁନା ଓ ରୁପା ଦର। ଇଣ୍ଡିଆ ବୁଲିୟନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (IBJA) ଅନୁଯାୟୀ, ଶୁକ୍ରବାର ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନା ୧,୭୪୮ଟଙ୍କା ହ୍ରାସ ପାଇ ୧.୫୧ ଲକ୍ଷ ଟଙ୍କା ହୋଇଛି। ଗତକାଲି ସୁନା ୧.୫୩ ଲକ୍ଷ ଟଙ୍କା ଥିଲା। ଶୁକ୍ରବାର ରୁପା ମୂଲ୍ୟରେ ମଧ୍ୟ ହ୍ରାସ ଘଟିଛି। ଏକ କିଲୋଗ୍ରାମ ରୁପା ମୂଲ୍ୟ ୩,୩୬୨ ଟଙ୍କା ହ୍ରାସ ପାଇ ବର୍ତ୍ତମାନ କେଜି ମୂଲ୍ୟ ୨.୪୮ ଲକ୍ଷ ଟଙ୍କାରେ ପହଞ୍ଚିଛି। ଗତକାଲି (ଏପ୍ରିଲ ୧୬) ରୁପା କେଜି ୨.୫୧ ଲକ୍ଷ ଟଙ୍କା ଥିଲା। ଆମେରିକା-ଇରାନ ଯୁଦ୍ଧ ଯୋଗୁ, ଗତ ୪୯ ଦିନରେ ସୁନା □୭,୭୩୯ ଟଙ୍କା ଏବଂ ରୁପା ୧୮,୭୭୦ ଟଙ୍କା ହ୍ରାସ ପାଇଛି। ଯୁଦ୍ଧ ଆରମ୍ଭ ହେବାର ପୂର୍ବ ଦିନ, ଅର୍ଥାତ୍ ଫେବୃଆରୀ ୨୭ ତାରିଖରେ ସୁନା □୧.୫୯ ଲକ୍ଷ/୧୦ ଗ୍ରାମ ଏବଂ ରୁପା □୨.୬୭ ଲକ୍ଷ/କେଜି ଥିଲା। ସୁନା ଅଲ୍ ଟାଇମ୍ ହାଇରୁ ୨୫ ହଜାର ଟଙ୍କା ଶସ୍ତା ହେଲାଣି। ଚଳିତ ବର୍ଷ ଆରମ୍ଭରେ ସୁନା ମୂଲ୍ୟ ଅଧିକ ଥିଲା, କିନ୍ତୁ ଲାଭ-ବୁକିଂ ଏବଂ ଇରାନ ଯୁଦ୍ଧ ଯୋଗୁ ଗତ କିଛି ସପ୍ତାହରେ ଏହା ହ୍ରାସ ପାଇଛି। ୨୦୨୫ ଡିସେମ୍ବର ୩୧ ତାରିଖରେ ୧୦ ଗ୍ରାମ ୨୪ କ୍ୟାରେଟ ସୁନା ଦାମ ଥିଲା ୧. ୩୩ ଲକ୍ଷ ଟଙ୍କା। କିନ୍ତୁ ୨୦୨୬ ଜାନୁଆରୀ ୨୯ ତାରିଖରେ ଏହା ୧.୭୬ ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା। ବର୍ତ୍ତମାନର ସ୍ଥିତି ଦେଖିଲେ ସୁନା ଅଲ୍ ଟାଇମ ହାଇରୁ ୨୫ ହଜାର ଟଙ୍କା ଶସ୍ତା ହୋଇ ୧୦ ଗ୍ରାମ ମୂଲ୍ୟ ୧.୫୧ ଲକ୍ଷ ଟଙ୍କା ଅଛି। ଚଳିତ ବର୍ଷ ରୁପା ଦର ସୁନା ଠାରୁ ଅଧିକ ଉପର ତଳ ହୋଇଛି। ଅଲ୍ ଟାଇମ୍ ହାଇରୁ ରୁପା ମୂଲ୍ୟ ମଧ୍ୟ ବହୁତ କମିଛି। ୨୦୨୫ ଡିସେମ୍ବର ୩୧ରେ ରୁପା ଦର ୨.୩୦ ଲକ୍ଷ ଟଙ୍କା ଥିଲା। ୨୦୨୬ ଜାନୁଆରୀ ୨୯ ତାରିଖରେ ଏହା ୩.୮୬ ଲକ୍ଷ ଟଙ୍କା ଅଲ୍ ଟାଇମ୍ ହାଇରେ ପହଞ୍ଚିଥିଲା। ତେବେ ଗତ ୭୮ ଦିନରେ ରୁପା ୧.୩୮ ଲକ୍ଷ ଟଙ୍କା ହ୍ରାସ ପାଇ ବର୍ତ୍ତମାନ କେଜି ୨.୪୮ ଲକ୍ଷ ଟଙ୍କ ହୋଇଛି।

# ଅକ୍ଷୟ ତୃତୀୟାରେ ୨ ଲକ୍ଷ ପହଞ୍ଚିବ ସୁନାଦର!

ନୂଆଦିଲ୍ଲୀ, ୧୬।୪: ଅକ୍ଷୟ ତୃତୀୟା ରବିବାର ପଡୁଛି। କିନ୍ତୁ, ଯଦି ଆପଣ ସୁନା କିଣିବାକୁ ଯୋଜନା କରୁଛନ୍ତି, ତେବେ ବଜାରରେ ସାମ୍ପ୍ରତିକ ମୂଲ୍ୟ ବୃଦ୍ଧି ଆପଣଙ୍କୁ ଚିନ୍ତାରେ ପକାଇପାରେ। ବିବାହ ଋତୁ ଆରମ୍ଭ ହେବା ସହିତ, ଭାରତୀୟ ସୁନା ବଜାରରେ ସୁନା ଏବଂ ରୂପା ମୂଲ୍ୟ ଆକାଶଛୁଆଁ ହୋଇଛି, ଯାହା ରକେଟ ପରି ଗତିରେ ଗତି ପାଇଛି। ଏପ୍ରିଲ ୧୫ ରେ, ଓଇଔଇ ସୁନା ମୂଲ୍ୟରେ ୩, ୦୦୦ ଏବଂ ରୂପା ମୂଲ୍ୟରେ ୧୨, ୦୦୦ ପର୍ଯ୍ୟନ୍ତ ଏକ ବଡ଼ ବୃଦ୍ଧି ରେକର୍ଡ କରିଛି। ୧୮-କ୍ୟାରେଟ ସୁନା: ୧୧୪, ୬୪୯ କୁ ବୃଦ୍ଧି ପାଇଛି, ଯାହା ୨, ୧୪୧ ବୃଦ୍ଧି ପାଇଛି। ରୂପା ୧୨, ୦୩୮ କୁ ଏକ ବଡ଼ ଲମ୍ଫ ମାରିଛି, ଯାହା ଏହାର ମୂଲ୍ୟ ପ୍ରତି କିଲୋଗ୍ରାମ ୨୪୯, ୦୧୯ କୁ ବୃଦ୍ଧି କରିଛି। ଆଶ୍ଚର୍ଯ୍ୟଜନକ ଭାବରେ, ଗତ ମାସ ମଧ୍ୟରେ ସୁନା ମୂଲ୍ୟ ପ୍ରାୟ ୩, ୫୭୧ ହ୍ରାସ ପାଇଥିଲା। ମାର୍ଚ୍ଚ ୧୬ ରେ, ୨୪ କ୍ୟାରେଟ ସୁନାର ମୂଲ୍ୟ ୧୫୬, ୪୩୬ ଥିଲା; କିନ୍ତୁ, ଆଗାମୀ ଅକ୍ଷୟ ତୃତୀୟା ଏବଂ ବିବାହ ଋତୁ ବଜାର ଧାରାଗୁଡ଼ିକୁ ସମ୍ପୂର୍ଣ୍ଣ ଓଲଟାଇ ଦେଇଛି। ରୂପା ମଧ୍ୟ ଯାହା ପୂର୍ବ ମାସ ତୁଳନାରେ ମାତ୍ର ୩୦୮ ର ସାମାନ୍ୟ ବୃଦ୍ଧି ପାଇଥିଲା। ଏବେ ଏକ ବଡ଼ ବୃଦ୍ଧିର ସଙ୍କେତ ଦେଖାଉଛି। ରିପୋର୍ଟ ଅନୁସାରେ, ଅଲ ଇଣ୍ଡିଆ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏସନ ର ସଭାପତି ଯୋଗେଶ ସିଂଘଲ ମୂଲ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପୂର୍ବାନୁମାନ କରିଛନ୍ତି। ତାଙ୍କ ଅନୁସାରେ, ଏପ୍ରିଲ ୧୫ ରେ ବିବାହ ଋତୁ ଆରମ୍ଭ ହେବା ଯୋଗୁଁ ଭୌତିକ ସୁନାର ଚାହିଦା ବୃଦ୍ଧି ପାଇଛି। ଏହି ପ୍ରବଳ ଚାହିଦା ଯୋଗୁଁ, ଏପ୍ରିଲ ୧୯ (ଅକ୍ଷୟ ତୃତୀୟା) ସୁଦ୍ଧା ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧୬୨, ୦୦୦ ଅତିକ୍ରମ କରିପାରେ। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଅକ୍ଷୟ ତୃତୀୟା ପୂର୍ବରୁ ଚାହିଦା କମିବାର କୌଣସି ସଙ୍କେତ ନାହିଁ। ଏପରି ପରିସ୍ଥିତିରେ, ବିବାହ ପାଇଁ କିଣାକାଟା କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ, ପ୍ରତ୍ୟେକ ଛୋଟ ହ୍ରାସରେ କିଣିବା ଏକ ବୁଦ୍ଧିମାନର ରଣନୀତି ହୋଇପାରେ। ତଥାପି, ଉଚ୍ଚ ମୂଲ୍ୟ ସ୍ତରରେ ଏକକାଳୀନ ନିବେଶ କରିବା ପରିବର୍ତ୍ତେ, କିସ୍ତିରେ (ଝଓଚ ମୋଡ ମାଧ୍ୟମରେ) କ୍ରୟ କରିବା ଏକ ଭଲ ବିକଳ୍ପ ପ୍ରମାଣିତ ହୋଇପାରେ।



# ରେକର୍ଡ ସ୍ତରରେ ଭାରତର ରପ୍ତାନି

ନୂଆଦିଲ୍ଲୀ, ୧୭।୪: ବିଶ୍ୱସ୍ତରୀୟ ଅନିଶ୍ଚିତତା ଏବଂ ଭୂ-ରାଜନୈତିକ ଉତ୍ତେଜନା ସତ୍ତ୍ୱେ ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତର ରପ୍ତାନି ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଏହି ବର୍ଷ ଦେଶର ମୋଟ ରପ୍ତାନି ୮୨୫.୨୬ ବିଲିୟନ ଡଲାରରେ ପହଞ୍ଚିଛି, ଯାହାକି ଏକ ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧିର ପ୍ରମାଣ। ଇଞ୍ଜିନିୟରିଂ ସାମଗ୍ରୀଠାରୁ ଆରମ୍ଭ କରି ଚାଉଳ ପର୍ଯ୍ୟନ୍ତ, ଦେଶର ରପ୍ତାନି ତାଲିକା ଭାରତର ଔଦ୍ୟୋଗିକ କ୍ଷମତା ଏବଂ କୃଷିଗତ ସମୃଦ୍ଧିକୁ ପ୍ରତିଫଳିତ କରୁଛି। ଚଳିତ ବର୍ଷ ଭାରତର ବାଣିଜ୍ୟକୁ ଆଗେଇ ନେଇଥିବା ଶ୍ରେଷ୍ଠ ୧୦ଟି ପ୍ରମୁଖ ରପ୍ତାନି ସାମଗ୍ରୀ ଉପରେ ଆସନ୍ତୁ ନଜର ପକାଇବା:

ଇଞ୍ଜିନିୟରିଂ ସାମଗ୍ରୀର ମୋଟ ରପ୍ତାନି ମୂଲ୍ୟ - ୧୦,୮୨,୭୨୯ କୋଟି ଟଙ୍କା। ଏଥିରେ ମେସିନାରୀ, ଅଟୋମୋବାଇଲ୍, ଅଟୋ ପାର୍ଟସ୍ ଏବଂ ଶିଳ୍ପ ଉପକରଣ ସାମିଲ ଅଛି। ବିଶ୍ୱସ୍ତରରେ ପ୍ରବଳ ଚାହିଦା ଏବଂ ଭାରତର ବଢ଼ୁଥିବା ଉତ୍ପାଦନ କ୍ଷମତା ଯୋଗୁଁ ଏହି କ୍ଷେତ୍ର ଶୀର୍ଷରେ ରହିଛି। ପେଟ୍ରୋଲିୟମ୍ ସାମଗ୍ରୀର ମୋଟ ରପ୍ତାନି ମୂଲ୍ୟ - ୪,୭୫,୧୨୫ କୋଟି ଟଙ୍କା। ବିଶୋଧିତ ପେଟ୍ରୋଲିୟମ୍ ସାମଗ୍ରୀ ଯେପରିକି ଡିଜେଲ ଏବଂ ପେଟ୍ରୋଲର ରପ୍ତାନି ଏକ ପ୍ରମୁଖ ଯୋଗଦାନକାରୀ ହୋଇ ରହିଛି।

ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ମୋଟ ରପ୍ତାନି ମୂଲ୍ୟ - ୪,୨୪,୧୨୨ କୋଟି ଟଙ୍କା। 'ମେକ୍ ଇନ୍ ଇଣ୍ଡିଆ' ଏବଂ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଯୋଗୁଁ ସ୍ମାର୍ଟଫୋନ୍ ଏବଂ ଇଲେକ୍ଟ୍ରୋନିକ୍ସ ଉପକରଣ ରପ୍ତାନିରେ ଦ୍ରୁତ ବୃଦ୍ଧି ଘଟିଛି। ଔଷଧ ଏବଂ ଫାର୍ମାସ୍ୟୁଟିକାଲ୍ସର ମୋଟ ରପ୍ତାନି ମୂଲ୍ୟ - ୨,୭୫,୦୭୭ କୋଟି ଟଙ୍କା। 'ବିଶ୍ୱର ଫାର୍ମାସି' ଭାବେ ପରିଚିତ ଭାରତ ବିପୁଳ ପରିମାଣରେ ଜେନେରିକ୍ ଔଷଧ ଏବଂ ଟିକା ରପ୍ତାନି କରି ବିଶ୍ୱ ସ୍ୱାସ୍ଥ୍ୟ ସେବାରେ ନିଜର ଗୁରୁତ୍ୱ ବଜାୟ ରଖିଛି।

ଜୈବିକ ଏବଂ ଅଜୈବିକ ରାସାୟନିକ ପଦାର୍ଥର ମୋଟ ରପ୍ତାନି ମୂଲ୍ୟ - ୨,୫୩,୫୯୧ କୋଟି ଟଙ୍କା। କୃଷି, ଉତ୍ପାଦନ ଏବଂ ଫାର୍ମା ଶିଳ୍ପରେ ବ୍ୟବହୃତ ହେଉଥିବା ଏହି ରାସାୟନିକ ପଦାର୍ଥଗୁଡ଼ିକର ବିଶ୍ୱସ୍ତରୀୟ ଚାହିଦା ବୃଦ୍ଧି ପାଇଛି। ମୂଲ୍ୟବାନ ପଥର ଏବଂ ଅଳଙ୍କାରର ମୋଟ ରପ୍ତାନି ମୂଲ୍ୟ - ୨,୪୯,୧୯୯ କୋଟି ଟଙ୍କା। ବିଶ୍ୱ ବଜାରରେ ଅସ୍ଥିରତା ସତ୍ତ୍ୱେ, କଟା ଯାଇଥିବା ହୀରା ଏବଂ ସୁନା ଅଳଙ୍କାର ରପ୍ତାନି କ୍ଷେତ୍ରରେ ଭାରତ ନିଜର ଆଧିପତ୍ୟ ଜାହିର କରିଛି। ପ୍ରସ୍ତୁତ ପୋଷାକର ମୋଟ ରପ୍ତାନି ମୂଲ୍ୟ - ୧,୩୯,୩୪୯ କୋଟି ଟଙ୍କା। ଭାରତର ଟେକ୍ସଟାଇଲ୍ ଶିଳ୍ପ ଆମେରିକା ଏବଂ ୟୁରୋପ ଭଳି ବଜାରକୁ ବିପୁଳ ପରିମାଣରେ ସିଲା ହୋଇଥିବା ସୂତା ଏବଂ ସିନ୍ଥେଟିକ୍ ପୋଷାକ ରପ୍ତାନି କରୁଛି।

କପା ସୂତା ଏବଂ ବସ୍ତ୍ରର ମୋଟ ରପ୍ତାନି ମୂଲ୍ୟ - ୧,୦୨,୩୯୯ କୋଟି ଟଙ୍କା। ଟେକ୍ସଟାଇଲ୍ ସେକ୍ଟର ସହ ଜଡ଼ିତ ଏହି ଶିଳ୍ପ, କଞ୍ଚାମାଲ ଏବଂ ଅର୍ଦ୍ଧ-ପ୍ରସ୍ତୁତ ବସ୍ତ୍ର ସାମଗ୍ରୀ ରପ୍ତାନିରେ ଭାରତର ଦକ୍ଷତା ପ୍ରମାଣିତ କରୁଛି।

ଚାଉଳର ମୋଟ ରପ୍ତାନି ମୂଲ୍ୟ - ୧,୦୨,୦୩୦ କୋଟି ଟଙ୍କା। ବିଶ୍ୱର ଅନ୍ୟତମ ବୃହତ୍ ଚାଉଳ ରପ୍ତାନିକାରୀ ଭାବେ ଭାରତ ଉଭୟ ବାସୁମତୀ ଏବଂ ଅଣ-ବାସୁମତୀ ଚାଉଳ ଯୋଗାଣ ଜାରି ରଖିଛି, ଯାହା ଦେଶର ମଜବୁତ କୃଷି ଭିତ୍ତିଭୂମିକୁ ଦର୍ଶାଉଛି। ସାମୁଦ୍ରିକ ଖାଦ୍ୟର ମୋଟ ରପ୍ତାନି ମୂଲ୍ୟ - ୭୪,୫୨୧ କୋଟି ଟଙ୍କା। ଚିଙ୍ଗୁଡ଼ି ଏବଂ ବିଭିନ୍ନ ପ୍ରକାର ମାଛ ସମେତ ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନି କ୍ଷେତ୍ର କ୍ରମାଗତ ଭାବେ ଆଗକୁ ବଢ଼ୁଛି।



# ମୁକେଶଙ୍କୁ ଟପିଲେ ଆଦାନୀ

ନୂଆଦିଲ୍ଲୀ, ୧୭।୪: ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଏସିଆର ନମ୍ବର ୱାନ ଧନୀ ହେଲେ ଆଦାନୀ ଗ୍ରୁପ ଚେୟାରମ୍ୟାନ୍ ଗୌତମ ଆଦାନୀ। ବ୍ଲୁମବର୍ଗ ବିଲିୟନେୟର୍ସ ଇଣ୍ଡେକ୍ସ ଅନୁଯାୟୀ, ଆଦାନୀଙ୍କ ସମ୍ପତ୍ତି ୯୨.୬ ଅରବ ଡଲାର ପ୍ରାୟ ୮.୫୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏପର୍ଯ୍ୟନ୍ତ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ଥିଲେ। ତାଙ୍କର ସମ୍ପତ୍ତି ୯୦.୮ ଅରବ ଡଲାର କିମ୍ବା ପ୍ରାୟ ୮.୪୨ ଲକ୍ଷ କୋଟି ଥିଲା। ହେଲେ ଏଥର ଗୌତମ ଆଦାନୀ ତାଙ୍କ ଠାରୁ ଆଗେଇ ଯାଇଛନ୍ତି। ଆଦାନୀଙ୍କ ନେଟୱର୍ଥରେ ୭୫ ହଜାର କୋଟି ବୃଦ୍ଧି। ଚଳିତ ବର୍ଷ ବର୍ଷ ଗୌତମ ଆଦାନୀଙ୍କ ସମ୍ପତ୍ତିରେ ୮.୧ ଅରବ ଡଲାର ବା ପ୍ରାୟ ୭୫.୧୧ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି। ଆଦାନୀ ଗ୍ରୁପର ଶେୟାରରେ ବୃଦ୍ଧି ଯୋଗୁ ତାଙ୍କ ସମ୍ପତ୍ତି ବଢ଼ିଛି। ଏହି ବର୍ଷ ମୁକେଶଙ୍କ ସମ୍ପତ୍ତି ୧୬.୯ ବିଲିୟନ ଡଲାର ପ୍ରାୟ ୧.୫୭ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେୟାରରେ ହ୍ରାସ ଏହାର ମୁଖ୍ୟ କାରଣ ଥିଲା। ଗୌତମ ଆଦାନୀଙ୍କ ସମ୍ପତ୍ତି ଗୋଟିଏ ଦିନରେ ୩.୫୬ ବିଲିୟନ ଡଲାର, ଭାରତୀୟ ମୁଦ୍ରାରେ ପ୍ରାୟ ୩୩.୦୧ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି। ଏହି ବଡ଼ ବୃଦ୍ଧି ଯୋଗୁ ସେ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇବାରେ ସଫଳ ହୋଇଛନ୍ତି। ଯଦିଓ ଅମ୍ବାନୀଙ୍କ ସମ୍ପତ୍ତି ମଧ୍ୟ $୭୬.୭ କୋଟି ଡଲାର ବା ୭୧୨ କୋଟି ଟଙ୍କା ବୃଦ୍ଧି ପାଇଛି, ତେବେ ଆଦାନୀଙ୍କ ସମ୍ପତ୍ତି ବୃଦ୍ଧି ଗତିଠାରୁ ଏହା ବହୁତ କମ। ଏଲନ୍ ମସ୍କ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ୬୫୬ ବିଲିୟନ ଡଲାର ବା ପ୍ରାୟ ୬୦ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହିତ ଶୀର୍ଷରେ ରହିଛନ୍ତି। ତାଙ୍କ ପରେ ଲାରି ପେଜ୍ ଦ୍ୱିତୀୟ ସ୍ଥାନରେ ଏବଂ ଜେଫ୍ ବେଜୋସ୍ ତୃତୀୟ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ଦଶ ଧନୀଙ୍କ ତାଲିକାରେ କୌଣସି ଭାରତୀୟଙ୍କ ନାଁ ସାମିଲ ନାହିଁ। ଏହା ବିଶ୍ୱର ସବୁଠାରୁ ଧନୀ ଲୋକଙ୍କ ନେଟ୍ ସମ୍ପତ୍ତିକୁ ଟ୍ରାକ୍ କରୁଥିବା ଏକ ଡେଲି ଇଣ୍ଡେକ୍ସ। ନ୍ୟୁୟର୍କରେ ପ୍ରତ୍ୟେକ ବ୍ୟବସାୟିକ ଦିନର ଶେଷ ସମୟରେ ତଥ୍ୟ ଅପଡେଟ୍ କରାଯାଏ। କମ୍ପାନୀ ଏବଂ ଅନ୍ୟାନ୍ୟ ସାର୍ବଜନୀନ ହୋଲ୍ଡିଂଗୁଡ଼ିକର ଷ୍ଟକ୍ ମୂଲ୍ୟ ଉପରେ ଆଧାର କରି ନେଟ୍ ମୂଲ୍ୟ ଗଣନା କରାଯାଏ। କାରଣ ଏହା ବଜାର ଦ୍ୱାରା ଚାଳିତ ହୋଇଥାଏ। ଷ୍ଟକ୍ ମୂଲ୍ୟ ହ୍ରାସ ସହିତ ରାଙ୍କିଂ ପରିବର୍ତ୍ତନ ହୋଇପାରେ।





# ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ନୀଳଗିରି,୧୭।୪ (ସଂଚାର ବ୍ୟୁରୋ): ନୀଳଗିରି ଥାନା ଅଧିନ ଦକ୍ଷିଣନରସିଂହପୁର ପଞ୍ଚାୟତ ବଣଖଣ୍ଡ ଗ୍ରାମ ପାଣି ଟାଙ୍କି ଠାରେ ଏକ ଗଛରେ ଜୈନିକ ଯୁବକଙ୍କ ବେକରେ ରଶି ରେ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ରେମୁଣା ଥାନା ନାଗ ପାଟଣା ଗ୍ରାମର ରବୀନ୍ଦ୍ର ସିଂ ଙ୍କ ପୁଅ ଅଜୟ ସିଂ (୨୪)। ଆଜି ସକାଳେ ବଣଖଣ୍ଡ ଗ୍ରାମର କିଛି ଲୋକ ପାଣି ଟାଙ୍କି ପାଖ ଏକ ଗଛରେ ମୃତ ଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ପାଖରେ ଓଡି ୦୧ଏକ୍ସ୍ ୮୫୭୭ ନମ୍ବର ବିଶିଷ୍ଟ ଧଳା ରଙ୍ଗର ବଜାଜ ପଲସର ବାଇକ ପଡିଥିବାର ଦେଖିବାକୁ ମିଳିଥିଲା। ନୀଳଗିରି ପୋଲିସ ଖବର ପାଇ ଅଜୟ ଙ୍କୁ ନୀଳଗିରି ମେଡିକାଲକୁ ନେଇଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବାଇକ କୁ ଜବତ କରିଥିବା ଜଣା ପଡ଼ିଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

## ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟର ଖାଦ୍ୟ ନିରାପତ୍ତା ସମୀକ୍ଷା କଲେ ଜିଲ୍ଲାପାଳ

# ଖିଲାପକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ବାରିପଦା,୧୭।୪ (ସଂଚାର ବ୍ୟୁରୋ): ଜିଲ୍ଲାର ବିଭିନ୍ନ ସେବାଶ୍ରମ ଓ ଆଶ୍ରମ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ସୁଷମ ଖାଦ୍ୟ ପ୍ରଦାନ କରିବାକୁ ସୁନିଶ୍ଚିତ କରାଯିବା ନିର୍ଦ୍ଧାରିତ ଖାଦ୍ୟ ସୂଚୀ ଅନୁଯାୟୀ ସ୍ୱଚ୍ଛ ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେବା ଏହାସହ ଛାତ୍ରଛାତ୍ରୀଙ୍କୁ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବାକୁ ନିଶ୍ଚିତ କରାଯିବ। ସେବାଶ୍ରମ ଓ ଆଶ୍ରମ ସ୍କୁଲରେ ଉତ୍ତମ ପୋଷଣ ବ୍ୟବସ୍ଥାକୁ ସମୀକ୍ଷା କରିବା ଅବସରରେ ଆଜି ଜିଲ୍ଲାପାଳ ହେମକାନ୍ତ ସୟ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓ୍ୱାର୍ ହଲ୍‌ରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଯୋଗଦେଇ ଜିଲ୍ଲାର ସମସ୍ତ ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟର ଖାଦ୍ୟ ବଣ୍ଟନ ପ୍ରକ୍ରିୟା, ସ୍ୱଚ୍ଛତା ଓ ପରିମଳ ସମ୍ପର୍କରେ ସମୀକ୍ଷା କରିଛନ୍ତି।




ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ସରକାରୀ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ସେବାଶ୍ରମ, ଆଶ୍ରମ, ଆଇଟିଡିଏ ଓ ଅନ୍ୟ ସମସ୍ତ ଛାତ୍ରୀନିବାସ ବା ଛାତ୍ରନିବାସରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ଅସୁବିଧା ନିରୀକ୍ଷଣ କରିବାକୁ ନିୟମିତ ପରିଦର୍ଶନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ସୟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏନେଇ ମଧ୍ୟ ନିର୍ଦ୍ଦେଶ ଦେଇଥିବାବେଳେ ଏହାର ଅନୁପାଳନ ସମ୍ପର୍କରେ ରିପୋର୍ଟ ନେଇଛନ୍ତି। କୌଣସି ବିଦ୍ୟାଳୟରେ ଏହାକୁ ଅନୁପାଳନ କରାଯାଉ ନଥିଲେ, ଖିଲାପକାରୀ ପ୍ରଧାନଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷାରେ ସାମାନ୍ୟତମ ଅବହେଳା ମଧ୍ୟ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟ ଚେତାଇ ଦେଇଛନ୍ତି।

ଏହି ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ଈଶ୍ୱର ଚନ୍ଦ୍ର ନାଏକ, ପ୍ରକଳ୍ପ ଅଧିକାରୀ ବାରିପଦା ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ।

## ଅଗ୍ନିଶମ ବିଭାଗ ତରଫରୁ ଅଗ୍ନିଶମ ସପ୍ତାହ ପାଳନ



ଯାଜପୁର ରୋଡ଼,୧୭।୪(ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରତେକ ଅଗ୍ନିଶମ କେନ୍ଦ୍ରରେ ଏପ୍ରିଲ ୧୪ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଯାଜପୁର ରୋଡ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ଅଧିକାରୀ ଶ୍ରୀ ତାପସ ମନ୍ତ୍ରୀ'ଙ୍କ ନେତୃତ୍ୱରେ ସହରର ବ୍ୟାଙ୍କ ଷ୍ଟ୍ରିଟ ସ୍ଥିତ କ୍ରିଷ୍ଣା ଚକ୍ଷୁ ହସ୍ପିଟାଲରେ ଆଜି ଏକ ଅଗ୍ନି ସଚେତନତା କାର୍ଯ୍ୟକ୍ରମ କରିବା ସହ ଷ୍ଟାଫ ମାନଙ୍କୁ ଅଗ୍ନିଜନିତ ବିପଦ ସମୟରେ କିଭଳି ନିଜକୁ ସୁରକ୍ଷିତ ରଖିବା ସହ ନିଆଁକୁ ଆୟତ କରିପାରିବେ ଓ ଅନ୍ୟ ମାନଙ୍କୁ କିଭଳି ବିପଦରୁ ମୁକ୍ତି କରାଇପାରିବେ ସେ ବିଷୟରେ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ସୁରକ୍ଷିତ ବିଦ୍ୟାଳୟ, ସୁରକ୍ଷିତ ଡାକ୍ତରଖାନା, ସୁରକ୍ଷିତ ବ୍ୟବସାୟ ପ୍ରତିଷ୍ଠାନ ଏବଂ ଅଗ୍ନି ସୁରକ୍ଷା ନିମନ୍ତେ ସମାଜରେ ସମସ୍ତେ ସଚେତନ ହେବା ଏବଂ ଏକତ୍ରିତ ହୋଇ ଅଗ୍ନି ନିରାପର୍ତା ପଦ୍ଧତିକୁ ଆପଣେଇ ସୁରକ୍ଷିତ ରହିବା ପାଇଁ ଅଗ୍ନିଶମ ଅଧିକାରୀ ଶ୍ରୀମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ କ୍ରିଷ୍ଣା ଚକ୍ଷୁ ହସ୍ପିଟାଲର ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା'ଙ୍କ ସମେତ ଅଗ୍ନିଶମ ବିଭାଗର କର୍ମଚାରୀ ଓ ମେଡିକାଲ ଷ୍ଟାଫ ମାନେ ଉପସ୍ଥିତ ରହିଥିଲେ।

## ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ଉତ୍ସବ



ଡେରାବିଶ,୧୭।୪(ସଂଚାର ବ୍ୟୁରୋ):ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖାନନଗର ସ୍ଥିତ ଓଡ଼ିଶାର ଦ୍ୱିତୀୟ ଯୋରନ୍ଦା ଭାବେ ପରିଚିତ ମହିମା ଆଶ୍ରମରେ ପବିତ୍ର ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉତ୍ସବ ପାଳିତ ହୋଇଯାଇଛି। ଆଶ୍ରମର ମୁଖ୍ୟ କିଶୋର ବାବାଙ୍କ ପୌରୋହିତ୍ୟରେ ପ୍ରତ୍ୟୁଷରୁ ସ୍ୱତନ୍ତ୍ର ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା।

ଏହି ଉପଲକ୍ଷେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପରିଚାଳିତ ରାଷ୍ଟ୍ରୀୟ ସେବା ଭାରତୀର ସଂଯୁକ୍ତ ମହାମନ୍ତ୍ରୀ ବିଜୟ ମନୋହର ପୁରାଣିକ, ଓଡ଼ିଶା ପୂର୍ବାଞ୍ଚଳ ରାଷ୍ଟ୍ରୀୟ ସେବା ଭାରତୀୟ ସଂଗଠନ ମନ୍ତ୍ରୀ ରୁଦ୍ରନାରାୟଣ ମହାପାତ୍ର, ଉପସଭାପତି ରୁପେନ୍ଦ୍ର କୁହଁର, ଉତ୍କଳ ବିପନ୍ନ ସହାୟତା ସମିତି କାର୍ଯ୍ୟାଳୟ ସମ୍ପାଦକ ଅଜୟ କୁମାର ଦାସ, ଡାକ୍ତର କିରଣ କୁମାର ରୁଚିଶର୍ମା ପ୍ରମୁଖ ପରିଦର୍ଶନରେ ଆସି ମହିମା ଧର୍ମ ପ୍ରଚାର ପ୍ରସାରରେ ଆଶ୍ରମର ବିଭିନ୍ନ କାର୍ଯ୍ୟକ୍ରମ, ଆଶ୍ରମ ପରିସରରେ ମହିମା ମନ୍ଦିର, ପାଠଶାଳା ଓ ବର୍ଷତମାମ ବିଭିନ୍ନ ସମୟରେ ପୂଜା ପର୍ବ ସମ୍ପର୍କରେ ଅବଗତ ହୋଇ ଖୁବ୍ ପ୍ରଶଂସା କରିଥିଲେ। ଭବିଷ୍ୟତରେ ସ୍ଥାନୀୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଚିକିତ୍ସାଳୟ ଖୋଲାଯିବାର ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ରାଷ୍ଟ୍ରୀୟ ସେବା ସମିତି ସହାୟ୍ୟର ହାତ ବଢ଼ାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହିମା ଧର୍ମାବଲମ୍ବୀ ଯୁବ ଶ୍ରଦ୍ଧାଳୁ ଭଞ୍ଜନ କୁମାର ମହାନ୍ତି, କଳ୍ପତରୁ ଶତପଥି, ସୁବ୍ରତ ଜେନା, ସୁଶାନ୍ତ ରାଉତ, ସତ୍ୟନାରାୟଣ ସ୍ୱାଇଁ, ସନାତନ ଦାସ, ରାମଚନ୍ଦ୍ର ବେହେରା, ଗଗନ ମହାନ୍ତି, ଅମରେନ୍ଦ୍ର ରଥ, ଜିତେନ୍ଦ୍ର ପଣ୍ଡା, ଅକ୍ଷୟ ସ୍ୱାଇଁ, ପ୍ରଭାକର ଦାଶ, ଦିପ୍ତିକାନ୍ତ ସାହୁ, ପ୍ରିୟତୋଷ ପରିଡ଼ା, ଅଜୟ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିବା ସହିତ ସହ ଭୋଜନରେ ପ୍ରସାଦ ପରିବେଶଣ କରିଥିଲେ।

## ପାଟକୁରାରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ



ଗରଦପୁର,୧୭।୪ (ସଂଚାର ବ୍ୟୁରୋ): ପାଟକୁରା ନିର୍ବାଚନ ମଣ୍ଡଳୀର ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତର ଚଁପୁର ହାଟ ପଡିଆ ଠାରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଙ୍କ ୨୯ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗରଦପୁର ,ଡେରାବିଶ ଓ ମାର୍ଶାଘାଇ ବ୍ଲକର ଅନେକ ବିଜୁ ପ୍ରେମୀ ମାନେ ସ୍ୱର୍ଗତ ବିଜୁବାବୁଙ୍କୁ ସେମାନଙ୍କର ଗଭିର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

କେନ୍ଦ୍ରାପଡା ଜିଲ୍ଲା ବିଜେଡି ଯୁବ ସଭାପତି ରାଜେଶ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଶ୍ରୀ ସଂଜୟ ଦାସବର୍ମା ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ ଯେ ସାରା ବିଶ୍ୱରେ ବିଜୁ ପଟ୍ଟନାୟକ ଥିଲେ ଜଣେ ଦୁଃସାହାସୀ ଓ ପାରଦର୍ଶୀ ନେତା । ଓଡିଶା ରାଜ୍ୟର ଉନ୍ନତୀ କରିବା ସହିତ ଆଗାମୀ ଶହେ ବର୍ଷ ପାଇଁ ଓଡିଶାର ସମୃଦ୍ଧି ସମ୍ବନ୍ଧରେ ପରିକଳ୍ପନା କରି କାର୍ଯ୍ୟ କରୁଥିଲେ । ପଞ୍ଚାୟତରାଜରେ ୫୦ ପ୍ରତିଶତ ମହିଳା ସଂରକ୍ଷଣ କରାଇ ପଞ୍ଚାୟତ ସ୍ତରୀୟ ଭିତ୍ତିଭୂମିକୁ ଦୃଢ କରି ବିଜୁବାବୁ ଓଡିଶାକୁ ଏକ ସମୃଦ୍ଧ ରାଜ୍ୟ ରୂପେ ଗଢି ତୋଳିବା ସହିତ ଦେଶର ଅନ୍ୟାନ ରାଜ୍ୟ ଗୁଡିକ ପଞ୍ଚାୟତ ରାଜକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ ।

ଏହି ସଭାରେ ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳ,ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଗରଦପୁର ସମିତି ସଭ୍ୟ ଦିଲ୍ଲୀପ ପଣ୍ଡା ,ମାର୍ଶାଘାଇ ବ୍ଲକ ଉପାଧ୍ୟକ୍ଷ ଉର୍ମିଳା ସାହୁ,ଜିଲ୍ଲାପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ,ଏଲିଜା ସ୍ୱାଇଁ ଓ ଅରବିନ୍ଦ ମଲିକ, ରାଜ୍ୟବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ମନେନ୍ଦ୍ର ରଥ,ପୁର୍ବତ୍ତନ ସମିତିସଭ୍ୟ ପ୍ରହଲାଦ ସାହୁ ଓ ଅଟଳ ଜେନା,ପୁର୍ବତନ ସରପଞ୍ଚ ରବିନ୍ଦ୍ର ମହାପାତ୍ର,ଗରଦପୁର ବ୍ଲକ ପୂର୍ବତନ ଆତ୍ମା ଅଧ୍ୟକ୍ଷ ଦୀପକ ରାଉତ,ଯୁବନେତା ରଞ୍ଜନ ସାମଲ ଅରୁଣ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ସଭାରେ ଗରଦପୁର ବ୍ଲକ ପୁର୍ବତ୍ତନ ଉପାଧ୍ୟକ୍ଷ ଭିକାରି ସିଂ ବିଜେପି ଛାଡି ବିଜେଡି ରେ ଆଜି ଯୋଗଦେଇଥିଲେ। ତେଣ୍ଡାକୁଡ଼ା ପଞ୍ଚାୟତର ପୁର୍ବତ୍ତନ ସରପଞ୍ଚ ରବିନ୍ଦ୍ର ମହାନ୍ତି , ନଡିଆବରାଇ ପଞ୍ଚାୟତର ଅମିୟ ପରିଡ଼ା ଓ ପଦ୍ମପୁର ପଞ୍ଚାୟତର ପୁର୍ବତ୍ତନ ସମିତିସଭ୍ୟ ନୃସିହ ଜେନା ଆଜି ବିଜେଡିରେ ପୁର୍ନବାର ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

## ସିବିଏସି ପରୀକ୍ଷାରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,୧୭।୪(ସଂଚାର ବ୍ୟୁରୋ): ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷାରେ ବାଜିଗର ସାଜିଲା କଟକ ଜିଲ୍ଲା ନିଶ୍ଚିନ୍ତକୋଇଲିର ସେଣ୍ଟ ଜାଭିୟର ହାଇସ୍କୁଲ। ସମୁଦାୟ ୩୫ଜଣ ବିଦ୍ୟାର୍ଥୀ ମଧ୍ୟରୁ ୨୬ଜଣ ଶତକଡା ୮୦ରୁ ଉର୍ଦ୍ଧ୍ୱ, ୬ଜଣ ଶତକଡା ୯୦ରୁ ଅଧିକ ମାର୍କ ରଖିଥିଲା ବେଳେ ବିଦ୍ୟାଳୟର ଛାତ୍ର ଅର୍ପିତ ନନ୍ଦ ଶତକଡା ୯୮ ମାର୍କ ଓ ଛାତ୍ରୀ ପ୍ରତ୍ୟୁଷା ପ୍ରିୟଦର୍ଶିନୀ ସାହୁ ଶତକଡା ୯୬.୮ ମାର୍କ ରଖି ନିଶ୍ଚିନ୍ତକୋଇଲି ବ୍ଲକରେ ଏକ ଦଶନ୍ଧି ର ସର୍ବୋଚ୍ଚ ରେକର୍ଡ ଭାଙ୍ଗିଛନ୍ତି। ସେଥିପାଇଁ ସେଣ୍ଟ ଜାଭିୟର ହାଇସ୍କୁଲ, ନିଶ୍ଚିନ୍ତକୋଇଲି ପକ୍ଷରୁ ଏହି ମେଧାବୀ ଛାତ୍ର ଓ ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ପରିସରରେ ସ୍କୁଲ ଅଧ୍ୟକ୍ଷ ଗୋପବନ୍ଧୁ ରାଉତ, ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ ର ପରିଚାଳନା ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ରାଉତ ଏବଂ ଅନ୍ୟ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଫୁଲ ତୋଡ଼ା ଦେଇ ସ୍ୱାଗତ କରିବା ସହିତ ବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

## ଗୃହ ଗଣନା ଓ ତାଲିକା ପ୍ରସ୍ତୁତି ଆରମ୍ଭ



ଯାଜପୁର,୧୭।୪(ସଂଚାର ବ୍ୟୁରୋ): ଜିଲା ପ୍ରଶାସନ ପକ୍ଷରୁ ୨୦୨୭ ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି। ଯାହାକି ଏପ୍ରିଲ ୧୬ ତାରିଖରୁ ଯାଜପୁର ଜିଲ୍ଲା ସମେତ ସାରା ଦେଶରେ ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଗଣନା ଏପ୍ରିଲ ୧୬ ରୁ ଆରମ୍ଭ ହୋଇ ମେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ ରୁ ୧୫ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ସ୍ୱ-ଗଣନା ଅବଧି ରହିଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ କ୍ଷେତ୍ରୀୟ ସ୍ତରରେ ଗୃହ ଗଣନା କରାଯାଉଛି। ପ୍ରତି ତହସିଲ ଏବଂ ସହରାଞ୍ଚଳରେ ଏଥିପାଇଁ ଟିମ୍ ନିୟୋଜିତ ହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଗଣନା ପାଇଁ ଆସୁଥିବା କର୍ମଚାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି। ଏହି ପର୍ଯ୍ୟାୟରେ ଲୋକମାନଙ୍କୁ ମୋଟ ୩୩ଟି ପ୍ରଶ୍ନ ପଚରାଯିବ । ଏଥିରେ ଘରର ଅବସ୍ଥା, ଘରର ମାଲିକାନା, ପରିବାରରେ ରହୁଥିବା ସଦସ୍ୟଙ୍କ ସଂଖ୍ୟା, ପାଣି ଓ ବିଦ୍ୟୁତ ସୁବିଧା, ଶୌଚାଳୟ, ଇଣ୍ଟରନେଟ୍ ସୁବିଧା, ଯାନବାହନ, ମୋବାଇଲ ଓ ଅନ୍ୟାନ୍ୟ ସୁବିଧା ସମ୍ବନ୍ଧୀୟ ୩୩ ଟି ପ୍ରଶ୍ନ ଆଧାରରେ ତଥ୍ୟ ସଂଗ୍ରହ ହେବ। ଏହି ଜନଗଣନା ଏବଂ ଗୃହଗଣନା ତଥ୍ୟ ଆଧାରରେ ହିଁ ସରକାର ଆଗାମୀ ଦିନରେ ଲୋକହିତକର ଏବଂ ବିକାଶମୂଳକ ଯୋଜନାର ରୂପରେଖ ପ୍ରସ୍ତୁତ କରିବେ। ଜିଲ୍ଲାର ସୁପରଭାଇଜର ଏବଂ ଏନୁମେରେଟରମାନେ ଗୃହଗଣନା କାର୍ଯ୍ୟ କରୁଛନ୍ତି ବୋଲି ଯାଜପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ କହିଛନ୍ତି।

## ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର

### ୩୫ ୟୁନିଟ ରକ୍ତ ସଂଗୃହୀତ



ବାରିପଦା,୧୭।୪(ସଂଚାର ବ୍ୟୁରୋ): ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଯୋଗଦେଇ ପୂର୍ବତନ ଅଧ୍ୟକ୍ଷ ଅନାଦି ବିନ୍ଧାଣି, ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ରେ ନିଜେ ଅଧ୍ୟକ୍ଷ ଶ୍ରୀ ଡାକୁଆ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ବେହେରା ଓ ଜଗେଶ୍ୱର ଘୋଷ ମହାପାତ୍ର ତଥା ଶିକ୍ଷକ ପ୍ରଶିକ୍ଷକ ଭବେଶ ଚନ୍ଦ୍ର ଦେହୁରୀ, ଦିଲ୍ଲୀପ କୁମାର ସିଂ, ସୂର୍ଯ୍ୟେନ୍ଦୁ ଦାସ, ସଂଜୀବ କୁମାର ପାତ୍ର ଓ ସେକ୍ସନ ଅଫିସର ବନ କୁମାରୀ ସିଂ ପ୍ରମୁଖ ରକ୍ତଦାନ କରି ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ । ଓଡିଶା ରକ୍ତ କେନ୍ଦ୍ର, ବାରିପଦା ର ମେଡିକାଲ ଅଫିସର ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ପାର୍ଥସାରଥୀ ମହାନ୍ତ, ଛବି ମହାନ୍ତ, ପ୍ରଫୁଲ୍ଲ ମାଝୀ, ଶମ୍ଭୁନାଥ ପଲେଇ ରକ୍ତ ସଂଗ୍ରହ କରିଥିଲେ । ରକ୍ତକେନ୍ଦ୍ର ତରଫରୁ ସମସ୍ତ ରକ୍ତଦାତା ଓ ଅନୁଷ୍ଠାନକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ଶିକ୍ଷକ ପ୍ରଶିକ୍ଷିକା ଲିପିକା ଦାସ, ସାଗରିକା ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ, ୧୭।୪ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଫାଣ୍ଡିବର ଛକସ୍ଥିତ ଆଖଣ୍ଡଳମଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ୩୧ ତମ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ ଓ ଭାଗବତ ସପ୍ତାହ ପାଠ ଆରମ୍ଭ ଗତକାଲି ସନ୍ଧ୍ୟାରୁ ଆରମ୍ଭ ହୋଇଯାଇଛି। ଆଜି ସକାଳେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ପୁରୁଷ ଓ ମହିଳା ବାଜାବାଣ ଓ ଏବଂ ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ପବିତ୍ର କରାଣ୍ଡିଆ ନଦୀର ଶାଗୁଣାଘାଇ ଘାଟରୁ ପୂଜାର୍ଚ୍ଚନା ପୂର୍ବକ ପୂର୍ଣ୍ଣ କଳସ ନେଇ ହରିଅଙ୍କ ଓ ଇନ୍ଦାଲୋ ପଞ୍ଚାୟତ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ପରେ ଯଜ୍ଞାଧିବାସ କରାଯାଇଥିଲା। ଆସନ୍ତା କାଲି ଠାରୁ ମଣ୍ଡଳାଦିପୂଜା, ଅଗ୍ନିସ୍ଥାପନ, ଆହୁତୀ ଆରମ୍ଭ, ବିଷ୍ଣୁ ସହସ୍ରନାମ, ଆହୁତୀ ଗୀତାଯଜ୍ଞ ସହିତ ରବିବାର ଦିନ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞର ଅଧିବାସ କରାଯାଇ ମଙ୍ଗଳବାର ଦିନ ସମସ୍ତ ଦେବାଦେବୀଙ୍କୁ ଆହୁତି ପୂର୍ବକ ପୂର୍ଣ୍ଣାହୁତୀ ପ୍ରଦାନ କରାଯିବ।



## ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ



ଯାଜପୁର,୧୭।୪(ସଂଚାର ବ୍ୟୁରୋ): ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟନାୟକଙ୍କ ତିରୋଧାନ ଦିବସ ବା ଶ୍ରାଦ୍ଧ ଦିବସ ଆଜି ପାଳନ ହୋଇଯାଇଛି।

ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦିସ୍ଥିତ ମିଲିଟାରୀ ଛକ ଠାରେ ଥିବା ବିଜୁପଟନାୟକ ପ୍ରତିମୂର୍ତ୍ତି ରେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ପୁଷ୍ପ ମାଲ୍ୟ ଦେଇ ବିଜେଡି କର୍ମୀମାନଙ୍କ ଉପସ୍ଥିତିରେ ତିରୋଧାନ ଦିବସ ପାଳନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାନଗଦି ବ୍ଲକ ସଭାପତି ଗୋପାଳ ବାରିକ, ବ୍ଲକ୍ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଧିର, ଦାନଗଦି ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ବରିଷ୍ଟ ନେତା ଲୋକନାଥ ଧିର,ବରିଷ୍ଟ ନେତା ପ୍ରଦୀପ କୁମାର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ ଉପାଧ୍ୟକ୍ଷ ଅଜୟ ବିନ୍ଧାଣୀ, ତ୍ରିଜଙ୍ଗା ସରପଞ୍ଚ କାଗଜି ପାତ୍ର,ପ୍ରମୋଦ ଜେନା, ରାଧା ମୋହନ ବିଶ୍ୱାଳ, ମାୟାଧର ରଣା, ଭାଗୀରଥି ଜେନା,ବସନ୍ତ ରାଉତ,ମଙ୍ଗଳପୂର୍ ପଞ୍ଚାୟତ ସଭାପତି ଓ ଅନେକ ଆଗ ଧାଡ଼ିର ବିଜେଡି କର୍ମୀ ଉପସ୍ଥିତ ଥିଲେ ।

ସେହିପରି ସୁକିନ୍ଦା ଠାରେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଉପସ୍ଥିତରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା ।

## ଅଗ୍ନିବିପନ୍ନ ପରିବାରଙ୍କୁ ବ୍ଲକ ଅଧ୍ୟକ୍ଷାଙ୍କ ଆର୍ଥିକ ସହାୟତା ପ୍ରଦାନ

ନୀଳଗିରି,୧୭।୪(ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଭଉଁରିଆବାଡ଼ ଗ୍ରାମ ପଞ୍ଚାୟତ ୧ ନମ୍ବର ଓ୍ୱାଡ଼ ତେନ୍ତୁଳାପଡ଼ା ଗ୍ରାମର ଧ୍ରୁବ ସିଂ ଙ୍କ ପୁଅ ଲେଙ୍କା ଓରଫ ସନାତନ ସିଂ ଙ୍କ ଦୁଇ ବଖାର ଘର ଗତ ୧୫ତାରିଖ ମଧ୍ୟାହ୍ନ ୧୨,୩୦ ମିନିଟ ସମୟରେ ଆକସ୍ମିକ ଅଗ୍ନି କାଣ୍ଡ ରେ ଭସ୍ମିଭୂତ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଘରର ସମସ୍ତ ଆସବା ପତ୍ର ସହିତ ଧାନ ଚାଉଳ ଲୁଗାପଟା, ପିଲାଙ୍କ ବହି ବସ୍ତାନି ପୋଡି ପାଉଁଶ ହୋଇଥିଲା ।



ନୀଳଗିରି ଅଗ୍ନିସେବା ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିଲେ ହେଁ ସେତେବେଳକୁ ସବୁକିଛି ଜଳି ପୋଡି ପାଉଁଶ ହୋଇଯାଇଥିଲା। ହେଲେ ଅଗ୍ନି କାଣ୍ଡରେ ପରିବାରର ୮ ପ୍ରାଣୀ ଙ୍କର ଜୀବନ ଅଳ୍ପ କେ ବର୍ତ୍ତି ଯାଇଥିଲେ ମଧ୍ୟ ପରିବାର ଚଳେଇବାକୁ ସର୍ବସ୍ୱାନ୍ତ ହୋଇପଡିଛନ୍ତି ।ଆଜି ସନ୍ଧ୍ୟାରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଅଗ୍ନି ବିପନ୍ନ ପରିବାର ପାଖରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୂର୍ବତନ ଅଧ୍ୟକ୍ଷ ମଦନ ମୋହନ ମାଝୀ, ଗଙ୍ଗାଧର ମିଶ୍ର, ବିଶ୍ୱମ୍ବର ପରିଡ଼ା, ଲୋକନାଥ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ୮ମ ପୋଷଣ ପକ୍ଷ ପାଳିତ




ବାରିପଦା,୧୭।୪(ସଂଚାର ବ୍ୟୁରୋ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମୟୂରଭଞ୍ଜ ଦ୍ୱାରା ଜିଲ୍ଲାସ୍ତରୀୟ ୮ମ ପୋଷଣ ପକ୍ଷ ଜିଲ୍ଲାପାଳ ହେମକାନ୍ତ ସୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁଷମ ଖାଦ୍ୟର ସେବନ ତଥା ବାଡ଼ି ବଗିଚାରେ ମିଳୁଥିବା ପୋଷକଯୁକ୍ତ ପନିପରିବା ପ୍ରଭୃତିକୁ ଖାଦ୍ୟରେ ବ୍ୟବହାର ସାଙ୍ଗକୁ ଶିଶୁଙ୍କ ଖାଦ୍ୟପେୟରେ ଉପଯୁକ୍ତ ଖାଦ୍ୟ ଦେବାକୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଛନ୍ତି । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ର, ଶାମାଖୁଣ୍ଟାର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ପୋଷକତତ୍ତ୍ୱ ସମ୍ମିଳିତ ବିଭିନ୍ନ ଖାଦ୍ୟ ପଦାର୍ଥ, ସୁଷମ ଖାଦ୍ୟ ଓ ଶିଶୁର ମସ୍ତିଷ୍କ ବିକାଶ ସାମଗ୍ରୀର ଷ୍ଟଲ୍ ତଥା ସବୁଜ ପନିପରିବା ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ପସରାର ପ୍ରଦର୍ଶନୀ ଜିଲ୍ଲାର ୨୬ଟି ବ୍ଲକର ଶିଶୁବିକାଶ ପ୍ରକଳ୍ପ ଅଧୀନରେ ଥିବା ଅଙ୍ଗନୱାଡି କର୍ମୀ, ସହକର୍ମୀ ତଥା ମା' ମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଏହି ସମାରୋହରେ ଜିଲ୍ଲାର ସମସ୍ତ ସିଡିପିଓ, ମହିଳା ସୁପରଭାଇଜର, ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ନୀଳଗିରି, ୧୭।୪ (ସଂଚାର ବ୍ୟୁରୋ): ଚୋରା ବିଦ୍ୟୁତ ସଂଯୋଗ ବେଳେ ଛିଣ୍ଡା ଓ ଦୁର୍ବଳ ତାରରେ ବିଦ୍ୟୁତ ପ୍ରବାହିତ ଯୋଗୁଁ ତାର ସଂସ୍ପର୍ଶରେ ଆସି ଜୈନିକ ଯୁବକଙ୍କ ଶୋଚନୀୟ ଭାବେ ମୃତ୍ୟୁ ହୋଇଛି । ହସ୍ତଗତ ସୂଚନା, ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ଦୁର୍ଗାପୁର ଗ୍ରାମର ଯଚିନ୍ଦ୍ର ପ୍ରଧାନଙ୍କ ଘରେ ବିଦ୍ୟୁତ ବକେୟା ରାଶି ପାଇଁ ବିଦ୍ୟୁତ କାଟ କରାଯାଇ ବକେୟା ରାଶି ବାବଦକୁ ୪୦ ହଜାର ଫାଇନ କରାଯାଥିଲା । ଏବଂ ଗତ ମାର୍ଚ୍ଚ ମାସରେ ବକେୟା ରାଶି ସୁଝିବା ପରେ ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ଅବଗତ କରାଯାଇଥିଲା। ବିଦ୍ୟୁତ କାଟ ପାଇଁ ପରିବାର ଅନ୍ଧାରରେ ଥିଲେ ଯଚିନ୍ଦ୍ର ଙ୍କ ପୁଅ ଚନ୍ଦ୍ରରା ଓରଫ ଚନ୍ଦ୍ରକାନ୍ତ ପ୍ରଧାନ (୪୫) ଗତ କାଲି ରାତି ପ୍ରାୟ ୯ ଘଟିକା ସମୟ ରେ ବାଡ଼ିରେ ଥିବା ବିଦ୍ୟୁତ ଖୁଣ୍ଟିରୁ ଘର ପାଇଁ ବିଦ୍ୟୁତ ସଂଯୋଗ କରୁଥିବା ବେଳେ ଦୁର୍ବଳ ତାର ସଂସ୍ପର୍ଶରେ ଆସବାରୁ ସେଇଠାରେ ସେ ଟଳି ପଡ଼ିଥିଲେ । ଆଜି ସକାଳେ ଚନ୍ଦ୍ରକାନ୍ତ ଙ୍କ ମା ବାଡିକୁ ପରିବା ତୋଳିବାକୁ ଯାଇଥିବା ବେଳେ ପୁଅ ବିଲରେ ପଡିଥିବା ଦେଖିବାକୁ ପାଇଥିଲେ ।

## ପଟ୍ଟାମୁଣ୍ଡାଇରେ ବିଜୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ପଟ୍ଟାମୁଣ୍ଡାଇ, ୧୭।୪ (ସଂଚାର ବ୍ୟୁରୋ): ଅନ୍ୟାୟ ଅବିଚାର ବିରୋଧରେ ଲଢ଼ିବା ପାଇଁ ଅଦମ୍ୟ ସାହସ, ସମାଜ ପାଇଁ ସମର୍ପଣ ଭାବ ଓ ଉତ୍ତୁଙ୍ଗ ଓଡ଼ିଆ ସ୍ୱାଭିମାନ ପ୍ରବାଦ ପୁରୁଷ ବିଜୁ ପଟନାୟକଙ୍କ ମୂଳମନ୍ତ୍ର ଥିଲା ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରବାଦପୁରୁଷ ବିଜୁ ପଟନାୟକଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ -ରାଜନଗର ବିଜେଡି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିବା ସହିତ ବିଜୁଙ୍କ ଗୁଣାବଳୀକୁ ନେଇ ଯୁବସମାଜ ଆଗକୁ ବଢିଲେ ଶହ ଶହ ବିଜୁ ସୃଷ୍ଟି ହୋଇପାରିବେ। ବିଜୁଙ୍କ ସ୍ୱପ୍ନର ବିକଶିତ ପଟ୍ଟାମୁଣ୍ଡାଇ-ରାଜଗର ହେବ ବିଜୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ପ୍ରକାଶ କରିବା ସହିତ ବିକଶିତ ଭାରତ ଓ ଓଡ଼ିଶା ଗଠନ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ବିଜୁଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ



ରାଜନଗର ବିଧାୟକ ଶ୍ରୀସାହୁ କେନ୍ଦ୍ର ସରକାରଙ୍କ ଠାରେ ଦାବୀ କରିଥିଲେ । ଏହି ସଭାରେ ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ସରପଞ୍ଚ ସମିତି ସଭ୍ୟ, କାଉନସିଲର, ବିଜେଡି ନେତା ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।




# ପାଣି ପିଇବା ପରେ ବି କିଛି ଲୋକଙ୍କୁ ଶୋଷହୁଏ କାହିଁକି ?



ଆମ ଭିତରୁ ଅଧିକାଂଶ ଲୋକଙ୍କ ପାଇଁ ଦୈନିକ ଅଢ଼େଇରୁ ସାଢ଼େ ତିନି ଲିଟର ପାଣି ଦରକାର ହୋଇଥାଏ। ଏଥିରୁ ପ୍ରାୟ ୨୦% ଖାଦ୍ୟରୁ ମିଳିଥାଏ। ଏହା ସତ୍ତ୍ୱେ କେତେକ ଲୋକଙ୍କୁ ଶୋଷ ହୋଇ ଶରୀର ଜଳଶୁଷ୍କ ହେଲା ପରି ଲାଗେ। ତେଣୁ ଅଧିକ ପାଣି ପିଇଲେ ଜଳଶୁଷ୍କତା ଦେଖାଯାଏ ନାହିଁ ବୋଲି ଅନେକଙ୍କର ଧାରଣା। ହେଲେ ଯେତେ ପାଣି ପିଇଲେ ବି କିଛି ଲୋକଙ୍କୁ ଶୋଷହୁଏ ଓ ହାଲିଆ ଲାଗେ କାହିଁକି? ସାଧାରଣତଃ ଗରମ ପାଗ ଓ କାର୍ଯ୍ୟବ୍ୟସ୍ତ ରହିଲେ ଏହିଭଳି ହୁଏ। ତେଣୁ ପିଉଥିବା ପାଣି ଉପରେ ଶୋଷ ବା ଜଳଶୁଷ୍କତା ନିର୍ଭର କରେ ନାହିଁ। କଥା ହେଉଛି, ପିଉଥିବା ପାଣିକୁ ଦେହ କିପରି ବିଶୋଷଣ କରି ବଣ୍ଟନ କରିବା ସହ ଦେହରେ ତାକୁ ଧରି ରଖୁଛି, ତାହା ବଡ଼କଥା। ବିଭିନ୍ନ ଜୀବନ ଶୈଳୀ, ଖାଦ୍ୟରୁଚି ଓ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଦେହର ଜଳଶୁଷ୍କତାକୁ ପ୍ରଭାବିତ କରିଥାଏ। ଫଳରେ ଯେତେ ପାଣି ପିଇଲେ ବି ଶୋଷହୁଏ। ମୁମ୍ବାଇସ୍ଥିତ ଫୋର୍ଟିସ୍ ହସ୍‌ପିଟାଲ୍‌ର ଡାକ୍ତର ଶୋଭା ଇଟୋଲିକର୍ କହନ୍ତି, ଯଥେଷ୍ଟ ପାଣି ପିଇବା ସତ୍ତ୍ୱେ ଶୋଷ ଲାଗିବାର ବିଭିନ୍ନ କାରଣ ରହିଛି। ପିଇବା ପଦ୍ଧତି ଓ ସ୍ୱାସ୍ଥ୍ୟାବସ୍ଥା ଭଳି ଅନେକ କାରଣ ଏଥିପାଇଁ ଦାୟୀ। ଥରକେ ବହୁତ ପାଣି ପିଇବା ପରେ ଅନେକ ସମୟ ଧରି ଆଉ ପାଣି ନ ପିଇଲେ ଶୋଷ ଲାଗେ। ତେଣୁ ଏକା ଥରକେ ବହୁତ ପାଣି ନ ପିଇ ଦିନସାରା ନିୟମିତ ବ୍ୟବଧାନରେ ଅଳ୍ପ ଅଳ୍ପ ପାଣି ପିଇବା ଉଚିତ। ଥରକେ ବହୁତ ପାଣି ପିଇଲେ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହୋଇଥାଏ। କାରଣ ଶରୀରରେ ସୋଡିୟମ୍ ପତଳା ହୋଇ ୱାଟର୍ ଇଣ୍ଟୋକ୍ସିକେସନ୍ ଭଳି ଅବସ୍ଥା ସୃଷ୍ଟି କରିଥାଏ। ଏଥିଯୋଗୁଁ ତଣ୍ଟି ଶୁଖିଯାଏ। ସେହିପରି ଚା, କଫି ଓ ମଦ ପିଇଲେ ବାରମ୍ବାର ପରିସ୍ରା ହୋଇ ଦେହରୁ ପାଣି କ୍ଷୟ ହୋଇଯାଏ। ଏ ସମୟରେ ଯେତେ ପାଣି ପିଇଲେ ବି ଶୋଷ ଲାଗେ। ଭଲ ଭାବେ ପାଟି ଭିତର ପରିଷ୍କାର ନ କଲେ, ଧୂମପାନ କଲେ ଓ ତମାଖୁ ସେବନ କଲେ ମଧ୍ୟ ସବୁବେଳେ ଶୋଷହୁଏ। ଆମ ଖାଦ୍ୟ ଅନେକ ସମୟରେ ଶୋଷକୁ ପ୍ରଭାବିତ କରେ। ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇଲେ ହଜମ ଓ ବର୍ଜ୍ୟ ନିଷ୍କାସନ ପାଇଁ ଅଧିକ ପାଣି ପିଇବାକୁ ପଡ଼େ। ଅଧିକ ଲୁଣ, ଚିନି ଓ ମସଲା ଖାଦ୍ୟ ଖାଇଲେ ଶୋଷହୁଏ। କମ୍ ଫାଇବର୍‌ଯୁକ୍ତ ଖାଦ୍ୟ ଯୋଗୁଁ ଦେହରେ ଜଳ ଧାରଣ କ୍ଷମତା କମିଯାଏ ବୋଲି ଡାକ୍ତର କହନ୍ତି। ସେହିପରି ଗରମ ପାଗରେ ବେଶି ବ୍ୟାୟାମ କଲେ ଓ ଝାଳ ବୋହିଲେ ଦେହରୁ ଅଧିକ ଜଳୀୟ ଅଂଶ ବାହାରିଯାଏ। ଫଳରେ ଶୋଷହୁଏ। ଏହାଛଡ଼ା ଜ୍ୱର, ବାନ୍ତି ବା ଡାଇରିଆ ହେଲେ ଏବଂ ହାଇ ବ୍ଲଡ୍ ସୁଗାର୍ ଲେବଲ୍ ଶୋଷ ବଢ଼ାଇ ଥାଏ। ହର୍‌ମୋନ୍ ସନ୍ତୁଳନ ଠିକ୍ ନ ରହିଲେ ଶୋଷହୁଏ ଓ ତାହା ମେଣ୍ଟେ ନାହିଁ। ନିଦ, ଚାପ ଓ ଉତ୍କଣ୍ଠା ବି ଶୋଷ ବଢ଼ାଇଥାଏ। ଏହା ପ୍ରକୃତ ଜଳଶୁଷ୍କତା ନୁହେଁ। ଏହାଛଡ଼ା ଦେହରେ ସୋଡିୟମ୍ ଓ କ୍ଲୋରାଇଡ୍ ଭଳି ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳିତ ହେଲେ ଯେତେ ପାଣି ପିଇଲେ ବି ଶୋଷ ମରେ ନାହିଁ। ବାରମ୍ବାର ପାଣି ପିଇବାକୁ ଇଚ୍ଛା ହୋଇଥାଏ।

# ପରିସ୍ରା ପୋଡ଼ା ହେଉଛି କି ?



ପରିସ୍ରା ପୋଡ଼ା ହେଉଛି କି? ଜ୍ୱର ଆସୁଛି କି ? ତାହେଲେ ପେଟ ଗରମ ଭାବି ଜମାବି ଅବହେଳା କରନ୍ତୁନି। ଆପଣଙ୍କୁ ହୋଇପାରେ ଏହି ରୋଗ... ଖରାପ ଜୀବନଶୈଳୀ ଏବଂ ସ୍ୱଚ୍ଛତା ବଜାୟ ନରଖିବାରୁ ଏବେ ମହିଳାଙ୍କ କ୍ଷେତ୍ରରେ ବଢୁଛି ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ ବିପଦ। ପରିସ୍ରା ଦ୍ୱାରରେ ଗମ୍ଭୀର ସଂକ୍ରମଣ ହେବାକୁ ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ କୁହାଯାଏ। ସଂକ୍ରମଣ ହେଲେ ଖୁବ୍ ଜୋରରେ କଷ୍ଟ ହୁଏ, ଜ୍ୱର ଆସେ, ପରିସ୍ରା ପୋଡା ହୁଏ। ପ୍ରାୟ ସମୟରେ ମହିଳାମାନେ ପେଟ ଗରମ ହୋଇଥିବା କହି ଏଡାଇ ଦିଅନ୍ତି। ଠିକ୍ ସମୟରେ ଏହି ରୋଗ ଚିହ୍ନି ପାରିଲେ ଗମ୍ଭୀର ବିପଦକୁ ଏଡାଇ ହେବ। ତେବେ ଜାଣନ୍ତୁ ୟୁଟିଆଇର ଲକ୍ଷଣ ଏବଂ ଏହାର ନିରାକରଣ ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପୁରୁଷଙ୍କ ତୁଳନାରେ ମହିଳାଙ୍କ ପରିସ୍ରା ଦ୍ୱାର ଛୋଟ। ଯେଉଁଥି ପାଇଁ ବ୍ୟାକ୍ଟେରିଆଙ୍କୁ ୟୁରିନ ଟ୍ୟାକ୍ଟ ଯାଏଁ ପହଞ୍ଚିବାକୁ ଖୁବ୍ କମ୍ ସମୟ ଲାଗେ। ବ୍ୟାକ୍ଟେରିଆ କାରଣରୁ ୟୁଟିଆଇ ହୁଏ। ୟୁଟିଆଇ ଇନଫେକ୍ସନ ୩ ପ୍ରକାରର ହୋଇଥାଏ। ଯଥା: ବ୍ଲାଡର ଇନଫେକ୍ସନ, ୟୁରେଥ୍ରା ଇନଫେକ୍ସନ, କିଡନୀ ଇନଫେକ୍ସନ।

ଲକ୍ଷଣ: ପରିସ୍ରା କରିବା ସମୟରେ କଷ୍ଟ ଅନୁଭବ କରିବା। ପରିସ୍ରାରୁ ଦୁର୍ଗନ୍ଧ ଆସିବା। ବାରମ୍ବାର ପରିସ୍ରା ଲାଗିବା। ପରିସ୍ରାରେ ରକ୍ତ ପଡ଼ିବା। ଜ୍ୱର ଆସିବା, ଅଣ୍ଟା-ପିଠିରେ କଷ୍ଟ ଅନୁଭବ କରିବା

ନିରାକରଣ: ସ୍ୱଚ୍ଛତା ରଖିଲେ ୟୁଟିଆଇ ହେବ ନାହିଁ। ପବ୍ଲିକ ଟଏଲେଟ୍ ବ୍ୟବହାର କରିବା ସମୟରେ ସଫା ସୁତରା ରକ୍ଷା କରିବା। ୮ ରୁ ୧୦ ଗ୍ଲାସ୍ ପାଣି ପିଇବା। ଅଧିକ ସମୟ ଯାଏଁ ପରିସ୍ରା ଚାପି ନରଖିବା। ଟଏଲେଟ୍ କିମ୍ବା ଯୌନ ସମ୍ବନ୍ଧ ରଖିବା ପରେ ପରିଷ୍କାର ପରିଚ୍ଛନତା ରକ୍ଷା କରିବା। ଜ୍ୱର ଆସିଲେ ଡାକ୍ତରଙ୍କ ପରାମର୍ଶ କରିବା। ଯଦି ଠିକ୍ ସମୟରେ ଏହି ରୋଗର ନିରାକରଣ କରାଯାଏ ତାହେଲେ ଇନଫେକ୍ସନ କିଡନୀ ଯାଏଁ ପହଞ୍ଚିଯିବ।

# ଖରାଦିନେ ମୁହଁରେ ଗ୍ଲୋ ଆଣିବାକୁ ଚାହୁଁଛନ୍ତି କି ?



ଗ୍ରୀଷ୍ମ ଋତୁ ଆସି ସାରିଛି। ତେଣୁ ଖାସ କରି ଖରାଦିନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ନିହାତି ଦରକାର। ସ୍ୱାସ୍ଥ୍ୟ ଓ ଚର୍ମ ଠିକ୍ ରହିବା ପାଇଁ ମଧ୍ୟ ଖରା ଦିନେ ଏମିତି କିଛି ଖାଦ୍ୟ ଖାଇବା ଦରକାର ଓ ଜୁସ ପିଇବା ଦରକାର, ଯାହା ଆପଣ ଆପଣଙ୍କ ପାଇଁ ଏକ୍ସପର୍ଟ ପରାମର୍ଶ ଦେଇଛନ୍ତି। ଏମିତିକି ଆଲୋଭେରା ରସ ଠାରୁ ଆରମ୍ଭ କରି ଆମଲା ଜୁସ ପର୍ଯ୍ୟନ୍ତ ସମସ୍ତ ଜିନିଷ ଉପକାରୀ ହୋଇଥାଏ। ଏଠାରେ ଚାରୋଟି ଜୁସ୍ ଅଛି ଯାହା ଶରୀରକୁ ସୁସ୍ଥ ରଖିବ ଏବଂ ଚର୍ମକୁ ସୁସ୍ଥ ରଖିବା ସହିତ ଭଲ ଚମକ୍ ମଧ୍ୟ ଦେବ। ତେଣୁ ଏହାକୁ ଆପଣ ପ୍ରତିଦିନ ପିଇବା ଉଚିତ୍। ଖାସ କରି ଗ୍ରୀଷ୍ମ ଋତୁରେ ସୂର୍ଯ୍ୟଙ୍କ ଉତ୍ତାପ ଆମ ଚର୍ମକୁ ପ୍ରଭାବିତ କରେ ଏବଂ ଚର୍ମର ଚମକ ହ୍ରାସ ପାଇଥାଏ। ସେଥିପାଇଁ ଚର୍ମକୁ ଓ ଆମ ଶରୀରକୁ ହାଇଡ୍ରେଟ ରଖିବା ପାଇଁ ଚାହୁଁଥିଲେ ଏମିତି କିଛି ଜୁସ୍ ପିଇବା ଦରକାର୍ ଯାହା ଗ୍ରୀଷ୍ମ ଋତୁ ପାଇଁ ବହୁତ୍ ଫଳପ୍ରଦ ହୋଇଥାଏ।

ଏକ୍ସପର୍ଟଙ୍କ ପରାମର୍ଶ ଅନୁଯାୟୀ ହଳଦୀର ଜୁସ୍ ପ୍ରତିଦିନ ପିଇବା ଉଚିତ୍। ଯାହା ସବୁଠାରୁ ଶକ୍ତିଶାଳୀ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଡ୍ରିଙ୍କ ଏବଂ ଶରୀରରକୁ ଶକ୍ତି ଯୋଗାଇଥାଏ। ଚେହେରାକୁ ଚମକାଇବାରେ ସାହାଯ୍ୟ କରେ। ଏହା ହଜମ ପ୍ରକ୍ରିୟାକୁ ମଧ୍ୟ ପ୍ରଭାବିତ କରିଥାଏ। ଏହା ତିଆରି କରିବା ପାଇଁ ହେଲେ ଆପଣଙ୍କୁ ଏକ ଗ୍ଲାସ୍ ଗରମ ପାଣିରେ ଏକ ଚାମଚ ହଳଦୀ ପକାଇ ଫୁଟାଇ ଦିଅନ୍ତୁ ଓ ଏହାକୁ ଅଳ୍ପ ଗରମ ଥିବା ଅବସ୍ଥାରେ ପିଅନ୍ତୁ।

ଏଥିସହିତ ବିଟ୍ ଜୁସ୍, ଗାଜର ଜୁସ୍ ଓ ବିଲାତି ଜୁସ୍ ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଏହି ସବୁ ପରିବାକୁ ଆପଣ ଏକା ସାଙ୍ଗରେ କିମ୍ବା ଅଲଗା ଭାବେ ଜୁସ୍ ପ୍ରସ୍ତୁତ କରି ପିଇ ପାରିବେ। ଏହି କଲରଫୁଲ ଡ୍ରିଙ୍କରେ ଅନେକ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୁର ମାତ୍ରାରେ ରହିଛି। ଅଧିକ ଲକ୍ସାଟିଭ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଯୋଗୁଁ ଏହି ଜୁସ୍ ଲିଭର ସଫା କରିବାରେ ଏବଂ ରକ୍ତ ସଞ୍ଚାଳନ କରିବାରେ ସାହାଯ୍ୟ କରେ। ଏହା ହୃଦ୍ ରୋଗ ଏବଂ ଷ୍ଟ୍ରୋକ ଭଳି ବିପଦକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହି ଜୁସକୁ ପିଇବା ଦ୍ୱାରା ଶରୀରକୁ ନ୍ୟାଚୁରାଲ ହାଇଡ୍ରେସନ୍ ମିଳିବ ସହିତ ତ୍ୱଚାକୁ ମଶ୍ଚରାଇଜ ରଖେ।

ଏତିକି ନୁହେଁ ଆପଣ ଅଁଳା ଜୁସ ମଧ୍ୟ ପିଇ ପାରିବେ। ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ପ୍ରଭାବଶାଳୀ। ଚର୍ମକୁ ଏହା ସଫ୍ଟ କରିବା ସହିତ କୁଞ୍ଚନକୁ ମଧ୍ୟ ଦୂର କରିଥାଏ। ଏହି ଜୁସରେ ଥିବା ଭିଟାମିନ୍ 'ସି' ଖାଦ୍ୟ ହଜମ କରିବାରେ ମଧ୍ୟ ସାହାଯ୍ୟ କରେ। ପ୍ରତିଦିନ ଏହି ଜୁସ ତିଆରି କରିବା ପାଇଁ ଆପଣ ତିନିଟି ଅଁଳା ନେଇ ଏଥିରେ ହାଫ ଗ୍ଲାସ୍ ପାଣି ମିଶାଇ ଜୁସ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଖାଇବାର ୩୦ ମିନିଟ୍ ପୂର୍ବରୁ ପିଅନ୍ତୁ। କିଛି ଦିନ ମଧ୍ୟରେ ଫରକ ଦେଖିବାକୁ ପାଇବେ।

ଏହା ବ୍ୟତୀତ ଆପଣ ଆଲୋ ଭେରା ଜୁସକୁ ମଧ୍ୟ ପିଇପାରିବେ। ଏଥିରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି। ଯାହା ସୁସ୍ଥ ଚର୍ମ ଗଠନ କରିବାରେ ସାହାଯ୍ୟ କରିଥାଏ। ଏହା ସଂକ୍ରମଣ, ବ୍ରଣ ଏବଂ କୌଣସି ଦାଗ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଆଲୋଭେରା ରସ ପିଇବା ଦ୍ୱାରା ଚର୍ମର ବାର୍ଦ୍ଧକ୍ୟକୁ ମଧ୍ୟ ହଟାଯାଇପାରିବ।

# ଶୁଷ୍କ ଆଖି ସମସ୍ୟା ଦୂରକରେ ଗାଈ କ୍ଷୀର

ମୋବାଇଲ୍, ଲାପ୍‌ଟପ୍ ଓ ଟେଲିଭିଜନ୍‌ର ମାତ୍ରାଧିକ ବ୍ୟବହାର ଆଜିକାଲି ଆଖିର ସମସ୍ୟା ବଢ଼ାଉଛି। ବିଶେଷକରି ଏହା ଆଖିକୁ ଶୁଷ୍କ କରିଦେଉଛି। ଏବେ ଦିଲ୍ଲୀର ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ(ଏମ୍‌ସ)ର ଗବେଷକମାନେ ଏଭଳି ଶୁଷ୍କ ଆଖିର ଚିକିତ୍ସା ପାଇଁ ଏକ ନୂଆ ଔଷଧ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। କ୍ଷୀରର ପ୍ରୋଟିନ୍ ଲାକ୍ଟୋଫେରିନ୍‌ରୁ ପ୍ରସ୍ତୁତ ଏହି ଔଷଧ ଆଖିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରିବ।

ଗାଈ ବା ଅନ୍ୟ ପ୍ରାଣୀଙ୍କ କ୍ଷୀରର ପ୍ରାଥମିକ ଅବସ୍ଥା ହେଉଛି କୋଲୋଷ୍ଟ୍ରମ୍। ଗାଈର କୋଲୋଷ୍ଟ୍ରମ୍‌ରୁ ପ୍ରାପ୍ତ ଲାକ୍ଟୋଫେରିନ୍ ପ୍ରୋଟିନ୍‌ରୁ ଏହି ଔଷଧ ପ୍ରସ୍ତୁତ ହୋଇଛି। କୋଲୋଷ୍ଟ୍ରମ୍‌କୁ ପୁଷ୍ଟିକର ପୋଷକ ତତ୍ତ୍ୱ ଓ ସକ୍ରିୟ ଜୈବ ଯୌଗିକ ପଦାର୍ଥଗୁଡ଼ିକର ଭଣ୍ଡାର ବୋଲି କୁହାଯାଏ। ଏହା ଶରୀରକୁ ସୁସ୍ଥ ରଖେ ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହି ଗବେଷଣାରେ ସାମିଲ ଥିବା ବୈଜ୍ଞାନିକ ଡକ୍ଟର ସୁଜାତା ଶର୍ମାଙ୍କ ଅନୁସାରେ, ଏକ ଜାପାନୀ କମ୍ପାନିର ସହଯୋଗରେ ଏହି ଔଷଧ ବିକଶିତ ହୋଇଛି।

ଆଖି ଯେତେବେଳେ ପର୍ଯ୍ୟାପ୍ତ ଲୁହ ବାହାର କରିପାରେ ନାହିଁ କିମ୍ବା ଏହାର ଗୁଣବତ୍ତା ଖରାପ ହୁଏ, ସେତେବେଳେ ଆଖି ଶୁଷ୍କ ହୋଇଯାଏ। ଏଭଳି ହେଲେ ଆଖି ନାଲି ପଡ଼ିବା ସହ ଜଳାପୋଡ଼ା ହୁଏ ଏବଂ ଓଜନିଆ ଲାଗେ। ଦୀର୍ଘ ସମୟ ଧରି ମୋବାଇଲ୍ ବା କମ୍ପ୍ୟୁଟର୍ ସ୍କ୍ରିନ୍ ଦେଖିବା ଅଭ୍ୟାସ ଏହି ସମସ୍ୟାକୁ ଆହୁରି ବଢ଼ାଇଦିଏ। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡକ୍ଟର ନମ୍ରତା ଶର୍ମାଙ୍କ ନେତୃତ୍ୱରେ ଏମ୍‌ସ ଆର୍‌ପି ସେଣ୍ଟର୍‌ର ପ୍ରାୟ ୨୦୦ ଜଣଙ୍କ ଉପରେ କରାଯାଇଥିବା ଏହି ପରୀକ୍ଷଣରେ ରୋଗୀମାନଙ୍କୁ ତିନି ମାସ ଧରି ପ୍ରତିଦିନ ୨୫୦ ମିଗ୍ରା ଲାକ୍ଟୋଫେରିନ୍ ଦିଆଯାଇଥିଲା ଓ ସଫଳତା ମିଳିଥିଲା। ଶୁଷ୍କ ଆଖି ପାଇଁ ଅଧିକାଂଶ ଲୋକ ଡ୍ରପ୍ କିମ୍ବା ଷ୍ଟେରୋଏଡ୍ ବ୍ୟବହାର କରିଥାନ୍ତି। ତେବେ ଏହା କେବଳ ଅସ୍ଥାୟୀ ଆରାମ ଦିଏ, ଯାହାର ପାର୍ଶ୍ୱ ପ୍ରତିକ୍ରିୟା ବି ରହିଛି। ଏ ଦିଗରେ ନୂତନ ଲାକ୍ଟୋଫେରିନ୍-ଆଧାରିତ ଚିକିତ୍ସା ନିରାପଦ ହେବ।



ଲାକ୍ଟୋଫେରିନ୍ ଏକ ପ୍ରାକୃତିକ ପ୍ରୋଟିନ୍, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ପ୍ରଦାହ ହ୍ରାସ ଓ କୋଷଗୁଡ଼ିକର ମରାମତି କରିଥାଏ। ପ୍ରାରମ୍ଭରେ ମଣିଷ କ୍ଷୀରରୁ ଏହି ପ୍ରୋଟିନ୍ ବାହାର କରିବାକୁ ଚେଷ୍ଟା ହୋଇଥିଲା। ତେବେ ସୀମିତ ଉପଲବ୍ଧତା ଓ ଅନ୍ୟ କାରଣରୁ ସମ୍ଭବ ହୋଇପାରି ନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଗାଈର କୋଲୋଷ୍ଟ୍ରମ୍‌କୁ ବିକଳ୍ପ ଭାବେ ଗ୍ରହଣ କରାଯାଇଥିଲା। ଗବେଷକଙ୍କ ଆଶା ଯେ, ଆବଶ୍ୟକୀୟ ଅନୁମୋଦନ ପରେ ଏହି ଔଷଧ ଖୁବ୍ ଶୀଘ୍ର ବଜାରରେ ଉପଲବ୍ଧ ହେବ।

# ଖରାଦିନେ ପଣସ ଖାଇଲେ ଅନେକ ଛୋଟ ବଡ଼ ରୋଗରୁ ମୁକ୍ତି ମିଳେ

ଏବେ ଚାଲିଛି ଖରାଦିନ। ବିଶେଷ ଭାବେ ଏହି ଦିନରେ ପଣସ ମାର୍କେଟରେ ସହଜରେ ମିଳିଯାଇଥାଏ। ପଣସକୁ କିଛି ଲୋକ ଖାଇବାକୁ ପସନ୍ଦ କରୁଥିବା ବେଳେ କିଛି ଲୋକ ନା ପସନ୍ଦ କରିଥାଆନ୍ତି। ଏଥିରେ ଭରପୁର ପରିମାଣରେ ଫାଇବର ରହିଛି। ଆପଣଙ୍କ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଏହା ନିହାତି ଆବଶ୍ୟକ। ଏହା ବ୍ୟତୀତ ପାଚିଲା ପଣସରେ ପ୍ରଚୁର ପରିମାଣରେ ପ୍ରୋଟିନ ବି ରହିଛି। ଏଥିରେ ଥିବା ପୋଟାସିୟମ ହୃଦରୋଗ ଜନିତ ସମସ୍ୟା ମନଙ୍କୁ ଦୁରେଇ ରଖିଥାଏ। ଆମ ଲିଭର ପାଇଁ ବି ପାଚିଲା ପଣସ ବେଶ ଉପକାରୀ। ତେବେ ଆସନ୍ତୁ ଜାଣିବା ପାଚିଲା ପଣସ ଖାଇବା ଦ୍ୱାରା ଆମ ଶରୀର ଉପରେ କଣ କଣ ପ୍ରଭାବ ପଡିଥାଏ। ପଣସରେ ରହିଛି ଭିଟାମିନ୍, ମିନେରାଲ୍ସ, ପ୍ରୋଟିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ବି, ମ୍ୟାଗ୍ନେସିୟମ୍, ମାଙ୍ଗାନିଜ ଏବଂ ଫାଇବର ଭରପୂର ମାତ୍ରାରେ ରହିଥାଏ। ଏହି ସମସ୍ତ ଉପାଦାନ ଚର୍ମ ଏବଂ ପେଟର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ। ବଦହଜମି ସମସ୍ୟାର ସମ୍ମୁଖୀନ ହେଉଥିଲେ, ପଣସ ସେବନ କରିବା ଲାଭଦାୟକ ହୋଇଥାଏ।

**ପାଚନ କ୍ରିୟାକୁ ମଜବୁତ କରେ:** ଗ୍ରୀଷ୍ମ ଋତୁରେ ଯଦି ଆପଣ ଖାଉଥିବା ଖାଦ୍ୟ ଠିକ ଭାବରେ ହଜମ ହୁଏ ନାହିଁ ତେବେ ନିଜ ଡାଏଟରେ କିଛି ପଣସ ସାମିଲ କରନ୍ତୁ। ଏହା ପାଚନ ଜନିତ ସମସ୍ୟା ଦୂର କରି ଆପଣଙ୍କ ଓଜନ ମଧ୍ୟ କମ୍ କରିବ।



**ରୋଗ ପ୍ରତିରୋଧକ ଶକ୍ତି ବଢାଏ:** ପାଚିଲା ପଣସରେ ପ୍ରଚୁର ମାତ୍ରାରେ ଭିଟାମିନ ସି ରହିଥାଏ। ଯାହା ଶରୀରରେ ଏକ ଆଣ୍ଟି ଆକ୍ସିଡେଣ୍ଟ ପରି କାମ କରେ। ଏହା ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ଶରୀର ପାଇଁ ଇମ୍ୟୁନିଟି ବୁଷ୍ଟର ପରି କାମ କରେ।

**ଲିଭର ପାଇଁ ଲାଭଦାୟକ:** ପାଚିଲା ପଣସ ଖାଇବା ଫଳରେ ଆପଣଙ୍କ ଲିଭର ବି ସୁସ୍ଥ ରୁହେ। ଏଥିରେ ଥିବା ରାଇବୋଫ୍ଲାବିନ, ଜିଙ୍କ, କପର, ନାଇସିନ ପରି ତତ୍ତ୍ୱ ଲିଭର ମଜବୁତ କରିବାରେ ସାହାଯ୍ୟ କରେ।

**ହାର୍ଟ ପାଇଁ ଲାଭଦାୟକ:** ପାଚିଲା ପଣସ ଆମ ହାର୍ଟ ପାଇଁ ବି ଲାଭକାରୀ। ଏଥିରେ ଥିବା ପୋଟାସିୟମ ବ୍ଲଡ଼ ପ୍ରେସର କଣ୍ଟ୍ରୋଲ କରିବାରେ ସାହାଯ୍ୟ କରେ।

**ଓଜନ କମ୍ କରେ:** ପାଚିଲା ପଣସରେ ଆଣ୍ଟି ଇନ୍ଫ୍ଲେମଟୋରି ଗୁଣ ମିଳିଥାଏ। ଯାହାକି ଶରୀରରେ ବଢୁଥିବା ମୋଟାପଣକୁ କମ କରେ। ଏହା ଛଡା ଏହାକୁ ରେସବେରାଷ୍ଟ୍ରଲ ନାମକ ଏକ ଆଣ୍ଟି ଆକ୍ସିଡେଣ୍ଟ ବି ପ୍ରଚୁର ପରିମାଣରେ ମିଳିଥାଏ। ଯାହାକି ରକ୍ତ ସଂଚାଳନକୁ କଣ୍ଟ୍ରୋଲ କରି ରଖିଥାଏ। ଏଥିସହ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ମଧ୍ୟ ଦୂର କରେ।

**ଆଖି ପାଇଁ ଲାଭଦାୟକ:** ଆଖି ପାଇଁ ମଧ୍ୟ ପଣସ ଖୁବ୍ ହିତକର ବୋଲି କୁହାଯାଏ। ଯଦି ଆଖି ଜନିତ ସମସ୍ୟାରୁ ରକ୍ଷା ପାଇବାକୁ ଚାହାଁନ୍ତି ତେବେ ଆପଣମାନେ ଆପଣଙ୍କ ଡାଏଟ ପ୍ଲାନରେ ପଣସ ସାମିଲ କରିପାରିବେ। ଫଳରେ ଆପଣ ଫରକ୍ ଅନୁଭବ କରିପାରିବେ।

## ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ



**ନର୍ଲା,୧୭।୪(ସଂଚାର ବ୍ୟୁରୋ)**: ସ୍ଥାନୀୟ ପ୍ରାଣୀଧନ ଚିକିତ୍ସାଳୟ ନିକଟସ୍ଥ ପଡ଼ିଆଠାରେ ନର୍ଲା ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବିଜୁ ଜନତା ଦଳର ନର୍ଲା ବ୍ଲକ ସଭାପତି ନିଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ମ.ରାମପୁରର ବିଜେଡି ବ୍ଲକ ସଭାପତି ସତ୍ୟନାରାୟଣ ସାହୁ, କର୍ଲାମୁଣ୍ଡା ବ୍ଲକ ବିଜେଡି ସଭାପତି ଯଶୋବନ୍ତ ସାହୁ, ନର୍ଲା ବ୍ଲକ ବିଜୁ ଛାତ୍ର ସଭାପତି ଘାସିରାମ ସାହୁ, ନର୍ଲା ବ୍ଲକ ମହିଳା ସଭାନେତ୍ରୀ ପ୍ରମିଳା ପଧାନ, ମ.ରାମପୁର ବ୍ଲକ ମହିଳା ସଭାନେତ୍ରୀ ତୁଳସୀ ବିଶି, କର୍ଲାମୁଣ୍ଡ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ମନ୍ଦିରା ନାଏକ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଜୟନ୍ତ ଗଉଡ, ଭବାନୀପାଣା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଦେବରାଜ ମାଝୀ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝୀ, ସମିତି ସଦସ୍ୟ ସଂଘ ସଭାପତି ଜୟ ମେହେର ପ୍ରମୁଖ ମଞ୍ଚାସୀନ ହୋଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। କଳାହାଣ୍ଡି ବିଜେଡି ଜିଲ୍ଲା ଉପସଭାପତି ସରୋଜ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଜୁ ଛାତ୍ର ଜନତା ନର୍ଲାର ସମ୍ପାଦକ ଗୋବିନ୍ଦ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ।

### ବାରମ୍ବାର ଖବର ପ୍ରସାରଣ ପରେବି ଚେତୁନି ପ୍ରଶାସନ

# ପାଣି ବୁନ୍ଦାଏ ପାଇଁ କଲବଲ ହେଉଛନ୍ତି ଗ୍ରାମବାସୀ

### ନଳକୂପ ଖନନ ପାଇଁ ଦାବି



**ଦାରିଙ୍ଗବାଡ଼ି,୧୭।୪(ସଂଚାର ବ୍ୟୁର)**: କନ୍ଧମାଳ ଜିଲ୍ଲା, ଦାରିଙ୍ଗବାଡ଼ି ବ୍ଲକ, ସିର୍କାବର୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଞ୍ଚାମାହା ଗ୍ରାମର ନାହଡ଼ିମାହା ସାହିରେ ଦେଖିବାକୁ ମିଳିଛି ପାନୀୟ ଜଳର ଉତ୍କଟ ସମସ୍ୟା। ଉକ୍ତ ସାହି ରେ ଦୀର୍ଘ ବର୍ଷ ଧରି ୧୨ ରୁ ଉର୍ଦ୍ଧ୍ୱ ପରିବାରର ୩୦ ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ସରକାର ଙ୍କ ପକ୍ଷରୁ କୌଣସି ପ୍ରକାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରା ଯାଇନଥିବା ଅଭିଯୋଗ କରିଛନ୍ତି ସାହି ବାସିନ୍ଦା। କୁହାଯାଏ ଜଳ ହିଁ ଜୀବନ। ଶରୀର ପାଇଁ ବିଶୁଦ୍ଧ ପାନୀୟ ଜଳର ଆବଶ୍ୟକ। ଏଇଥିପାଇଁ ସରକାରଙ୍କ ଅନେକ ଯୋଜନା ସତ୍ତ୍ୱେ ଏପଟେ କିନ୍ତୁ ଲୋକଙ୍କ ପାଖରେ ପହଞ୍ଚି ପାରୁନି ତା'ର ସଫଳ ରୂପାୟନ। ଯାହା ଫଳରେ ଲୋକେ ଆଜି ବି ବିଶୁଦ୍ଧ ପାନୀୟ ଜଳ ଅଭାବରୁ ଦୂଷିତ ଚୂଆ ପାଣି ଉପରେ ନିର୍ଭର କରୁଛନ୍ତି।ସେହି ଚୂଆ ପାଣିକୁ ବ୍ୟବହାର କରି ଅନେକ ଶିଶୁ ଓ ବୟସ୍କ ରୋଗାଗ୍ରସ୍ତ ହେବା ସହ ଅମୂଲ୍ୟ ଜୀବନ ହାରିଛନ୍ତି ଓ ହରାଉଛନ୍ତି ମଧ୍ୟ। ତଥାପି ପ୍ରଶାସନ ଘୋର ନିଦ୍ରାରେ। ଏହି ନାହଡ଼ିମାହା ସାହିର ସମସ୍ୟା କୁ ନେଇ ସ୍ଥାନୀୟ ୱାର୍ଡ଼ମେମ୍ବର, ସରପଞ୍ଚ, ସମିତିସଭ୍ୟ ତଥା ବ୍ଲକ ପ୍ରଶାସନକୁ ଲିଖିତ ଏବଂ ମୌଖିକ ଭାବେ ବାରମ୍ବାର ଅଭିଯୋଗ କରିଥିଲେ ସୁଧା କୌଣସି ସୁଫଳ ମିଳି ପାରୁନାହିଁ। ଏଠି ସାଧାରଣରେ ପ୍ରଶ୍ନ ଉଠେ, ପ୍ରଶାସନ ଜାଣି ଜାଣି ଅଜଣା ନା' ଉକ୍ତ ସାହିର ଜନସାଧାରଣଙ୍କ ପ୍ରତି ଉଦାସୀନତା? କାରଣ ଦୀର୍ଘ ଦିନର ସମସ୍ୟା ଆଜି ବି ଅବହେଳିତ।ବାଞ୍ଚାମାହା ଗ୍ରାମର ସଲାଗୁଡ଼ି ସାହିର ଭୌଗୋଳିକ ପରିସ୍ଥିତି ଅତି ସାଂଘାତିକ। ସତେ ଯେମିତି ଅଭିଶପ୍ତ ଗାଆଁ ଟିଏ। ଏଠାରେ ନା' ଭଲ ରାସ୍ତାଟିଏ ଅଛି ନା' ବିଶୁଦ୍ଧ ପାନୀୟ ଜଳର ଯୋଗାଣ? ଲୋକେ ନିଜର ଜୀବନ ବଞ୍ଚାଇବା ପାଇଁ ବାଧ୍ୟ ହୋଇ ଦୂଷିତ ଚୂଆ ପାଣି ଓ ନାଳ ପାଣି ଉପରେ ନିର୍ଭର କରି ଆସୁଛନ୍ତି। ବର୍ଷା ଦିନର ସମସ୍ୟା ନ କହିବା ଭଲ। କାରଣ ବର୍ଷା ଦିନରେ ଏଠି ଯାନ ରେ ଯିବା ତ ଦୂରର କଥା। ପାଦରେ ଚାଲିକି ଯିବା ମଧ୍ୟ କଷ୍ଟକର। ମାଟି ରାସ୍ତା ଯୋଗୁଁ ସମସ୍ୟା ଆହୁରି ଦ୍ୱିଗୁଣ।ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶର ଚିତ୍ର ଏଭଳି। ତଥାପି ଏହି ସମସ୍ୟା ପ୍ରତି ପ୍ରଶାସନ ଆଜି ବି ନିଦାବିଷ୍ଟ। ଏପଟେ ଉକ୍ତ ସାହିର ର ନିତ୍ୟାନନ୍ଦ ପାଟମାଝୀ, ପ୍ରମୋଦ ପ୍ରଧାନ, ଶ୍ରମିକ ସୁନାମାଝି, ଲଙ୍କେଶ୍ୱର ସୁନାମାଝି, ହର୍ଷାନନ୍ଦ ପାଟମାଝୀ, କପିଳ ପ୍ରଧାନ, ସୁଦାମ ପ୍ରଧାନ ସମେତ ସାହି ବାସିନ୍ଦା ଉକ୍ତ ସାହି ରେ ଏକ ନୂତନ ନଳକୂପ ଖନନ ନିମନ୍ତେ ଦାବି କରିଛନ୍ତି। ଯଦି ଏହି ସମସ୍ୟାକୁ ତୁରନ୍ତ ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ଏବଂ ଆଗକୁ ଥିବା ପଞ୍ଚାୟତ ଭୋଟ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି ସାହି ବାସିନ୍ଦା।

## ଖେଦାପଡାରେ ସ୍ୱତନ୍ତ୍ର ଗ୍ରାମସଭା: ଉନ୍ନୟନ ଓ ମହିଳା ସଶକ୍ତିକରଣ ଉପରେ ଜୋର



**କୋଲନରା,୧୭।୪(ସଂଚାର ବ୍ୟୁରୋ)**: ରାୟଗଡ଼ା ଜିଲ୍ଲାର କୋଲନରା ବ୍ଲକ ଅନ୍ତର୍ଗତ ଖେଦାପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲିଙ୍ଗରାଜ ତାଡିଙ୍ଗିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ଏଡିଓ ରାଧାନାଥ ସରଙ୍ଗୀ, ସରପଞ୍ଚ ନରସିଂହ କିଲାକା, ନାଏବ ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ଅଞ୍ଚଳର ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ସଭାରେ ପଞ୍ଚାୟତର ପ୍ରତ୍ୟେକ ୱାର୍ଡର ସମସ୍ୟାକୁ ପ୍ରାଥମିକତା ଦେଇ ଆଲୋଚନା କରାଯାଇଥିଲା। ବିଶେଷକରି ପାନୀୟଜଳ, ରାସ୍ତାଘାଟ, ସ୍ୱାସ୍ଥ୍ୟ ସେବା ଓ ସମଗ୍ର ଅଞ୍ଚଳର ବିକାଶ ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ ଉପରେ ଗୁରୁତ୍ୱ ସହ ଚର୍ଚ୍ଚା ହୋଇଥିଲା। ଏହାସହିତ ମହିଳାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଭାଗିଦାରୀକୁ ବୃଦ୍ଧି କରିବା, ସେମାନଙ୍କୁ ସ୍ୱାବଲମ୍ବୀ କରିବା ଓ ଆତ୍ମନିର୍ଭର ନାରୀ ଗଠନ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସଶକ୍ତ ନାରୀ, ସଶକ୍ତ ଭାରତ ଲକ୍ଷ୍ୟକୁ ସାକାର କରିବା ପାଇଁ ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିବା ସୂଚନା ମିଳିଛି।

## ବିଜେଡି ତରଫରୁ ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳନ



**ବୈଶିଙ୍ଗା, ୧୭।୪ (ସଂଚାର ବ୍ୟୁରୋ)**: ଜାତୀୟ ସ୍ତରର ଜଣେ ବିଶିଷ୍ଟ ରାଜନେତା, ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପୁଣ୍ୟତିଥିରେ ବେତନଟୀ ଡାକ ବଙ୍ଗଳା ଠାରେ ବ୍ଲକ ସଭାପତି ଶ୍ରୀଯୁକ୍ତ ରାଜୀବ ସେନାପତି ଙ୍କ ଅଧ୍ୟକତା ରେ ଅନୁଷ୍ଠିତ ହଇଯାଇଅଛି, ଏହି କାର୍ଯ୍ୟକ୍ରମ ରେ ବେତନଟୀ ର ୩୫ ନମ୍ବର ଜୋନ ଜିଲ୍ଲା ପରିଷଦ ବିଶ୍ୱନାଥ ହେମ୍ବ୍ରମ, ୩୬ ନମ୍ବର ଜୋନ ଜିଲ୍ଲା ପରିଷଦ ସବିତା ଦାସ, ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ଧାନୀକିସ୍କୁ, ଜ୍ୟୋତି ସାମଲ, ସୁଶାନ୍ତ ବୋଲା, ହରେକୃଷ୍ଣ ବେହେରା, ରାଜେନ ଦାସ ଶ୍ରୀଧର ପଣ୍ଡିତ, ପରେଶ ବେହେରା, ସୁନ୍ଦର ମହାନ୍ତ, ତପନ ଭାଇ, କିଶୋର କୁମାର ନାୟକ, ଚିନୁ ନନା, ଓ ବ୍ଲକ ଛାତ୍ର ସଭାପତି ମନୀସ କୁମାର ଗିରି ଙ୍କ ସମେତ ମାନୁ ସାହୁ, ସୌରଭ ପରିଡା, ଅମର ପଣ୍ଡା, ଜୀବନ ଦାଶ, ସଞ୍ଜୟ ହାଁସଦା, ଆଶିଷ ବେହେରା, ଭୀଷ୍ମ ମହାନ୍ତ, ଡାକ୍ତର ବେହେରା ଇତ୍ୟାଦି ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିଜୁ ବାବୁ ଙ୍କ ଫଟ ରେ ପୁଷ୍ପମାଳ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏବଂ ତା ସହିତ ବେତନଟୀ ଡାକ୍ତର ଖାନା ରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

### ବ୍ଲକରେ ମନ୍ତ୍ରୀ ସାଂସଦଙ୍କ ଛାୟା ଯୁଦ୍ଧ !

# ଖୁବଶୀଘ୍ର ବଦଳିପାରନ୍ତି ତିର୍ତ୍ତୋଲ ବିଡିଓ



**ଜଗତସିଂହପୁର,୧୭।୪(ସଂଚାର ବ୍ୟୁରୋ)**: ଜିଲ୍ଲା ତିର୍ତ୍ତୋଲ ବିଡିଓ ଙ୍କ ପାଇଁ ଏବେ ବିଜେପି ସଂଗଠନ ଦୃବଳ ହେବାରେ ଲାଗିଛି ବୋଲି ଶୁଣିବାକୁ ମିଳୁଛି। ରାଜ୍ୟରେ ବିଜେପି ସରକାର ଆସିଲା ପରେ କଣ୍ଟାବାଞ୍ଜି ରୁ ପଦ ଉନ୍ନତି ପାଇଁ ବିଡିଓ ଭାବରେ ପ୍ରଥମ କରି କାର୍ଯ୍ୟ ଆରମ୍ଭ କରିଥିବା ତିର୍ତ୍ତୋଲ ବିଡିଓ ଆସିବା ପୂର୍ବରୁ ମନ୍ତ୍ରୀ ଙ୍କ ପାଖରେ ଯେଉଁ ସବୁ ସର୍ତ୍ତ ରଖି ଆସିଥିଲେ ତାହା ଏବେ ବିପରୀତ ଦିଗରେ ଗତି କରୁଛି। ଯାହାକି ତିର୍ତ୍ତୋଲ ବ୍ଲକ୍ ରେ ମନ୍ତ୍ରୀ ଙ୍କ କାର୍ତି କମି କମି ଯିବା ଓ ବିଡିଓ ସାଂସଦ ଙ୍କ କଥାରେ ପରି ଚାଳିତ ହେଉଥିବା ମନ୍ତ୍ରୀଙ୍କ ପାଖି ଲୋକ ଟୁପୁରୁ ଟପୁରୁ ହେଉଥିବା ଶୁଣିବାକୁ ମିଳିଛି। ବିଜେଡି ଗଡ଼ କୁହାଯାଉଥିବା ତିର୍ତ୍ତୋଲ ବ୍ଲକ ଏବେ ପୂର୍ବପରି ସେହି ବିଜେଡି ଦବ ଦବା ରଖିଥିବା ବେଳେ ସରକାର ରେ ବିଜେପି ଥାଇ ମଧ୍ୟ ବିଜେଡି ଏବେ ବ୍ଲକ ରେ ଆହୁରି ଶକ୍ତିଶାଳୀ ହେଉଥିବା ବେଳେ ବିଜେପି ସାଂସଦ ଓ ମନ୍ତ୍ରୀ କର୍ମୀଙ୍କ ମଧ୍ୟରେ ଛାୟା ଯୁଦ୍ଧ ହାଟରେ ପଡ଼ି ଦାଣ୍ଡରେ ଗଡୁଥିବା ଦେଖା ଦେଇଛି। ଏଠି ବିଡିଓ ମହାଶୟ କେବଳ ସାଂସଦ କଥାରେ ତାଙ୍କ ଲୋକଙ୍କୁ ଅଧିକ ବିଶ୍ୱାସ କୁ ନେଉଥିବା ବେଳେ ମନ୍ତ୍ରୀଙ୍କ ଲୋକଙ୍କୁ ଭିତିରି ଚେକ୍ ଦେଉଥିବା କର୍ମି ମାନଙ୍କ ଠାରୁ ଶୁଣିବାକୁ ମିଳୁଛି। ଏମିତି କି ମନ୍ତ୍ରୀ ଦେଇଥିବା ଲାଇଟ୍, ପ୍ରୋଜେକ୍ଟ, ସି.ଏସ.ଆର୍.ଫଣ୍ଡ ଓ ଏ.ସ୍ପି.ଏଫ ଫଣ୍ଡ କୁ ଟେଣ୍ଡର କରିଦେବେ ବୋଲି ଧମକ ଦେଉଥିବା କହିଛନ୍ତି ଖୋଦ୍ ବିଜେପି ନେତା ଓ କର୍ମୀ ! ଯାହାକୁ ନେଇ ବିଜେପି ତିର୍ତ୍ତୋଲ ବ୍ଲକ ରେ ଦୁଇ ଗୋଷ୍ଠି ହୋଇଥିବା ବେଳେ, କର୍ମୀ ଙ୍କ ମଧ୍ୟରେ ଚାପା ଉତ୍ତେଜନା ମନୋଭାବ ଦେଖା ଦେଇଛି। ଏହାକୁ ନେଇ ମନ୍ତ୍ରୀ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ର କିଛି ତାଙ୍କ ଲୋକଙ୍କୁ ଡାକି ପଚରା ଉଚରା କରିଥିବା ଭିତିରି ସୁତ୍ରରୁ ପ୍ରକାଶ। ମନ୍ତ୍ରୀ ଏହାକୁ ଗୁରୁତର ସହ ନେଇଥିବା କୁହା ଯାଉଥିବା ବେଳେ ଖୁବଶୀଘ୍ର ବିଡିଓ ଜିଲ୍ଲା ପାର ହୋଇପାରନ୍ତି ବୋଲି ବିଜେପି କର୍ମୀ ଙ୍କ ମଧ୍ୟରେ ଟୁପୁରୁ ଟାପୁରୁ ହେଉଥିବା ଶୁଣିବାକୁ ମିଳୁଛି। ଦେଖାଯାଉ ଆଗାମୀ ଦିନରେ ଏହା ମନ୍ତ୍ରୀ ଙ୍କ ପାଇଁ କିଭଳି ଭାବରେ ଚାଲେଞ୍ଜ ସହ ତାଙ୍କ କର୍ମି ଙ୍କ ପାଇଁ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

### ● ସୁଧରେ ଟଙ୍କା ଦେଉଥିବା ବ୍ୟକ୍ତି ଘରେ ଚଢ଼ାଉ

## ଅଟୋ, ୨୦ ବାଇକ ଉଦ୍ଧାର



**ବୈଶିଙ୍ଗା,୧୭।୪(ସଂଚାର ବ୍ୟୁରୋ)**: ବୈଶିଙ୍ଗା ଥାନା ଅର୍ନ୍ତଗତ ରଙ୍ଗାମାଟିଆ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ଗୁରୁବାର ରାତି ୯ଟା ସମୟରେ ପୋଲିସର ଏକ ଟିମ ଅଚାନକ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ବିଭିନ୍ନ କମ୍ପାନୀର ୨୦ ଟି ବାଇକ ଓ ଗୋଟିଏ ଡିଜେଲ ଅଟୋ ଜବତ କରାଯାଇଥିଲା। ତେବେ ମିଳିଥିବା ସୂଚନା ଅନୁଯାଇ ଅଜିତ କୁମାର ଦାଶ ନାମକ ଯୁବକ ବେଆଇନ ଭାବେ ଲୋକଙ୍କ ଠାରୁ ଗାଡି ବନ୍ଧକ ରଖି ଟଙ୍କା ସୁଧରେ ଦେଇଥାନ୍ତି। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଏହି ଚଢ଼ାଉ କରିଥିଲା। ତେବେ ତଦନ୍ତ ସମୟରେ ଗାଡ଼ି ବନ୍ଧକ ଦେଇଥିବା ନେଇ ଗାଡ଼ି ମାଲିକଙ୍କ ଲିଖିତ ଚୁକ୍ତିନାମା ପୋଲିସ ନିକଟରେ ଉପସ୍ଥାପନ କରିଥିଲେ ଅଜିତ। ସେହି ଚୁକ୍ତିନାମା ଗୁଡିକ ବାବଦରେ ଶୁକ୍ରବାର ଟିକିନିଖି ଯାଞ୍ଚ କରାଯାଇଥିଲା। ଏହାକୁ ନେଇ ପୋଲିସ ପକ୍ଷରୁ ୧୮୬ ନଂ ରେ ଏକ ମାମଲା ରୁଜୁ କରାଯାଇଛି ଓ ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ଥାନାକୁ ଡକାଯାଇ ବନ୍ଧକ ରଖିଥିବା ଗାଡ଼ି ଗୁଡ଼ିକ ସେମାନଙ୍କୁ ଫେରାଇ ଦେବାକୁ ପଦକ୍ଷେପ ନିଆଯାଉଥିବା କହିଛନ୍ତି ଥାନାଧିକାରୀ ବାରିଣୀ ଦାସ। ଅଟକ ରଖାଯାଇଥିବା ଅଜିତ କୁମାର ଦାଶଙ୍କୁ ନୋଟିସ ଜାରି କରାଯାଇ ଥାନାରୁ ଜାମିନରେ ଛଡ଼ା ଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ପଲିଟେକ୍ନିକ କଲେଜରେ ଉତ୍ତେଜନା

# ଅଧ୍ୟକ୍ଷଙ୍କ ବଦଳି ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



**ସୁବର୍ଣ୍ଣପୁର, ୧୭।୪(ସଂଚାର ବ୍ୟୁରୋ)**: ସୋନପୁର ସ୍ଥିତ ସରକାରୀ ପଲିଟେକ୍ନିକ ର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ସେମାନେ ପଲିଟେକନିକ୍ କ୍ୟାମ୍ପସ ଠାରୁ ପ୍ରିନ୍ସିପାଲ ଙ୍କ ବିରୁଦ୍ଧରେ ନାରାବାଜି କରିବା ସହ ପ୍ରାୟ ୪ କିଲୋମିଟର ଦୂର ଚାଲି ଚାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ପହଞ୍ଚିଥିଲେ। ପରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଙ୍କୁ ଦାବୀ ଜଣାଇବା ସହ ଆଜିହିଁ ଅଧ୍ୟକ୍ଷଙ୍କୁ ବଦଳି କରିବାକୁ ଜିଦ୍ ଧରି ବସି ପଡ଼ିଥିବା ବେଳେ ଜିଲ୍ଲାପାଳ ଙ୍କ ସହ ଉପଜିଲ୍ଲାପାଳ ସୋମ୍ୟାରୁପା ରଥ, ଏସପି ନାରାୟଣ ନାୟକ ଏବଂ ଏସଡିପିଓ କଲ୍ୟାଣୀ ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ସହ ଆମ ଦ୍ୱାରା ଯାହା ସମ୍ଭବ ନିଶ୍ଚୟ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ସୂଚନା ଯୋଗ୍ୟ ଯେ ଗତ ବୁଧବାର ଦିନ ପଲିଟେକନିକ୍ କ୍ୟାମ୍ପସ୍ ଠାରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ହୋହାଲ୍ଲା କରିଥିଲେ। ପ୍ରିନ୍ସିପାଲ ହାଏ ହାଏ... ପ୍ରିନ୍ସିପାଲ୍ ଗୋ ବ୍ୟାକ୍... ନାରାରେ କମ୍ପିଥିଲା କ୍ୟାମ୍ପସ। ହଷ୍ଟେଲରେ ଅବ୍ୟବସ୍ଥାକୁ ନେଇ ଛାତ୍ରୀ ଓ ଅଭିଭାବକମାନେ ଅଧ୍ୟକ୍ଷଙ୍କୁ ଦାୟୀ କରିଛନ୍ତି। ଅଧ୍ୟକ୍ଷ ଙ୍କ ମାତ୍ରାଧିକ ମନମାନୀ ଯୋଗୁଁ ଅଶାନ୍ତ ହୋଇ ପଡ଼ିଛି ଏହି ଶିକ୍ଷାନୁଷ୍ଠାନ। ସେମାନଙ୍କ ଅଭିଯୋଗ ଅନୁସାରେ ହଷ୍ଟେଲରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟରେ ପୋକ ବାହାରୁଥିବା ନେଇ ଅନେକ ଥର ଅଭିଯୋଗ ହୋଇଥିଲା। ଏହାକୁ କେହି କର୍ଣ୍ଣପାତ କରୁ ନ ଥିଲା ବେଳେ ଓଲଟା ବାହାର ଜିଲ୍ଲାରୁ ଆସି ରହୁଥିବା କିଛି ଛାତ୍ର ଏହା ତୁମ ମୁଣ୍ଡ ର ଉକୁଣୀ ହୋଇଥିବ ଆହୁରି ଅନେକ ଅଶ୍ଳୀଳ କଥା କହି କମେଣ୍ଟ କରି କହୁଛନ୍ତି। ଏଥିସହ ରାତି ଅଧରେ ଚେକିଂ ନାମରେ ଛାତ୍ରୀଙ୍କ ରୁମ୍ ଭିତରକୁ ଅଧ୍ୟକ୍ଷ ତଥା ପୁରୁଷ କର୍ମଚାରୀମାନେ ପ୍ରବେଶ କରୁଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଯାହାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖା ଦେଇଥିଲା।

## ୧୯ରେ ପର୍ଶୁରାମ ପ୍ରତିମୂର୍ତ୍ତି ଅନାବରଣ




**ବଲାଙ୍ଗିର,୧୭।୪(ସଂଚାର ବ୍ୟୁରୋ)**: ଆସନ୍ତା ୧୯ ତାରିଖ ରବିବାର ଦିନ ଚିରଞ୍ଜିବି ଭଗବାନ ଶ୍ରୀ ଶ୍ରୀ ପର୍ଶୁରାମ ଜନ୍ମୋତ୍ସବ ଉପଲକ୍ଷେ ଜିଲ୍ଲା ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ବାହିନୀ ଆନୁକୂଲ୍ୟରେ ସରକାରୀ ପ୍ରୋତ୍ସାହନ ଦ୍ୱାରା ବିଶେଷତଃ ବଲାଙ୍ଗୀର ପୌର ପରିଷଦ ଓ ସ୍ଥାନୀୟ ଲୋକ ପ୍ରତିନିଧି କଳିକେଶ ନାରାୟଣ ସିଂଦେଓଙ୍କର ପ୍ରତ୍ୟକ୍ଷ ସହାୟତାରେ ପର୍ଶୁରାମ ଛକ ଠାରେ ଏକ ସୁଉଚ୍ଚ ବିଶାଳକାୟ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ କରାଯିବ। ଜିଲ୍ଲା ବ୍ରାହ୍ମଣ ମହାସଭା ର ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠୀ, ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ ଓ ପର୍ଶୁରାମ ବାହିନୀର ସଭାପତି ବିଧୁ ଭୂଷଣ ତ୍ରିପାଠୀ ଓ ପର୍ଶୁରାମ କମିଟିର ଆବାହକ ଶିବ ଶଙ୍କର ଖୁଆସଙ୍କ ଏକ ଖବରଦାତା ସମ୍ମିଳନୀ ରେ ପ୍ରକାଶ କରିଛନ୍ତି। ସେମାନେ ଆହୁରିମଧ୍ୟ କହିଛନ୍ତି ଯେ, ଉକ୍ତ ଉତ୍ସବର ସୁ ପରିଚାଳନା ପାଇଁ ବିଭିନ୍ନ କମିଟି ଗୁଡିକ ଗଠନ କରାଯାଇଅଛି ଏବଂ ଏହି କାର୍ଯ୍ୟକ୍ରମ ରେ ବଲାଙ୍ଗୀର ଜନସାଧାରଣ ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସମାଜ ବର୍ଗ ଓ ସହରର ବିଭିନ୍ନ ଅନୁଷ୍ଠାନ ଯୋଗଦାନ କରି ସଫଳ କରିବାକୁ ନିବେଦନ କରିଛନ୍ତି। ପ୍ରଥମେ ପ୍ରାତଃ ଆଠଟା ସମୟରେ ଶ୍ରୀ ନୃସିଂହ ମନ୍ଦିର ଠାରେ ଭଗବାନ ଶ୍ରୀପର୍ଶୁରାମଙ୍କର ଜନ୍ମୋତ୍ସବ ପାଳନ ହେବ ଓ ଏଥିରେ କର୍ତ୍ତା ହିସାବରେ ବ୍ରାହ୍ମଣ ସମାଜର ସହ ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ ଓ ତାଂକ ପତ୍ନୀ ମେନକା ତ୍ରିପାଠୀ ଓ ପୂଜାବିଧି ପାଇଁ କର୍ମକାଣ୍ଡି ପଣ୍ଡିତ ସନ୍ତୋଷ ମିଶ୍ରଙ୍କ ଦ୍ୱାରା ସମାହିତ ହେବ। ପରେ ଏକ ବିରାଟ ମୋଟର ସାଇକଲ ଯାତ୍ରାରେ ବାହାରି ଆରଟିଓ କାର୍ଯ୍ୟାଳୟ ନିକଟସ୍ଥ ପର୍ଶୁରାମ ଛକ ଠାରେ ଭଗବାନ ପର୍ଶୁରାମଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ଅନାବରଣ କରାଯିବ।

## ବିଦ୍ୟାଳୟରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୭।୪(ସଂଚାର ବ୍ୟୁରୋ)**: ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଅନ୍ତର୍ଗତ ଶୁଭେଶ୍ୱର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ହରଡଖୋଲଠାରେ ୨୦୧୦ ମ୍ୟାଟ୍ରିକ ବ୍ୟାଚ୍ ର ବନ୍ଧୁ ମିଳନ ଅବସରରେ ବିଦ୍ୟାଳୟରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୨୦୧୦ମ୍ୟାଟ୍ରିକ୍ ବ୍ୟାଚ୍ ର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ପ୍ରକୃତି ପ୍ରେମୀ ବିକ୍ରମ କୁମାର ନନ୍ଦ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ପରିବେଶ ସୁରକ୍ଷାରଗୁରୁତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ, ସୋନପୁର ଲୁସି ପ୍ରିୟଦର୍ଶିନୀ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ, ବୃକ୍ଷ ରୋପଣ ଉପରେ ସଚେତନ କରାଇଥିଲେ। ମୁଖ୍ୟବକ୍ତା ଭାବେ ଲକର୍ମା ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବେହେରା, ଗପ, କବିତା ଓ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ବନ୍ୟଜନ୍ତୁ ସୁରକ୍ଷା ଏବଂ ଜଙ୍ଗଲ ସଂରକ୍ଷଣ ପାଇଁ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବରେ ଦୟାସରାବନୀ ଯୋଗ ଟ୍ରଷ୍ଟର ସମ୍ପାଦକ ଡଃ ହୃଷିକେଶ ଦେହୁରୀ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ଅତିଥିମାନଙ୍କୁ ଶ୍ରୀମଦ୍ ଭାଗବତ ଗୀତା ପ୍ରଦାନ କରିଥିଲେ।ବିଦ୍ୟାଳୟର ଶିକ୍ଷକ ମନୋଜ ଦାସ, ଯଶୋବନ୍ତ ପୁଟେଲ୍, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ରଣା, ସଚ୍ଚିଦାନନ୍ଦ ବାଘ, ସୂର୍ଯ୍ୟ କୁମାର ମିଶ୍ର, ଅଜୟ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ କରାଇଥିଲେ।

## ଭୁବନେଶ୍ୱର ବେହେରାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ



**ସୁବର୍ଣ୍ଣପୁର,୧୭।୪(ସଂଚାର ବ୍ୟୁରୋ)**: ସୁବର୍ଣ୍ଣପୁର ସଂସ୍କୃତି ଭବନରେ ଓଡ଼ିଆ ସାହିତ୍ୟର ପ୍ରଖର ଗଦ୍ୟଶିଳ୍ପୀ ଭୁବନେଶ୍ୱର ବେହେରାଙ୍କ ସ୍ମୃତିରେ ଏକ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଗଭୀର ଶ୍ରଦ୍ଧା ଓ ଗାମ୍ଭୀର୍ଯ୍ୟତାର ସହିତ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସାହିତ୍ୟ ଏକାଡେମୀ ଓ ମହାନଦୀ ସାହିତ୍ୟ ସଂସଦର ସଂଯୁକ୍ତ ପ୍ରୟାସରେ ଏହି ସାରସ୍ୱତ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ଼ଃ ପବନ କୁମାର ଅଗ୍ରୱାଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଭୁବନେଶ୍ୱର ବେହେରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଉଦବୋଧନରେ ସେ ବେହେରାଙ୍କ ଗଳ୍ପ ସାହିତ୍ୟ, ଗଦ୍ୟଶୈଳୀ ଓ ସମାଜଜୀବନ ସହିତ ତାଙ୍କ ରଚନାର ଗଭୀର ସମ୍ପର୍କକୁ ଉଲ୍ଲେଖ କରିଥିଲେ। ଆଲୋଚକମାନେ ବେହେରାଙ୍କ ସାହିତ୍ୟରେ ଗ୍ରାମୀଣ ଜୀବନ, ସାମାଜିକ ବିରୋଧାଭାସ ଓ ମନୁଷ୍ୟର ଆନ୍ତରିକ ଭାବନାର ସଂବେଦନଶୀଳ ପ୍ରତିଛବିକୁ ଉଚ୍ଚ ସ୍ଥାନ ଦେଇଥିଲେ। ସେମାନେ ମତ ପ୍ରକାଶ କରିଥିଲେ ଯେ, ଏହି ବୈଶିଷ୍ଟ୍ୟ ତାଙ୍କୁ ଓଡ଼ିଆ ଗଦ୍ୟ ସାହିତ୍ୟରେ ସ୍ୱତନ୍ତ୍ର ପରିଚୟ ଦେଇଛି।

## ଜଳଛତ୍ର ଖୋଲିବ କେବେ

**କଣାସ,୧୭।୪(ସଂଚାର ବ୍ୟୁରୋ)**: ପ୍ରତ୍ୟେକ ବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନର ସୁରକ୍ଷା ପାଇଁ ରାଜ୍ୟସରକାର ଅଧିକ ଗୁରୁତ୍ୱ ଦେଉଥିବା ବେଳେ ପ୍ରତିଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ନିର୍ଦ୍ଦେଶ ଦଉଛନ୍ତି। ଜିଲ୍ଲାପାଳମାନେ ପ୍ରତ୍ୟେକ ବ୍ଲକର ବିଡିଓମାନଙ୍କୁ କିପରି ଟ୍ୟାଙ୍କର ଯୋଗେ ପାନୀୟଜଳ ମିଳୁନଥିବା ଗ୍ରାମରେ ପାନୀୟଜଳ ବଣ୍ଟା ଯିବ ଏବଂ ପ୍ରତେକ ଗ୍ରାମର ଛକଜାଗାମାନଙ୍କରେ ପଞ୍ଚାୟତ ଓ ରୋଗୀକଲ୍ୟାଣ ସମିତି ପକ୍ଷରୁ ଜଳଛତ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଥାଏ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଅତ୍ୟାଧିକ ହେଉଥିବା ବେଳେ କଣାସ ବ୍ଲକରେ ଜଳଛତ୍ର ଖୋଲାଯାଇନାହିଁ। ଏ ସମ୍ପର୍କରେ କଣାସ ମଣ୍ଡଳ ଉନ୍ନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେକୁହନ୍ତି ମୁଁ ସମସ୍ତ ସରପଞ୍ଚ ଏବଂ ଗାଁକଲ୍ୟାଣ ସମିତିକୁ ପତ୍ର ମାଧ୍ୟମରେ ଜଣାଇଦେଇଛି। ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ସହିତ ଛକଜାଗାମାନଙ୍କରେ ଜଳଛତ୍ର ଖୋଲିବାକୁ। ଶୀଘ୍ର ଜଳଛତ୍ର ଖୋଲାଯିବ।

## ଉପଭୋକ୍ତା ଗ୍ୟାସ ନ ପାଇ ହନ୍ତସନ୍ତ



**କଣାସ,୧୭।୪(ସଂଚାର ବ୍ୟୁରୋ)**: ଇରାନ୍-ଆମେରିକା ଯୁଦ୍ଧ ଆରମ୍ଭ ଠାରୁ ଭାରତରେ ଗ୍ୟାସ ସଂଙ୍କଟ ଦେଖାଯାଇଥିବା ବେଳେ ଗ୍ୟାସ ନେଇଥିବା ପରିବାର ଗ୍ୟାସ ନ ପାଇ ଦୈନ ଅବସ୍ଥା ଭୋଗ କରୁଥିବା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କଣାସ ବ୍ଲକରେ। କଣାସ ବ୍ଲକରେ ଖଣ୍ଡହତା ଠାରେ ଥିବା ଏଚ୍‌ପି ଗ୍ୟାସ ବିତରକ ଗୋଦାମ ଆଗରେ ଶହଶହ ଗ୍ୟାସ ଉପଭକ୍ତା ଗ୍ୟାସ ନ ପାଇ ଆଜି ଗ୍ୟାସ ବିତରଣ ଗୋଦାମ ଆଗରେ ବସିରହିଥିବା ବେଳେ ଦିନତମା ଗ୍ୟାସ୍ ବିତରଣ କରୁଥିବା ବ୍ୟକ୍ତି ଗୋଦାମରେ ଚାବି ପକାଇଦେଇ କେଉଁ ଆଡେ ଚାଲିଯାଇଥିବା ଧାରଣାରେ ବସିଥିବା ବ୍ୟକ୍ତିମାନେ କୁହନ୍ତି। ଗଡ଼ସାହି ଗ୍ରାମର ମହିଳା ସଚଳା ମଲ୍ଲିକ ଗ୍ୟାସ ବୁକିଙ୍ଗି କରିଥିଲେ ୮ଦିନ ହେଲା ତାଙ୍କ ପାଖକୁ ଓଟିପି ଆସିଛି। ସେହିପରି ପରିମାଣ୍ଡିପୁରର ଭଗବାନ ପରିଡ଼ା ଗ୍ୟାସ ବୁକିଙ୍ଗି କରିଥିଲେ ୮ଦିନ ହେଲା ତାଙ୍କ ନିକଟକୁ ଓଟିପି ଆସିଛି। ଖଣ୍ଡହତା ଗ୍ରାମର ପ୍ରମୋଦ ପ୍ରଧାନ ଗ୍ୟାସ୍ ବୁକ୍ କରିଥିଲେ ୩ଦିନ ହେଲା ତାଙ୍କ ଓଟିପି ଆସିଲାଣି। ଯେଉଁ ମାନଙ୍କର ୮ଦିନ ହେଲା ଓଟିପି ଆସିଲାଣି ସେମାନେ ୮ଦିନ ହେଲା ଦୈନନ୍ଦିନ ଗ୍ୟାସ୍ ପାଇଁ ଡ଼ିପକୁ ଦୌଡୁଛନ୍ତି। ବିତରକ ସବୁବେଳେ ଗ୍ୟାସ୍ ଆସିନାହିଁ କହି ଫେରାଇଦେଉଛନ୍ତି। ଆଜି ଶତାଧିକ ବ୍ୟକ୍ତି ଗୋଦାମ ଆଗରେ ଦିନତମାମ ବସିରହିଛନ୍ତି। ଜିଲ୍ଲାପାଳ ଏଥି ପ୍ରତି ଦୃଷ୍ଟିଦେବାକୁ ଗ୍ୟାସ୍ ଉପଭକ୍ତାମାନେ ଦାବିକରିଛନ୍ତି।

### ସମସ୍ୟା ନେଇ ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ସିନ୍ଧିଭଟା ଗ୍ରାମବାସୀ

# ବର୍ଷ ବର୍ଷ ଧରି ଲାଗିରହିଛି ପାଣି ସମସ୍ୟା



**ଲାଞ୍ଜିଗଡ଼, ୧୭।୪(ସଂଚାର ବ୍ୟୁରୋ)**: ଲାଞ୍ଜିଗଡ଼ ବ୍ଲକରେ ୨୬ ଗୋଟି ପଞ୍ଚାୟତ ରହିଥିବା ବେଳେ ଏବେବି ଅନେକ ଗୁଡ଼ିଏ ଗାଁରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚି ପାରି ନାହିଁ। ଯାହାଦ୍ୱାରା ପାଣି ବୁନ୍ଦାଏ ପାଇଁ ଲୋକେ ନାହିଁ ନ'ଥିବା ଅସୁବିଧା ଭୋଗୁଥିବା ବେଳେ ଆଜି ବିଜେପୁର ପଞ୍ଚାୟତ ସିନ୍ଦିଭଟା ଗ୍ରାମବାସି ଲାଞ୍ଜିଗଡ଼ ବିଡିଓ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ସିନ୍ଦିଭଟାରେ ୬୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଥିବାବେଳେ ଗାଁରେ ତିନିଟି ନଳକୂପ ରହିଥିଲେ ମଧ୍ୟ ସେଥିମଧ୍ୟରୁ ଦୁଇଟି ନଳକୂପରେ ପ୍ରଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନ'ଥିବାରୁ ଗୋଟିଏ ନଳକୂପରେ ୬୦ପରିବାର ନିର୍ଭର କରୁଛନ୍ତି। ତେବେ ଗୋଟିଏ ନଳକୂପରୁ ୬୦ଘର ପରିବାରକୁ ପାଣି ନିଅଣ୍ଟ ହେଉଛି। ଏନେଇ ପୂର୍ବରୁ ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ବିଭିନ୍ନ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଗାଁରେ ଗୋଟିଏ ପକାକୂଅ ଖୋଲା ଯାଇଥିଲା କିନ୍ତୁ ସେଥିରେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରି ନ'ଥିଲା।ତେବେ ଉକ୍ତ ଗାଁରେ ବର୍ଷ ବର୍ଷ ଧରି ଏପର୍ଯ୍ୟନ୍ତ ମଧ୍ୟ ପାନୀୟ ଜଳ ସମସ୍ୟା ଲାଗି ରହିଛି। ପାନୀୟଜଳ ସମସ୍ୟାକୁ ନେଇଁ ଅସହ୍ୟ ପରେ ଆଜି ପୁଣି ଥରେ ସିନ୍ଧିଭଟା ଗ୍ରାମର ପଦ୍ମଲୋଚନ ହରିଜନ, ଇନ୍ଦ୍ର ମାଝୀ, ବଳଭଦ୍ର ମାଝୀ, ସୁନା ମାଝୀ, ମଣି ମାଝୀ, ସବିତା ସାହୁ, ଜୟମତି ମାଝୀ, ସାଣେ ମାଝୀ, ଯମୁନା ମାଝୀ, ସସ୍ମିତା ମାଝୀ, ଘାସିରାମ ମାଝୀ, ଶଶୀ ମାଝୀ ସମେତ ସମସ୍ତ ଗ୍ରାମବାସୀ ପ୍ରମୁଖ ଏକତ୍ରିତ ହୋଇ ହାଣ୍ଡି, ଡ଼େକଚି, ଗାରିଆ ଧରି ଲାଞ୍ଜିଗଡ଼ ବିଡ଼ିଓଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେବାସହ ସମସ୍ୟାକୁ ଉପସ୍ଥାପନା କରିଥିଲେ। ଏନେଇ ଯେଉଁ ପର୍ଯ୍ୟନ୍ତ ଉକ୍ତ ଗାଁରେ ବସୁଧା ଯୋଜନା ମାଧ୍ୟମରେ ହେଉ କିମ୍ବା ନଳକୂପ ମାଧ୍ୟମରେ ପାନୀୟଜଳ ସମସ୍ୟାର ସମାଧାନ ନ'ହୋଉଛି ସେପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ଲାଞ୍ଜିଗଡ଼ ବିଡ଼ିଓ ସଶାଙ୍କ ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ଏପଟେ ଆରଡବ୍ଲୁଏସଏସ ବିଭାଗୀୟ ଯନ୍ତ୍ରୀ ଯଶବନ୍ତ ମାଝୀ ମଧ୍ୟ ସମାନ ଭାବରେ ପ୍ରତିକ୍ରିୟା ରଖିଛନ୍ତି। ତେବେ ସିନ୍ଧିଭଟା ଗ୍ରାମବାସୀଙ୍କୁ କେତେ ଦିନ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଛି ଏବଂ କେବେ ଗାଁର ପାନୀୟଜଳ ସମସ୍ୟାର ସମାଧାନ ହେଉଛି ତାହା ଦେଖିବାକୁ ବାକିରହିଲା।